ବର୍ଷ-୧୩, ସଂଖ୍ୟା-୧୪୧
କେନ୍ଦ୍ରାପଡ଼ା
ଅଗଷ୍ଟ ୨୨, ୨୦୨୫, ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ-ଟ ୩.୦୦

Vol.-13, Issue No.141
Kendrapara
August 22, 2025, Friday
Page-08, Rs.3.00

ସାଧାରଣ ଜନତାର ସ୍ୱର

# ସ୍ୱାଧିକାର

RNI Regd. No. ODIODI/2013/49749 Postal Regd. No. CK(N)/19/2023-25
Website : www.swadhikar.in E-mail : swadhikar.news@gmail.com

Swadhikar Odia Daily

# ୩ ବର୍ଷରେ ୪୫ ହଜାର ଶିକ୍ଷକ ନିଯୁକ୍ତି

- ➤ ସୃଷ୍ଟି ହେବେ ୪୦ ହଜାର ନୂତନ ଶିକ୍ଷକ ପଦବୀ
- ➤ ପ୍ରାଥମିକ ଶିକ୍ଷାରେ ହେବ ବ୍ୟାପକ ପରିବର୍ତ୍ତନ
- ➤ ପ୍ରାଥମିକ ଶିକ୍ଷା ପାଇଁ ରାଜ୍ୟରେ ଗୋଟିଏ ବୋର୍ଡ ରହିବ
- ➤ ନିୟମିତ ହେବେ ସ୍କିମାଟିକ ପ୍ରାଥମିକ ଶିକ୍ଷକ
- ➤ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣାରେ ପାଠ୍ୟପୁସ୍ତକ
- ➤ ହଷ୍ଟେଲରେ ରହୁଥିବା ପିଲାମାନଙ୍କ ପାଇଁ ଏଏନଏମ



**ଭୁବନେଶ୍ୱର,୨୧।୮(ସ୍ୱାଧିକାରନ୍ୟୁଜ):** ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ଓଡ଼ିଶାରେ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଆରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ କରିବା ପାଇଁ ପ୍ରାଥମିକ ଶିକ୍ଷାର ଯଥେଷ୍ଟ ଗୁରୁତ୍ୱ ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଅଧିକ ଫୋକସ୍ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରି ଏହି ପରାମର୍ଶ ଦେବା ସହିତ ଅନେକ ନୂତନ ନିଷ୍ପତ୍ତି ନେଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ, ସ୍କିମାଟିକ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ନୂତନ ଶିକ୍ଷାନୀତି ଅନୁଯାୟୀ ଅଧିକ ଶିକ୍ଷକଙ୍କର ଆବଶ୍ୟକତା ରହିଛି। ରାଜ୍ୟରେ ବର୍ତ୍ତମାନ ୪୫, ୨୯୨ ଟି ପ୍ରାଥମିକ ବିଦ୍ୟାଳୟରେ ୧, ୬୦, ୩୧୯ ଟି ଶିକ୍ଷକ ପଦବୀ ରହିଛି। ନୂତନ ଶିକ୍ଷାନୀତି ଅନୁଯାୟୀ ଆଉ ୩୯, ୩୬୬ ଟି ପଦବୀ ସୃଷ୍ଟି କରାଯିବ। ଏହା ସହିତ ଡିସେମ୍ବର ୨୦୨୫ ସୁଦ୍ଧା ୫,୦୬୭ ଟି ଶିକ୍ଷକ ପଦବୀ ମଧ୍ୟ ଖାଲି ହେବ। ତେଣୁ ଏହି ସମସ୍ତ ପଦବୀକୁ ମିଶାଇ ଆସନ୍ତା ୩ ବର୍ଷ ମଧ୍ୟରେ ୪୪, ୪୩୩ ଟି ପଦବୀ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ବର୍ଷକୁ ପ୍ରାୟ ୧୫ ହଜାର ପଦବୀ ପୂରଣ କରାଯିବ।

ସ୍କୁଲ ଶିକ୍ଷାକୁ ସୁଦୃଢ଼ ଓ ଉନ୍ନତ କରିବା ପାଇଁ ରାଜ୍ୟରେ ଗୋଟିଏ ବୋର୍ଡର ଆବଶ୍ୟକତା ରହିଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ଅନୁଯାୟୀ ରାଜ୍ୟର ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ, ସିଏଚଏସଇ) କୁ ମିଶାଇ ଗୋଟିଏ ବୋର୍ଡ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଉଥିବା ବେଳେ ନବମ ଓ ଦଶମ ଶ୍ରେଣୀରେ କେବଳ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କୁ ପାଠ୍ୟପୁସ୍ତକ ଦିଆଯାଉଛି । ନବମ ଓ ଦଶମ ଶ୍ରେଣୀର ସବୁ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦେବାପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଗ୍ରହଣ କରିଥିଲେ।

ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷାର ଆବଶ୍ୟକତା ସହିତ ସ୍ୱାସ୍ଥ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ହଷ୍ଟେଲରେ ରହୁଥିବା ପିଲାମାନଙ୍କ ପାଇଁ ଏଏନଏମ ନିଯୁକ୍ତ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରତ୍ୟେକ ୩୦୦ ପିଲାଙ୍କ ପାଇଁ ଜଣେ ଏଏନଏମ ବା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତ କରିବା ପାଇଁ ନିଷ୍ପତ୍ତି କରାଯାଇଛି। ସେହିପରି ନୂତନ ବେସରକାରୀ ବିଦ୍ୟାଳୟ ଅନୁମୋଦନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଅନଲାଇନ ପ୍ରକ୍ରିୟାରେ କରିବା ପାଇଁ ବୈଠକରେ ନିଷ୍ପତ୍ତି କରାଯାଇଛି । ସେହିପରି ଆଦିବାସୀ ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ଦେବା ଉପରେ ଗୁରୁତ୍ୱାରୋପ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ପିଲାମାନଙ୍କ ସହିତ ଭାଷାଗତ ଯୋଗାଯୋଗରେ ସୁବିଧା ହେବ ଏବଂ ଶିକ୍ଷାର ମାନ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହା ସହିତ ଏସ୍ସିଏସ୍ଟିଆରଟିଆଇ ସହଯୋଗରେ କୋରାପୁଟରେ ଏକ ବହୁଭାଷୀ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନିଆଯିବ। ସେହିପର ଭିନ୍ନକ୍ଷମ ପିଲାଙ୍କ ଶିକ୍ଷା ପାଇଁ ନିୟମିତ ଶିକ୍ଷକ ମାନଙ୍କୁ ଯେଉଁମାନେ ବିଇଡି କରିଥିବେ, ସେମାନଙ୍କୁ ବିଭିନ୍ନ କ୍ଲଷ୍ଟରରେ ରିସୋର୍ସ ପର୍ସନ ଭାବରେ ନିଯୁକ୍ତି ଦିଆଯିବ।ଏନ୍ସିଇଆରଟି ଢାଞ୍ଚାରେ ଏସ୍ସିଇଆରଟିକୁ ବିକଶିତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଡାଇରେକ୍ଟର ଅଫ୍ ଟେକ୍ସଟବୁକ୍ ପବ୍ଲିକେସନ ଆଣ୍ଡ ମାର୍କେଟିଂ ସଂସ୍ଥାର ସୁଦୃଢ଼ୀକରଣ କରାଯିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଶାଳିନୀ ପଣ୍ଡିତ, ଓସେପାର ନିର୍ଦ୍ଦେଶିକା ଅନନ୍ୟା ଦାସ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଜିଏସ୍ଟିରେ ବଡ଼ ସଂସ୍କାର

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):** ଦ୍ରବ୍ୟ ଓ ସେବା କର ବା ଜିଏସ୍ଟିରେ ହେବ ବହୁପ୍ରତିକ୍ଷୀତ ସଂସ୍କାର ଦୀର୍ଘ ଦିନରୁ ଏହା ଉପରେ ଚର୍ଚ୍ଚା ଚାଲିଥିବା ବେଳେ ଜିଏସଟି ସଂସ୍କାର ଆଉ ପାଦେ ଆଗକୁ ବଢ଼ିଛି। ଗ୍ରୁପ ଅଫ ମନିଷ୍ଟର୍ସ (ଜିଏମଓ) ବୈଠକରେ ଜିଏସ୍ଟିରେ ଥିବା ୪ ଥାକିଆ। ସ୍ଲାବ ବା ଟିକସ ବ୍ୟବସ୍ଥାକୁ ହ୍ରାସ କରିବାକୁ ନିଷ୍ପତ୍ତି ହୋଇଛି।

ଗୁରୁବାର ରାଜ୍ୟଗୁଡ଼ିକର ଅର୍ଥମନ୍ତ୍ରୀମାନଙ୍କୁ ନେଇ ବସିଥିବା କମିଟି କେନ୍ଦ୍ର ସ୍ଲାବ ହ୍ରାସ ପାଇଁ ଦେଇଥିବା ପ୍ରସ୍ତାବକୁ ଗ୍ରହଣ କରି ନେଇଛି। ପୂର୍ବରୁ ଜିଏସ୍ଟି ଅଧୀନରେ ୫%, ୧୨%, ୧୮% ୨୮% ଟିକସ ବ୍ୟବସ୍ଥା ଥିଲା। କିନ୍ତୁ ୧୨% ଓ ୨୮% ଟିକସ ବ୍ୟବସ୍ଥାକୁ ଉଚ୍ଛେଦ କରାଯିବ।ଏଣିକି କେବଳ ୫ ଓ ୧୮% ସ୍ଲାବ ବ୍ୟବସ୍ଥା ରହିବ।

- ୪ ସ୍ଲାବ ବଦଳରେ ୨ଟି ସ୍ଲାବ
- ୧୨% ଓ ୨୮% ଟିକସ ବ୍ୟବସ୍ଥା ଉଚ୍ଛେଦ ହେବ
- ଗ୍ରାହକଙ୍କୁ ମିଳିବ ଫାଇଦା




ଏହି ବଡ଼ ସଂସ୍କାର ପରେ ଦେଶରେ ଜିଏସ୍ଟି ୨.୦ ଆରମ୍ଭ ହେବ ଜିଏସଟି ୨.୦ରେ ଟିକସ ବ୍ୟବସ୍ଥା ଆହୁରି ସରଳୀକରଣ ହୋଇଯିବ। ସାଧାରଣ ଲୋକ ଓ ବ୍ୟବସାୟିକଙ୍କ ଉପରେ ବଢୁଥିବା ଆର୍ଥିକ ଚାପ ହ୍ରାସ ପାଇବ ଦେଶ ପ୍ରାୟ ୯୦% ଜିନିଷର ଦାମ ଶସ୍ତା ହୋଇଯିବ।

ବର୍ତ୍ତମାନ ସମୟରେ ଜିଏସଟିର ୪ଟି ସ୍ଲାବ ରହିଛି। ସେଗୁଡ଼ିକ ହେଲା ୫%, ୧୨%, ୧୮% ଓ ୨୮% ଏହି ସ୍ଲାବରେ ବିଭିନ୍ନ ଜିନିଷକୁ ରଖି ସେଗୁଡ଼ିକ ଦାମ ସ୍ଥିର କରାଯାଉଛି। ପ୍ରସ୍ତାବିତ ନୂଆ ଜିଏସ୍ଟି ବ୍ୟବସ୍ଥାରେ ୧୨% ଓ ୨୮% ସ୍ଲାବକୁ ଉଚ୍ଛେଦ କରାଯିବ। ସମସ୍ତ ଦ୍ରବ୍ୟ ଓ ସେଗୁଡ଼ିକ ଏଣିକି ୫% କିମ୍ବା ୧୨% ଟିକସ ବ୍ୟବସ୍ଥା ମଧ୍ୟକୁ ଆସିବେ।ତେବେ ତମ୍ବାକୁ ଓ କିଛି ନିର୍ଦ୍ଦିଷ୍ଟ ବିଳାସପୂର୍ଣ୍ଣ ଜିନିଷ ଉପରେ ପୂର୍ବ ■ପୃ-୭

# ସରିଲା ସଂସଦ

**ନୂଆଦିଲ୍ଲୀ,୨୧।୮(ପିଆଇବି):** ଅଷ୍ଟାଦଶ ଲୋକସଭାର ପଞ୍ଚମ ଅଧିବେଶନ ଆଜି ସମାପନ ହୋଇଛି।

ଅଧିବେଶନର ଶେଷ ଦିନରେ ତାଙ୍କ ଅନ୍ତିମ ଅଭିଭାଷଣରେ, ଲୋକସଭା ବାଚସ୍ପତି ଓମ୍ ବିର୍ଲା। ସଦନରେ କ୍ରମାଗତ ଏବଂ ଯୋଜନାବଦ୍ଧ ବିଭ୍ରାଟ ସୃଷ୍ଟିକୁ ନେଇ ଦୁଃଖ ପ୍ରକାଶ କରିଥିଲେ ଲୋକସଭା କିମ୍ବା ସଂସଦ ପରିସରରେ ସ୍ଲୋଗାନ ଦେବା, ପ୍ଲାକାର୍ଡ ପ୍ରଦର୍ଶନ କରିବା ଏବଂ ଯୋଜନାବଦ୍ଧ ବାଧା ସୃଷ୍ଟି କରିବା ଦ୍ୱାରା ସଂସଦୀୟ କାର୍ଯ୍ୟର ମର୍ଯ୍ୟାଦାକୁ କ୍ଷତି ପହଞ୍ଚାଉଛି ବୋଲି ଶ୍ରୀ ବିର୍ଲା ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ଜନସାଧାରଣ ପ୍ରତିନିଧିମାନଙ୍କଠାରୁ ବହୁତ ଆଶା ରଖନ୍ତି। ତେଣୁ, ସେମାନେ ଗୃହରେ ସେମାନଙ୍କର ସମୟକୁ ଜନସ୍ୱାର୍ଥ ସହ ଜଡ଼ିତ ସମସ୍ୟା ଓ ପ୍ରସଙ୍ଗ ଏବଂ ଗୁରୁତ୍ୱପୂର୍ଣ୍ଣ ଆଇନ ଉପରେ ଗମ୍ଭୀର ଓ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ଉପଯୋଗ କରିବା ଉଚିତ।

### ଯୋଜନାବଦ୍ଧ ବିଭ୍ରାଟ ସୃଷ୍ଟିକୁ ଲୋକସଭା ବାଚସ୍ପତିଙ୍କ ନିନ୍ଦା

ବାଚସ୍ପତି କହିଥିଲେ, ଅଧିବେଶନ ସମୟରେ ସେ ବିଭିନ୍ନ ରାଜନୈତିକ ବର୍ଗର ସଦସ୍ୟମାନଙ୍କୁ ଗୃହରେ କହିବା ଏବଂ ଗୁରୁତ୍ୱପୂର୍ଣ୍ଣ ଆଇନ ଓ ଜନସ୍ୱାର୍ଥ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦେଇଥିଲେ। ତଥାପି ଗୃହରେ କ୍ରମାଗତ ଅଚଳାବସ୍ଥା ଦୁର୍ଭାଗ୍ୟଜନକ ବୋଲି କହି ସେ ଦୁଃଖପ୍ରକାଶ କରିଥିଲେ। ସେ ଜୋର ଦେଇ କହିଥିଲେ, ସଦନରେ ନାରାବାଜି କରିବା ଏବଂ ବିଭ୍ରାଟ ■ପୃ-୭

## ନିଟ୍ ପିଜିରେ ଓଡ଼ିଆ ପୁଅ ଟପ୍ପର

**ଭୁବଦେନଶ୍ୱର,୨୧।୮(ସ୍ୱାଧିକାରନ୍ୟୁଜ):** ସର୍ବଭାରତୀୟ ନିଟ୍ ପିଜି ପରୀକ୍ଷାରେ ବାଜି ମାରିଛନ୍ତି ଓଡିଆ ପୁଅ ପୁଷନ ମହାପାତ୍ର। ସେ ସମୁଦାୟ ୮୦୦ ନମ୍ବରରୁ ୭୦୭ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏବେ ପୁଷନ କଟକ ଏସ୍ସିବି ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ରେ ଏମ୍‌ବିବିଏସ୍ ପଢୁଛନ୍ତି। ଦେଶର ଅଢେଇ ଲକ୍ଷ ପରୀକ୍ଷାର୍ଥୀଙ୍କୁ ପଛରେ ପକାଇ ଟପ୍ପର ସାଜିଛନ୍ତି କଟକ କାଳିଗଳିର ସୁନା ପୁଅ ପୁଷନ। ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଆଗକୁ ସେ ମେଡିସିନ୍ ଓ ରେଡିଓଲୋଜିରେ ସ୍ନାତକୋତ୍ତର କରିବାର ■ପୃ-୭

# ଆଇପିଏସ୍ସ୍ତରରେ ଅଦଳବଦଳ

## ୮ ଜିଲ୍ଲାରେ ଏସ୍‌ପି ବଦଳିଲେ

**ଭୁବନେଶ୍ୱର,୨୧।୮(ସ୍ୱାଧିକାରନ୍ୟୁଜ):** ରାଜ୍ୟ ସରକାର ଆଜି ଆଇପିଏସ୍ ଅଫିସରସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ରାଜ୍ୟ ସରକାର ୧୭ ଜଣ ଆଇପିଏସ୍ ଓ ଜଣେ ଓପିଏସ୍ ଅଧିକାରୀଙ୍କୁ ବଦଳି କରିଛନ୍ତି। ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ବରିଷ୍ଠ ଆଇପିଏସ୍ ସନ୍ତୋଷ ବାଲାଙ୍କୁ ରାଜ୍ୟ କ୍ରାଇମରେକର୍ଡ ବ୍ୟୁରୋ(ଏସସିଆରବି)ରୁ ଓ ପ୍ରବୀଣ କୁମାରଙ୍କୁ କେନ୍ଦ୍ରାଂଚଳ ଡିଆଇଜି ପଦବୀରୁ ହଟାଇ ଦିଆଯାଇଛି। ସେହିପରି କେନ୍ଦ୍ରୀୟ ଡେପୁଟେସନରେ ନିଯୁକ୍ତି ସତ୍ତ୍ୱେ ଓଡ଼ିଶାରେ ରହିଥିବା ଏସ୍. ଗଜଭିୟେଙ୍କୁ ସ୍ୱତନ୍ତ୍ର ସଶସ୍ତ୍ର ପୁଲିସର ଆଇଜି ଭାବେ ଅବସ୍ଥାପିତ କରାଯାଇଛି। ଏହି କ୍ରମରେ ସରକାର ପୁରୀ ଏସ୍‌ପିଙ୍କୁ ବଦଳି କରିଛନ୍ତି। ଏଠାରେ ପିନାକ ମିଶ୍ରଙ୍କ ସ୍ଥାନରେ ପ୍ରତୀକ ସିଂହଙ୍କୁ ନୂଆ ଦାୟିତ୍ୱ ମିଳିଛି। ରାଜ୍ୟ ସରକାର ୮ ଜିଲ୍ଲାରେ ପୁରୀ, ଖୋର୍ଦ୍ଧା, ବାଲେଶ୍ୱର, କଟକ (ଗ୍ରାମାଞ୍ଚଳ), ଜଗତସିଂହପୁର, ସୁନ୍ଦରଗଡ଼, ନୂଆପଡ଼ା ଓ ଝାରସୁଗୁଡ଼ା ଏସ୍‌ପିଙ୍କୁ ବଦଳି କରିଛନ୍ତି।

ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର (ଏସ୍ଏଫ୍ଏସ୍ଏଲ୍) ଅତରିକ୍ତ ନିର୍ଦ୍ଦେଶିକା ଡ. ସନ୍ତୋଷ ବାଲାଙ୍କୁ ଏହି ପ୍ରତିଷ୍ଠାନାନରେ ନିର୍ଦ୍ଦେଶିକା ଦାୟିତ୍ୱ ମିଳିଛି। ଆଇପିଏସ୍ ପ୍ରବୀଣ କୁମାରଙ୍କୁ ଆଇଜି (ପ୍ରୋଭିଜିଅନିଂ)ରେ ଅବସ୍ଥାପିତ କରାଯାଇଛି। ସତୀଶ ଗଜଭିୟେଙ୍କୁ ଆରକ୍ଷୀ ଅଧୀକ୍ଷକଙ୍କ ମୁଖ୍ୟ କାର୍ଯ୍ୟାଳୟରୁ ସ୍ପେଶାଲ ଆର୍ମ ■ପୃ-୭

## ୧୨ ଓପିଏସ୍ ଅଫିସରଙ୍କ ବଦଳି

**ଭୁବନେଶ୍ୱର,୨୧।୮(ସ୍ୱାଧିକାରନ୍ୟୁଜ):** ରାଜ୍ୟ ସରକାର ଆଜି ୧୨ ଓପିଏସ୍ ଅଫିସରଙ୍କୁ ବଦଳି ଓ ଅବସ୍ଥାପିତ କରିଛନ୍ତି। ପୋଲିସ କମିଶନରେଟରେ ଡିସିପି ଥିବା ଓପିଏସ୍ (ଏସ୍ଏଜି) ଥିବା ବିମଳେନ୍ଦୁ ଶତପଥୀ କଟକ ରାଜ୍ୟ ପୋଲିସ ମୁଖ୍ୟାଳୟକୁ ଏସ୍‌ପି ଭାବେ ଅବସ୍ଥାପିତ ହୋଇଛନ୍ତି। ଓପିଏସ୍ (ଏସ୍) କିଶୋର ଚନ୍ଦ୍ର ମଣ୍ଡ କମିଶନରେଟ୍ ପୋଲିସର ଡିସିସି ହୋଇଛନ୍ତି। ସେହିପରି ଅନୁପ କୁମାର କାନୁନଗୋ ■ପୃ-୭

# ଚନ୍ଦକାରେ ହେବ ବିଶ୍ୱର ପ୍ରଥମ ଏସୀୟ ହାତୀ ପାଳନ କେନ୍ଦ୍ର



**ଭୁବନେଶ୍ୱର,୨୧।୮(ସ୍ୱାଧିକାରନ୍ୟୁଜ):** ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରରେ ମାନବ-ହାତୀ ସହାବସ୍ଥାନରେ ସର୍ବୋତ୍ତମ ଅଭ୍ୟାସ ଉପରେ ଏକ ଆନ୍ତର୍ଜାତୀୟ କର୍ମଶାଳାର ଉଦଘାଟନ କରିଛନ୍ତି, ମଣିଷ ଏବଂ ହାତୀ ମଧ୍ୟରେ ଶାନ୍ତିପୂର୍ଣ୍ଣ ଜୀବନଯାପନ ସୁନିଶ୍ଚିତ କରିବା ପାଇଁ ବିଶ୍ୱବ୍ୟାପୀ ସହଯୋଗ ପାଇଁ ଆହ୍ୱାନ କରିଛନ୍ତି। ଏହି ଅବସରରେ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘୋଷଣା କରିଛନ୍ତି ଯେ ରାଜ୍ୟ ସରକାର ପ୍ରଜାତି ବଞ୍ଚାଇବା କମିଶନ, ଭାରତୀୟ ବନ୍ୟପ୍ରାଣୀ ଟ୍ରଷ୍ଟ ଏବଂ କଲମ୍ବସ୍ ଚିଡ଼ିଆଖାନା ଏବଂ ଆକ୍ୱାରିୟମ୍ ସହଯୋଗରେ ଭୁବନେଶ୍ୱରର ଚନ୍ଦକା ବନ୍ୟପ୍ରାଣୀ ଡିଭିଜନ ନିକଟ ଗୋଡ଼ିବାରିରେ ବିଶ୍ୱର ପ୍ରଥମ ପ୍ରଜାତି ବଞ୍ଚାଇବା କେନ୍ଦ୍ର: ଏସୀୟ ହାତୀ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି କେନ୍ଦ୍ର କେବଳ ଓଡ଼ିଶା ପାଇଁ ନୁହେଁ, ବରଂ ସମଗ୍ର ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଏସିଆ। ପାଇଁ ଗବେଷଣା, ନୀତି ଏବଂ ସର୍ବୋତ୍ତମ ଅଭ୍ୟାସକୁ ପ୍ରବର୍ତ୍ତାଇବ ଏହି ପଦକ୍ଷେପ ଏସୀୟ ହାତୀ ସଂରକ୍ଷଣରେ ଏକ ନୂତନ ବିଶ୍ୱ ମାନଦଣ୍ଡ ସ୍ଥାପନ କରିଛି। ଏହା ଦକ୍ଷିଣ-ପୂର୍ବ ଏସିଆରେ ହାତୀ ସଂରକ୍ଷଣ ପାଇଁ ବିଜ୍ଞାନକୁ ଆଗକୁ ବଢାଇବା, ନୀତି ଗଠନ କରିବା ଏବଂ ସାମୁଦାୟିକ କାର୍ଯ୍ୟକୁ ଚାଳିତ କରିବା ପାଇଁ ଏକ ଆଞ୍ଚଳିକ କେନ୍ଦ୍ର ଭାବରେ କାର୍ଯ୍ୟ କରିବ।

### ହାତୀ-ମଣିଷ ସହାବସ୍ଥାନ ପାଇଁ ପଥ ନିର୍ମାଣ କରିବ

ଭାରତ ଏବଂ ବିଦେଶର ବିଶିଷ୍ଟ ବ୍ୟକ୍ତି, ପ୍ରତିନିଧି ଏବଂ ବିଶେଷଜ୍ଞମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଓଡିଶାରେ, ହାତୀ ପଶୁ ଅପେକ୍ଷା ■ପୃ-୭

## ସେପ୍ଟେମ୍ବର ୧୮ରୁ ବିଧାନସଭା

**ଭୁବନେଶ୍ୱର,୨୧।୮(ସ୍ୱାଧିକାରନ୍ୟୁଜ):** ସେପ୍ଟେମ୍ବର ୧୮ ତାରିଖରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ । ଏହା ୨୫ତାରିଖ ଯାଏଁ ଅଧିବେଶନ ଚାଲିବ ବୋଲି ସୂଚନା ମିଳିଛି । ୧୮ରୁ ମୌସୁମୀ ଅଧିବେଶନ ନେଇ ବାଚସ୍ପତିଙ୍କ ଅଫିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଗୃହରେ ସରକାରଙ୍କୁ ଘେରିବାକୁ ବିରୋଧୀ ରଣନୀତି ପ୍ରସ୍ତୁତ କରିଛନ୍ତି । ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏନେଇ କହିଛନ୍ତି ଯେ ୧୪ମାସର ସରକାରଙ୍କ ବିଫଳତା ପ୍ରସଙ୍ଗ ଉଠାଇବୁ । ରାଜ୍ୟରେ ନାରୀ ନିର୍ଯାତନା, ଆଇନ ଶୃଙ୍ଖଳା ପ୍ରସଙ୍ଗ, ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ ପ୍ରସଙ୍ଗ ମଧ୍ୟ ଉଠାଇବ ବିଜେଡି।

## ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ସ୍ଥଗିତ

**କଟକ,୨୧।୮(ସ୍ୱାଧିକାରନ୍ୟୁଜ):** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହେବାକୁ ଥିବା ସ୍ୱତନ୍ତ୍ର ଓଡିଶା ଟିଚର ଇଲିଜିବିଲିଟି ଟେଷ୍ଟ (ଓଟିଇଟି) ସ୍ଥଗିତ ରଖାଯାଇଛି। ଅନିବାର୍ଯ୍ୟ କାରଣରୁ ଓଟିଇଟି ପରୀକ୍ଷା ସ୍ଥଗିତ କରାଯାଇଥିବା ଦର୍ଶାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ବୋର୍ଡ ପକ୍ଷରୁ କୁହାଯାଇଛି ଯେ, ଏହି ପରୀକ୍ଷା ପାଇଁ ନୂଆ ତାରିଖ ଖୁବ ଶୀଘ୍ର ଘୋଷଣା କରାଯିବ।

ବାରମ୍ବାର ସ୍ୱତନ୍ତ୍ର ଇଟିଇଟି ପରୀକ୍ଷା ସ୍ଥଗିତ ରଖାଯାଉଛି। ଥରେ ନୁହେଁ କି ଦୁଇ ଥର ନୁହେଁ। ତିନି ଥର ତାରିଖ ଆସିଲା। ଚତୁର୍ଥ ଥର ପାଇଁ ନୂଆ ତାରିଖ ଘୋଷଣା ହେବ। ଯେଉଁମାନେ ଏହି ପରୀକ୍ଷାରେ ସାମିଲ ହେବେ ସେମାନେ ମଧ୍ୟ ଅଧୈର୍ଯ୍ୟ ହେଲେଣି। ପରୀକ୍ଷା ? ନେଇ ଅନେକଙ୍କ ସନ୍ଦେହ ମଧ୍ୟ ଉପୁଜୁଛି।

ସୂଚନାଯୋଗ୍ୟ, ଗତ ଜୁଲାଇ ୨୦ ତାରିଖରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ହେବାର ଥିଲା। ପେପର-୧ ଓ ପେପର-୨ ପାଇଁ ୭୫ ହଜାର ଶିକ୍ଷକ ପରୀକ୍ଷା ଦେଇଥାନ୍ତେ। ପରୀକ୍ଷା ଦେବା ପାଇଁ ପ୍ରାର୍ଥୀମାନେ ସେମାନଙ୍କର ପରୀକ୍ଷା କେନ୍ଦ୍ରରେ ପହଞ୍ଚି ସାରିଥିଲେ। ହଠାତ ସକାଳୁ ସକାଳୁ ପରୀକ୍ଷା ସ୍ଥଗିତ ରଖାଯାଇଥିଲା। ଫଳରେ ପରୀକ୍ଷାର୍ଥୀମାନେ ନିରାଶ ହୋଇଥିଲେ। ଏହି ଦୁଇଟି ପେପରର ହାତଲେଖା ପ୍ରଶ୍ନ ଓ ତାହାର ଉତ୍ତର ସୋସିଆଲ ■ପୃ-୭

# କେନ୍ଦୁଝରର ଷ୍ଟିଲ୍ ପ୍ଲାଣ୍ଟ ସମୃଦ୍ଧ ଓଡ଼ିଶାର ଭବିଷ୍ୟତ ନିର୍ମାଣ କରିବ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୧।୮(ସ୍ୱାଧିକାରନ୍ୟୁଜ):** ଆଜି ଅପରାହ୍ନରେ ଭୁବନେଶ୍ୱର ରାଜ୍ୟ ଅତିଥି ଭବନ ଠାରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସଂଗଠନ ଓ ନାଗରିକ ମଞ୍ଚ ଜିଲ୍ଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଓ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

ସୂଚନାଯୋଗ୍ୟ ଯେ, ଦକ୍ଷିଣ କୋରିଆର ପ୍ରସିଦ୍ଧ ଇସ୍ପାତ ଶିଳ୍ପ ପୋସ୍କୋ ଏବଂ ଭାରତର ଜେ.ଏସ୍.ଡବ୍ଲ୍ୟୁର ମିଳିତ ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲାର ପାଟଣା ଅଞ୍ଚଳରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଏହା ହେବ ରାଜ୍ୟର ଦ୍ୱିତୀୟ ବୃହତ ଇସ୍ପାତ କାରଖାନା।

ଜିଲ୍ଲାରେ ଏହି କାରଖାନା ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ଶାସନକୁ ଆସିବା ଆଗରୁ ଦାବୀ କରି ଆସୁଥିଲେ। ଏହା ମଧ୍ୟ ଦଳର ନିର୍ବାଚନ ଇସ୍ତାହାରରେ ସ୍ଥାନ ପାଇଥିଲା। କେନ୍ଦୁଝରର ଲୁହାପଥର ବିଦେଶକୁ ରପ୍ତାନୀ ହୋଇ କାମରେ ଆସୁଛି କିନ୍ତୁ ଓଡିଶାରେ ଏହା କାହିଁକି ବ୍ୟବହାର ହୋଇପାରୁନାହିଁ ବୋଲି ମୁଖ୍ୟମନ୍ତ୍ରୀ ସବୁବେଳେ ଦାବୀ କରିଆସୁଥିଲେ ଏବଂ ଏଥିପାଇଁ ଲଗାତାର ଉଦ୍ୟମ ଜାରି ରଖିଥିଲେ।





- ◆ କେନ୍ଦୁଝର ଜିଲ୍ଲାରେ ରାଜ୍ୟର ଦ୍ୱିତୀୟ ବୃହତ୍ ଇସ୍ପାତ୍ କାରଖାନା
- ◆ ପୋସ୍କୋ ଏବଂ ଜେଏସ୍‌ଡବ୍ଲ୍ୟୁ ମିଶି ସ୍ଥାପନ କରିବେ ମେଗା ଷ୍ଟିଲ ପ୍ଲାଣ୍ଟ
- ◆ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଲେ ଜିଲ୍ଲାବାସୀ

କେନ୍ଦୁଝର ଜିଲ୍ଲାବାସୀଙ୍କ ବହୁତ ଦିନର ସ୍ୱପ୍ନ ଥିଲା, ଜିଲ୍ଲାରେ ଇସ୍ପାତ କାରଖାନା ଆଜି ଏହା ସାକାର ହେବାକୁ ଯାଉଛି, ଏହା ସମ୍ଭବ ହୋଇଛି ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକ ପ୍ରଚେଷ୍ଟା ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ବୋଲି ଆଜି ଧନ୍ୟବାଦ ଦେବାପାଇଁ ଆସିଥିବା କେନ୍ଦୁଝର ଜିଲ୍ଲାବାସୀଙ୍କ ମତ ଥିଲା। କେନ୍ଦୁଝର ଜିଲ୍ଲାର ପ୍ରାୟ ସମସ୍ତ ଅଞ୍ଚଳର ଆଦିବାସୀ ମଞ୍ଚ, ଯୁବ ଛାତ୍ରସାମୁଖ୍ୟ, ନାଗରିକ ମଞ୍ଚ, ପ୍ରେସ୍ କ୍ଲବ, ବୁଦ୍ଧିଜୀବି ଓ ଅନ୍ୟାନ୍ୟ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟ, ସ୍ଥାନୀୟ ଜନପ୍ରତିନିଧିମାନେ ହଜାର ହଜାର ସଂଖ୍ୟାରେ ଭୁବନେଶ୍ୱର ଆସି ମୁଖ୍ୟମନ୍ତ୍ରୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଓ ଧନ୍ୟବାଦ ଅର୍ପଣ କରିଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କର ଓଡ଼ିଶା, ବିଶେଷକରି କେନ୍ଦୁଝର ଜିଲ୍ଲାକୁ ଏହି ଅମୂଲ୍ୟ ଉପହାର ପାଇଁ ମଧ୍ୟ କୃତଜ୍ଞତା ଜ୍ଞାପନ କରିଛନ୍ତି ଜିଲ୍ଲାବାସୀ।

କେନ୍ଦୁଝର ଜିଲ୍ଲାବାସୀଙ୍କ ସହିତ ପାଟଣା ବିଧାୟକ ଅଖିଳ ନାୟକ ଏବଂ ତେଲକୋଇ ବିଧାୟକ ■ପୃ-୭

# ଓଲାଭର ବଜାରରୁ ଜବରଦଖଲ ଉଚ୍ଛେଦ ଦାବି

**କେନ୍ଦ୍ରାପଡା,୨୧।୮ (ସ୍ୱାଧିକାର ନ୍ୟୁଜ):** କେନ୍ଦ୍ରାପଡା ଜିଲ୍ଲା ରାଜକନିକା ତହସିଲ ଅନ୍ତର୍ଗତ ଓଲାଭର ବଜାରରେ ଜବର ଦଖଲ କୁ ହଟାଇବା ପାଇଁ ସମାଜସେବୀ ନଳିନୀକାନ୍ତ ପୃଷ୍ଟି ଉପ ଜିଲ୍ଲାପାଳଙ୍କୁ ଭେଟିଥିବା ଜଣାପଡିଛି। ଓଲାଭର ବଜାର ଜବରଦଖଲ ଥିବାରୁ ଆମ୍ବୁଲାନ୍ସ, ସ୍କୁଲଗାଡି, ଦମକଳ ଓ ବସ, ଟ୍ରକ୍ ଇତ୍ୟାଦି ଯାତାୟତ ରେ ଅସୁବିଧା ହେବା ସହ ସ୍ଥାନୀୟ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଜବରଦଖଲ ଯୋଗୁ କଲେଜ ଛାତ୍ରଛାତ୍ରୀ ଯାତାୟତ ସମୟରେ ଦୁର୍ଘଟଣାର ଶୀକାର ହେଉଛନ୍ତି। ଜବରଦଖଲ ମୁକ୍ତ କରିବାପାଇଁ ଜିଲ୍ଲା ପ୍ରଶାସନ ତାରିଖ ଧାର୍ଯ୍ୟ କରିଥିଲେ ମଧ୍ୟ କିଛି ବ୍ୟବସାୟୀ ଜବରଦଖଲ କୁ ନ ହଟାଇବା ପାଇଁ କୋର୍ଟର ଆଶ୍ରୟ ନେଇଥିବା ଜଣାପଡିଛି। ତେବେ କୋର୍ଟର ସମୟସୀମା ଗଡିବା ପରେ ଏହି ଜବର ଦଖଲକୁ ମୁକ୍ତ କରିବା ପାଇଁ ପୁନଶ୍ଚ ଦାବି କରାଯାଇଛି।

# ବେଆଇନ ଗଚ୍ଛିତ ବାଲି ଜବତ ନିର୍ଦ୍ଦେଶ

**କେନ୍ଦ୍ରାପଡା,୨୧।୮ (ସ୍ୱାଧିକାର ନ୍ୟୁଜ):** କେନ୍ଦ୍ରାପଡା ସମେତ ବିଭିନ୍ନ ତହସିଲ ଅଂଚଳରେ ବେଆଇନ ଭାବେ ଗଚ୍ଛିତ ଥିବା ବାଲି ଗୁଡିକୁ ଜବତ କରିବା ପାଇଁ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ତହସିଲଦାର ଓ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ନଦୀରେ ବନ୍ୟା ହେତୁ ବାଲି ଉଠାଇବା ସମ୍ଭବ ନ ହେବାରୁ ବାଲି ଖାଦାନ ନିଲାମରେ ନେଇଥିବା ଠିକାଦାର ମାନେ ଜିଲ୍ଲାର ବିଭିନ୍ନ ଅଂଚଳରେ ଶହ ଶହ ଟ୍ରିପ ବାଲିକୁ ବେଆଇନ ଭାବରେ ଗଚ୍ଛିତ ରଖି ଚଢା ଦରରେ ବିକ୍ରି କରୁଥିବାର ଅଭିଯୋଗ ହେବା ପରେ ବାଲି ଗୁଡିକୁ ଜବତ କରି ସରକାରୀ ରେଟ୍ ରେ ନିଲାମ କରିବା ପାଇଁ ଶ୍ରୀ ନାୟକ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଗରଦପୁର ତହସିଲ ଅଂଚଳରେ ଗଚ୍ଛିତ ଥିବା ବାଲିକୁ ଜବତ କରିଥିବା ଜଣାପଡିଛି।

# ଚୋରି ଅଭିଯୋଗରେ ସ୍ୱାମୀ ଓ ସ୍ତ୍ରୀ ଗିରଫ

**ଘଟଗାଁ,୨୧।୮ (ସ୍ୱାଧିକାର ନ୍ୟୁଜ):** ପାଟଣା ବ୍ଲକ ଘଟଗାଁ ଥାନା ଢେଙ୍କିକୋଟ ଫାଣ୍ଡି ଅଧୀନ ଚିନାମାଳି ଗ୍ରାମର ଲକ୍ଷ୍ମୀପ୍ରିୟା ମହାନ୍ତ ଓ ଚତୁର୍ଭୁଜ ମହାନ୍ତ ଙ୍କ ଘରୁ ଅଗଷ୍ଟ ୨୦ତାରିଖ ଚୋରୀ ହୋଇଥିଲା।ଚୋରୀ ସମ୍ପର୍କରେ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ ଖବର ପାଇବା ପରେ ଆଖପାଖ ଅଞ୍ଚଳରେ ତନାଘନା ଚଳାଇଥିଲେ। ଉଭୟଙ୍କୁ ଢେଂକିକୋଟ କଲେଜ ସାମ୍ନା ଛେଳି ହାଟ ନିକଟରୁ କାବୁ କରିଥିଲେ। ପଚରା ଉଚରା କରିବା ପରେ ଦୁହେଁ ସ୍ୱାମୀ ଓ ସ୍ତ୍ରୀ ଏବଂ ତାଙ୍କ ଘର ଭଦ୍ରକ ଜିଲ୍ଲା ଧାମରା ପାଇକ ସାହି ଯାଯାବର ସମ୍ପ୍ରଦାୟର ସ୍ୱାମୀ କାଳିଆ ଶବର ଓ ସ୍ତ୍ରୀ ବର୍ଷା ସିଂ ବୋଲି ଜଣା ପଡିଛି। ଉଭୟଙ୍କୁ ଘଟଗାଁ ଥାନା ନେବାପାରେ ପ୍ରଥମେ ଲକ୍ଷ୍ମୀପ୍ରିୟା ଘରୁ ସୁନା ଓ ରୂପା ଅଳଙ୍କାର ଚୋରୀ କରିବା ସହ ଚତୁର୍ଭୁଜ ଙ୍କ ଘରୁ ଏକ ମୋବାଇଲ ଫୋନ ଓ ନଗଦ ୩୭୦୦ଟଙ୍କା ଚୋରୀ କରିଥିବା ସ୍ୱୀକାର କରିଥିଲେ।ସମସ୍ତ ତଥ୍ୟ ପାଇବା ପରେ ଘଟଗାଁ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ଚୋରୀ ଜିନିଷ ଗୁଡିକ ଜବତ କରିବା ସହିତ ଉଭୟ ସ୍ୱାମୀ ଓ ସ୍ତ୍ରୀ ଙ୍କୁ କୋର୍ଟ ଚାଲାଣ କରିଛନ୍ତି।

# ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବାରିପଦା,୨୧।୮ (ସ୍ୱାଧିକାର ନ୍ୟୁଜ):** ସୋନ ନଦୀକୁ ଡେଇଁ ନିଖୋଜ ଥିବା ଯୁବକଙ୍କ ମୃତଦେହ ଆଜି ସକାଳେ ଉଦ୍ଧାର ହୋଇଛି। ୧୨ ଘଂଟା ଧରି ପୋଲ ଠାରୁ ତଳମୁଣ୍ଡ ଅର୍ଥାତ୍ ନଦୀରେ ୧ କି.ମି. ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମୃତଦେହକୁ ଉଦ୍ଧାର କରିଛି ଅଗ୍ନିଶମ ବାହିନୀ। ମୃତକ ହେଲେ ମୟୂରଭଞ୍ଜ ଜିଲ୍ଲା ଉଦଳା ବିଜ୍ଞାପିତ ଅଂଚଳ ପରିଷଦ(ଏନଏସି) ଅନ୍ତର୍ଗତ ୯ ନମ୍ବର ୱାର୍ଡ଼ରେ ଅଶ୍ୱିନୀ ଅମିତାଭ ବିଶ୍ୱାଳ ଓରଫ ରାଜା । ସେ ଗତକାଲି ଜିରିଡା ପୋଲ ଉପରୁ ନଦୀକୁ ଡେଇଁ ପଡିଥିଲେ। ଘଟଣା ପର ଠାରୁ ସେ ନିଖୋଜ ଥିଲେ । ପାରିବାରିକ ଅଶାନ୍ତି ଓ ଋଣଗ୍ରସ୍ତ ଯୋଗୁଁ ସେ ଆତ୍ମହତ୍ୟା ଭଳି ଚରମ ନିଷ୍ପତି ନେଇଥିବା କୁହାଯାଉଛି। ଉଦଳା ହସପିଟାଲରେ ଶବ ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଉଦଳା ଥାନାରେ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଗୋ-ପୂଜନ କାର୍ଯ୍ୟକ୍ରମ



**କେନ୍ଦ୍ରାପଡା,୨୧।୮ (ସ୍ୱାଧିକାର ନ୍ୟୁଜ):** ଗୋ-ସେବା ଓ ପୂଜା ମହତ ପୂଜା। ଏହି ଅବସରରେ କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରମରେ ଥିବା ଗଡେଶ୍ୱର ଗୋଶାଳାରେ ଗୋ-ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଯୁବକମାନଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବାସନ୍ତୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପୂଜା କରିଥିଲେ। ଏହି ଅବସରରେ ଗୋମାତାଙ୍କୁ ବିଭିନ୍ନ ପ୍ରକାର ଖାଦ୍ୟ ଦିଆଯାଇଥିଲା। ସ୍ୱେଚ୍ଛାସେବୀ ମାନଙ୍କ ପକ୍ଷରୁ ଗୋଶାଳା ସଫାସୁତୁରା କରାଯାଇଥିଲା।

# ଡେରାବିଶରେ ପୁଣି କୁକୁଡ଼ା ମଡକ



**ଡେରାବିଶ,୨୧।୮ (ସ୍ୱାଧିକାର ନ୍ୟୁଜ):** ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ କୁକୁଡ଼ା ଫାର୍ମମାନଙ୍କରେ ପୁଣି କୁକୁଡ଼ା ମଡକ ଦେଖିବାକୁ ମିଳିଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ବାର୍ଡ ଫ୍ଲୁ ଜନିତ କାରଣରୁ ହଜାର ହଜାର କୁକୁଡା ମରାଯାଉଥିବା ବେଳେ ଡେରାବିଶ ଅଞ୍ଚଳ କୁକୁଡ଼ା ଋଷୀଙ୍କ ମଧ୍ୟରେ ଏହି ଘଟଣାକୁ ନେଇ ଭାଳେଣୀ ପଡ଼ିଛି। ବ୍ଲକ ଅଧିନସ୍ଥ ନରସିଂହପୁର, ବାଲିଆ, ଗୋଲରାହାଟ, ଖମୋଳ ଦାନପୁର, ହରିଅଙ୍କ ଓ ଏଣ୍ଡର ପ୍ରଭୁତି ପଞ୍ଚାୟତ ମାନଙ୍କରେ ବହୁ ଋଷୀ କୁକୁଡ଼ା ଫାର୍ମ କରି ଜୀବିକା ନିର୍ବାହ କରିଥାନ୍ତି। ମାତ୍ର ଦୁଇ ଦିନ ହେବ ବିଭିନ୍ନ ଫାର୍ମରେ ଶହ ଶହ କୁକୁଡା ମରିବା ଘଟଣା ଋଷୀଙ୍କ ଆଖିରୁ ନିଦ ହଜାଇଛି। ବ୍ଲକ ଅଧିନସ୍ଥ ବାଲିଆ ପଞ୍ଚାୟତ ଜାଗୁଳାଇପଡା ଗ୍ରାମର ମନ୍ମଥ ସାହୁ ନିଜ ଫାର୍ମରେ କୁକୁଡ଼ା ଛୁଆ ପକାଇଥିଲେ।

ଦୁଇଦିନ ହେବ ଏହି ଫାର୍ମରେ ପ୍ରାୟ ୭ ଶହରୁ ଉର୍ଦ୍ଧ୍ୱ କୁକୁଡ଼ା ମୃତ୍ୟୁବରଣ କରିଥିବା ବେଳେ ନରସିଂହପୁର ପଞ୍ଚାୟତ ତିଲଙ୍ଗ ଗ୍ରାମର ଅନିରୁଦ୍ଧ ଖଟୁଆଙ୍କ ଫାର୍ମରେ ଅନୁରୂପ ଭାବେ ୩ ଶହରୁ ଉର୍ଦ୍ଧ୍ୱ କୁକୁଡ଼ା ମରିଥିବା ଯୋଗୁ ଏହା ବାର୍ଡ ଫ୍ଲୁ ଜନିତ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି।

ଗୁରୁବାର ଡେରାବିଶ ମଣ୍ଡଳ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଦିଲ୍ଲିପ କୁମାର ସେଠୀଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲା ପ୍ରାଣୀଚିକିତ୍ସକ (ରୋଗ ନିରୂପଣ) ଡ଼ା ମନୀଷ ସିଂ, ବିଭାଗୀୟ ଉପ ନିର୍ଦ୍ଦେଶକ ଡ଼ଃ ତୁଷାର ମିଶ୍ର ଓ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ଡା ରୁଦ୍ରନାରାୟଣ ନାୟକ ଉକ୍ତ ଦୁଇଗୋଟି ଫାର୍ମର ସ୍ଥିତି ଅନୁଧ୍ୟାନ କରିବା ସହିତ ରକ୍ତ ନମୁନା ସଂଗ୍ରହ କରିଛନ୍ତି।

ଏ ସମ୍ପର୍କରେ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଦିଲ୍ଲିପ କୁମାର ସେଠୀଙ୍କୁ ପଚାରିବାରୁ ସେ ଉକ୍ତ କୁକୁଡ଼ା ଫାର୍ମକୁ ଯାଇ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷଣ ପାଇଁ ପଠାଇଛନ୍ତି। ରିପୋର୍ଟ ଆସିଲେ ଏହା ବାର୍ଡ ଫ୍ଲୁ କି ନୁହେଁ ତହା ସ୍ୱଷ୍ଟ ହୋଇଯିବ ବୋଲି କହିଥିଲେ। ବ୍ଲକର ବିଭିନ୍ନ ସ୍ଥାନରେ ଥିବା କୁକୁଡ଼ା ଫାର୍ମ ଉପରେ ସେ ନଜର ରଖିଛନ୍ତି। ବାର୍ଡ ଫ୍ଲୁ କୁ ରୋକିବା ପାଇଁ ସରକାରୀ ସ୍ତରରେ ସବୁ ପ୍ରକାର ଉଦ୍ୟମ ଜାରି ରହିଥିବା ଡାକ୍ତର ସେଠୀ ତାଙ୍କ ପ୍ରତିକ୍ରିୟାରେ କହିଥିଲେ।

# ଆଳିକୁ ଏନ୍ଏସି ଘୋଷଣା ପାଇଁ କଂଗ୍ରେସର ଦାବି

**ଆଳି,୨୧।୮ (ସ୍ୱାଧିକାର ନ୍ୟୁଜ):** ଆଳି ନିର୍ବାଚନ ମଣ୍ଡଳୀରେ ଏବେ ବି ଥମୁନି ପ୍ରତିବାଦର ସ୍ୱର। ଆଳି କଂଗ୍ରେସ ତରଫରୁ ପୂର୍ବତନ ବିଧାୟକ ସ୍ୱର୍ଗତ ଦେବେନ୍ଦ୍ର ଶର୍ମା ଅନେକ ଥର ଆଳି, କନିକାକୁ ସବଡିଭିଜନ ଘୋଷଣା ପାଇଁ ବିଧାନସଭାରେ ବହୁବାର ପ୍ରସ୍ତାବ ଦେଇଥିଲେ। ଯାହା ପୂର୍ବ ସରକାର ଗ୍ରହଣ କଲେ ନାହିଁ। ବର୍ତ୍ତମାନ ନୂଆ ସରକାର ଆସିବାରେ ସରକାର ୭ ଜିଲ୍ଲାକୁ ନୂତନ ୧୨ ଗୋଟି ଏନଏସି ଘୋଷଣା କରିଛନ୍ତି ଏବଂ ନୋଟିଫିକେସନ ଜାରି ହୋଇଛି। ସେଥିମଧ୍ୟରୁ ଆଳି, କନିକା ବାଦ୍ ପଡ଼ିଛି। ଆଳି ସମସ୍ତ ଯୋଗ୍ୟତାର ଅଧିକାରୀ ଥାଇ ବି ଏନଏସି ତାଲିକାରୁ ବାଦ୍ ପଡିବା ସମ୍ପୂର୍ଣ୍ଣ ବିଡ଼ମ୍ବନାର ବିଷୟ। ଆଳି ସଦରରେ ଏକ ବଡ଼ ବଜାର ସହ ସ୍କୁଲ୍, କଲେଜ ବ୍ଲକ ତହସିଲ, ମେଡିକାଲ ଥାନା ଆଦି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ମଧ୍ୟ ରହିଛି। ଆଳିର ସଦରମହକୁମା ସଂଲଗ୍ନ ପ୍ରାୟ ୫ ଗୋଟି ପଞ୍ଚାୟତର ଲୋକସଂଖ୍ୟା ପ୍ରାୟ ପଚଶ ହଜାର ହେବ। କଟକ ଋନ୍ଦବାଲି ରାଜପଥରେ ଆଳି ଏକ ଭୌଗୋଳିକ ସ୍ଥିତିରେ ଅବସ୍ଥିତ। ରାଜ୍ୟ ସରକାରଙ୍କର ଏନଏସି ଆବଶ୍ୟକ ବିଭିନ୍ନ ସର୍ତ୍ତାବଳୀକୁ ଆଳି ବ୍ଲକ୍ ପୂରଣ କରୁଥିବା ବେଳେ ଏନଏସି ପାଇଁ ବିଭିନ୍ନ ଭିତ୍ତିଭୂମି ରହିଥିଲେ ମଧ୍ୟ ସରକାର ଆଳିକୁ ଅଣଦେଖା କରିଛନ୍ତି। ଯାହା ପ୍ରତିବାଦର ସ୍ୱର ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦିକା ଡକ୍ଟର ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ହଜାର ହଜାର ନାଗରିକ



ଆଳିକୁ ଏନଏସି ଘୋଷଣା ପାଇଁ ଆଳି ତହସିଲ୍ ପରିସରରେ କଂଗ୍ରେସ କର୍ମୀ ଯୋଗ ଦେଇ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା କଂଗ୍ରେସ ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ଦାସ, ଆଳି କଂଗ୍ରେସ ବ୍ଲକ୍ ସଭାପତି ରବିନାରାୟଣ ବେହେରା, କନିକା ବ୍ଲକ୍ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, ଆଳି ଯୁବ କଂଗ୍ରେସ ସଭାପତି ରାଜମୋହ ସ୍ୱାଇଁ, ପ୍ରଭାକର ସାହୁ, ମାନଗୋବିନ୍ଦ ଦାସ, ଦର୍ପନାରାୟଣ ସାହୁ, ବ୍ରଜକିଶୋର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଆସ ସ୍କୁଲ ଯିବା ସଚେତନତା କାର୍ଯ୍ୟକ୍ରମ

**କେନ୍ଦ୍ରାପଡା,୨୧।୮ (ସ୍ୱାଧିକାର ନ୍ୟୁଜ):** କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ପକ୍ଷରୁ "ଆସ ସ୍କୁଲ ଯିବା" ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମଗ୍ର ଶିକ୍ଷା ବିଭାଗ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ରଘୁରାମ ଆର ଆୟାର ଅଧକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ରବିନ୍ଦ୍ର କୁମାର ମଲିକଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ, ଡିଓ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀ ମାନେ ଅଂଶ



ଗ୍ରହଣ କରିଥିଲେ । ବିକଶିତ ଭାରତ ଓ ବିକଶିତ ଓଡିଶା ଗଠନରେ ବିଦ୍ୟାଳୟ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାବେଳେ ସ୍ୱପ୍ନର ଓଡିଶା ଗଠନରେ ମୂଳଦୁଆ ହେଉଛି ବିଦ୍ୟାଳୟ ଶିକ୍ଷା, ୫ବର୍ଷରୁ ୧୮ ବର୍ଷ ବୟସ୍କ ପ୍ରତ୍ୟେକ ପିଲା ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ ହେଲେ ଏହି ଅଭିଯାନ ସଫଳ ହେବା ସହ ଆମ ରାଜ୍ୟ ପୂର୍ଣ୍ଣ ଶିକ୍ଷିତ ଓ ବିକଶିତ ହୋଇପାରିବ ବୋଲ ଆଲୋଚନା କରାଯାଇଥିଲା । ଯେଉଁ ପିଲାମାନେ ପୂର୍ବରୁ ନାମ ଲେଖାଇ ଥିଲେ ମଧ୍ୟ ବର୍ତମାନ ସ୍କୁଲ ଛାଡିଛନ୍ତି ସେମାନଙ୍କୁ ସ୍କୁଲକୁ ଫେରାଇ ଆଣିବା, ଯେଉଁମାନେ ଆଦୌ ସ୍କୁଲକୁ ଆସି ନହାଁନ୍ତି, ସେମାନଙ୍କୁ ବୟସ ଅନୁପାତରେ ଉପଯୁକ୍ତ ଶ୍ରେଣୀରେ ନାମ ଲେଖାଇବା, ଯେଉଁମାନେ ନାମ ଲେଖାଇ ପାଠ ପଢୁଛନ୍ତି ସେମାନେ ଯେପରି ଅଧାରୁ ପାଠ ଛାଡିବେ ନାହିଁ ଓ ପାଠପଢା ଜାରି ରଖିବେ ତାହା ସୁନିଶ୍ଚିନ୍ତ କରିବା । ପିଲାମାନଙ୍କୁ ଶିକ୍ଷା ସହ ଯୋଡି ରଖି ଆବଶ୍ୟକତା ଅନୁଯାଇ ସହାୟତା ପ୍ରଦାନ କରିବା ଆଦି ବିଷୟରେ ଆଲୋଚନା କରା ଯାଇଥିଲା । "ଆସ ସ୍କୁଲ ଯିବା" ଅଭିଯାନକୁ ଗଣ ଆନ୍ଦୋଳନ ରେ ପରିଣତ କରିବା ପାଇଁ ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟ ମାନଙ୍କୁ ନେଇ ଅଭିଯାନର ପଦଯାତ୍ରା ଓ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଜଣାପଡିଛି ।

# ଅତିରିକ୍ତ ରାଜସ୍ୱ କମିଶନରଙ୍କ କୋର୍ଟରେ ବିଚାର ହେଉନି ମାମଲା

**କେନ୍ଦ୍ରାପଡା,୨୧।୮ (ସ୍ୱାଧିକାର ନ୍ୟୁଜ):** କେନ୍ଦ୍ରାପଡା ରେ ଥିବା ଅତିରିକ୍ତ ରାଜସ୍ୱ କମିଶନରଙ୍କ କୋର୍ଟରେ ଜିଲ୍ଲାର ୫ଟି ତହସିଲର ମାମଲା ବିଚାର ହେଉଥିବ ବେଳେ ଅବଶିଷ୍ଟ ୪ଟି ତହସିଲର ମାମଲା ବିଚାର କରାଯାଉ ନାହିଁ ବୋଲି ଅଇନଜୀବୀ ମାନେ ଅଭିଯୋଗ କରିଛନ୍ତି । ୨୦୨୨ ମସିହାରୁ କେନ୍ଦ୍ରାପଡାରେ ଅତିରିକ୍ତ ରାଜସ୍ୱ କମିଶନରଙ୍କ କୋର୍ଟ ଖୋଲାଯାଇ ଜିଲ୍ଲାର ସମସ୍ତ ତହସିଲ ଅଧିନ ଜମିଜମା ମାମଲା ବିଚାର ପାଇଁ ଆଶା ରଖା ଯାଇଥିବା ବେଳେ ଏବେ କେବଳ ଆଳି, କନିକା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା ଓ ଡେରାବିଶ ପ୍ରଭୃତି ୫ଟି ତହସିଲର ମାମଲା ପଞ୍ଜିକୃତ କରାଯିବା ସହ ବିଚାରକରାଯାଉ ଥିବବେଳେ ଅବଶିଷ୍ଟ ରାଜନଗର, ମହାକାଳପଡା, ମାର୍ଶାଘାଇ ଓ ଗରଦପୁର ର କେସ ମାନ କଟକ କୋର୍ଟରେ ପଡି ରହିଛି । ଏହି ୪ଟି ତହସିଲର ନୂଆ ମାମଲା ମଧ୍ୟ କେନ୍ଦ୍ରାପଡା ରେ ଗ୍ରହଣ କାରଯାଉ ନାହିଁ । ଅପରପକ୍ଷରେ ଯେଉଁ ୫ଟି ତହସିଲର ମାମଲା ଏଠାରେ ବିଚାର କରାଯାଉଛି, ତାହାର ରାୟ ବାହାରିବା ପରେ ମଧ୍ୟ ସାର୍ଟିଫାଏଡ୍ କପି କଟକରୁ ମିଳିବ ବୋଲି କମିଶନର କୋର୍ଟ ପକ୍ଷରୁ ସୂଚନା ଦିଆଯାଉଛି । ଯାହା ଫଳରେ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅପରପକ୍ଷରେ ଜିଲ୍ଲାକୁ ୧୯୩୦ ମସିହାର ରେକର୍ଡ, ଖାତା, ଖତିଆନ ଆସିଥିଲେ ମଧ୍ୟ ତାହାର ଅମିନ ରିପୋର୍ଟ, ୟାଦ୍‌ଦାସ୍ତ ରିପୋର୍ଟ ଓ ପ୍ଲଟ୍ ଇଣ୍ଡେକ୍ସ ଆଦି ଆସି ନଥିବାରୁ ସାଧାରଣ ଲୋକେ ଏହି ରେକର୍ଡ ସବୁ ପାଇବା ପାଇଁ ବାରମ୍ବାର କଟକ ଦୌଡି ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହୋଇଛି । ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଆଇନଜୀବି ମୋହନ ଚରଣ ସାହୁ, ଦୁର୍ଯ୍ୟୋଧନ ସାହୁ, ଦିଲିପ କୁମାର ପରିଡା, ଅରୁଣ କୁମାର ମହାପାତ୍ର, ଶାନ୍ତି ସ୍ୱରୂପ ଭୂୟାଁ, ନିରାକାର ପ୍ରଧାନ ପ୍ରମୁଖ ଦାବି କରିଛନ୍ତି ।

# ସର୍ପାଘାତରେ ବ୍ୟବସାୟୀଙ୍କ ମୃତ୍ୟୁ

**ପଟ୍ଟାମୁଣ୍ଡାଇ,୨୧।୮ (ସ୍ୱାଧିକାର ନ୍ୟୁଜ):** ଋଟ ବ୍ୟବସାୟ କରି ପରିବାର ଚଳାଉଥିବା ନୀଳକଣ୍ଠପୁର ଗ୍ରାମର ଯୁବବ୍ୟବସାୟୀ ମଧୁସୂଦନ ନନ୍ଦୀ (୩୫)ଙ୍କ ସର୍ପାଘାତରେ ପରଲୋକ ହୋଇଯାଇଛି। ଏହି ଘଟଣା ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳାଇ ଦେଇଛି। ମଧୁସୂଦନ ୧୯ତାରିଖ ରାତିରେ ନିଜ ଘରେ ଶୋଇଥିବାବେଳେ ବିଳମ୍ବିତ ରାତିରେ ଏକ ବିଷଧର ସାପ କାମୁଡି ଦେଇଥିଲା। ପରିବାରଲୋକ ଓ ଗ୍ରାମବାସୀ ଚିକିତ୍ସା ପାଇଁ ମଧୁସୂଦନଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ଓ ପରେ ପରେ କେନ୍ଦ୍ରାପଡ଼ା ହସ୍ପିଟାଲ ନେଇଥିଲେ। ମାତ୍ର ଅବସ୍ଥା ଗୁରୁତର ହେବାରୁ ତାକୁ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଧୁସୂଦନଙ୍କ ମୃତ୍ୟୁ ଘଟିଛି। ନୀଳକଣ୍ଠପୁର ଗ୍ରାମ ସ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଅତ୍ୟନ୍ତ ଗରିବ ଶ୍ରେଣୀର ଯୁବବ୍ୟବସାୟୀ ମଧୁସୂଦନଙ୍କ ଘରେ ବିଧବା ପତ୍ନୀ ଓ ଛୋଟ ଛୋଟ ୨ପୁଅ ଅଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇବାକୁ ଦାବି ହେଉଛି।

# ୫ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍

**କେନ୍ଦ୍ରାପଡା,୨୧।୮ (ସ୍ୱାଧିକାର ନ୍ୟୁଜ):** ଶିକ୍ଷା ବିଭାଗର ନିର୍ଦ୍ଦେଶକୁ ବେଖାତିର କରିବା, ମାର୍ଗଦର୍ଶିକାକୁ ଶିକ୍ଷକ/ଶିକ୍ଷୟତ୍ରୀମାନେ ନ ମାନିବା ଓ ଅନୁଶାସନକୁ ଅନୁପାଳନ ନ କରିବା ଅଭିଯୋଗରେ ୫ ଜଣ ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ କେନ୍ଦ୍ରାପଡ଼ା ବ୍ଲକ ଶିକ୍ଷାଧିକାରୀ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । କାରଣ ଦର୍ଶାଅ ନୋଟି ଜାରି ହୋଇଥିବା ଶିକ୍ଷକମାନେ ହେଉଛନ୍ତି କେନ୍ଦ୍ରାପଡା ବ୍ଲକ୍ ଅଧୀନ ଗୋବିନ୍ଦଜିଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଏସ୍ ?.କେ. ଖତିବ, ସହକାରୀ ଶିକ୍ଷକ ଦାଶରଥୀ ନାୟକ, ସହକାରୀ ଶିକ୍ଷକ ଅଭୟ ମଲ୍ଲିକ୍, ସହକାରୀ ଶିକ୍ଷକ ସେକ୍ ମହମ୍ମଦ୍ ଅୟାସୁଦ୍ଦିନ ଓ ସହକାରୀ ଶିକ୍ଷୟିତ୍ରୀ ରଶ୍ମିତା ମହାନ୍ତି। ଏହି ନୋଟିସରେ ଉଲ୍ଲେଖ ରହିଛି ଯେ ଗତ ୬ ତାରିଖରେ ବ୍ଲକ ଶିକ୍ଷାଧିକାରୀ ଏହି ବିଦ୍ୟାଳୟକୁ ଅଚାନକ ପରିଦର୍ଶନରେ ଯାଇଥିଲେ । ଏହି ସମୟରେ ସେ ଦେଖିବାକୁ ପାଇଥିଲେ ଯେ ଉପରୋକ୍ତ ଶିକ୍ଷକ/ଶିକ୍ଷୟିତ୍ରୀମାନେ ଲେସନ୍ ଡାଏରି, ଲେସନ ନୋଟ୍ ଆଦି ପ୍ରସ୍ତୁତ କରିନାହାଁନ୍ତି । ଶ୍ରେଣୀରେ ପ୍ରବେଶ କରିବା ପୂର୍ବରୁ ଏହି କାର୍ଯ୍ୟ କରିବା କଥା । ହେଲେ ସେମାନେ ଦୀର୍ଘଦିନ ଧରି ଏହି କାର୍ଯ୍ୟ କରି ନାହାଁନ୍ତି । ଶିକ୍ଷାବିଭାଗ ମାର୍ଗଦର୍ଶିକା ଅନୁଯାୟୀ ଏହି ସବୁ କାର୍ଯ୍ୟ ଶିକ୍ଷକ/ଶିକ୍ଷୟିତ୍ରୀମାନେ ପ୍ରତିଦିନ କରିବା ବାଧ୍ୟତାମୂଳକ । ହେଲେ ଏହି ମାର୍ଗଦର୍ଶିକାକୁ ଉପରୋକ୍ତ ଶିକ୍ଷକ/ଶିକ୍ଷିତ୍ରୀମାନେ ମାନନ୍ତି ନାହିଁକି ନିଜ ମନ ଅନୁସାରେ କାର୍ଯ୍ୟ କରନ୍ତି । କାର୍ଯ୍ୟରେ ଏଭଳି ଅବହେଳା ସରକାରୀ କର୍ମଚାରୀଙ୍କ ଠାରୁ ଆଶା କରାଯାଇ ନଥାଏ । ସରକାରୀ ମାର୍ଗଦର୍ଶିକାକୁ ଖିଲାପ କରି କାର୍ଯ୍ୟ କରିବା ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ଅପ୍ରୀତିକର। ତେଣୁ ସେମାନଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେ ନେଇ ୨ ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସର ଜବାବ ରଖିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଶିକ୍ଷା ବିଭାଗର ଜଣେ କର୍ମଚାରୀଙ୍କ କହିଛନ୍ତି ଏହି ଶିକ୍ଷକମାନଙ୍କ ମଧ୍ୟରୁ ଜଣେ ଜନସେବା କେନ୍ଦ୍ର ଖୋଲିଛନ୍ତି। ତେଣୁ ସେ ବିଦ୍ୟାଳୟକୁ ଅଳ୍ପ ସମୟ ପାଇଁ ଆସନ୍ତି ଓ ନିଜ ଜନସେବା କେନ୍ଦ୍ରରେ ଅଧିକ ସମୟ ଦିଅନ୍ତି। ଏପଟେ ସରକାରଙ୍କ ଠାରୁ ଦରମା ନିଅନ୍ତି ସେପଟେ ଦୋକାନରେ ବସି ଟଙ୍କା ରୋଜଗାର କରନ୍ତି ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଛାତ୍ର - ଅଣଛାତ୍ର ମୁହାଁମୁହିଁ

**ଗଞ୍ଜାମ,୨୧।୮ (ସ୍ୱାଧିକାର ନ୍ୟୁଜ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତିକୁ ନେଇ ତେଜିଛି ରାଜନୀତି। ଯାହାକୁ ନେଇ ରାତି ଅଧରେ ଗୋପାଳପୁର ଥାନା ଘେରାଉ କରିଛନ୍ତି ଭଞ୍ଜବିହାର ଛାତ୍ର। ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ନେତୃତ୍ୱରେ ଅନେକ ଛାତ୍ର ଗତକାଲି ରାତିରେ ଗୋପାଳପୁର ଥାନା ସମ୍ମୁଖରେ ବସି ବିକ୍ଷୋଭ ପ୍ରଦର୍ଶନ କରିବା ସହ ନାରାବାଜି କରିଥିଲେ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ଆନ୍ଦୋଳନକାରୀ । ଯାହାକୁ ନେଇ କିଛି ସମୟ ଧରି ସେଠାରେ ଉତେଜନା ପ୍ରକାଶ ପାଇଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ସ୍ଥିତିକୁ ନିୟନ୍ତ୍ରଣକୁ ନେଇଛି । ଏବଂ କାର୍ଯ୍ୟାନୁଷ୍ଠାନ ନେଇ ପ୍ରତିଶୃତି ଦେବା ପରେ ଗତକାଲି ବିଳମ୍ବିତ ରାତିରେ ଧାରଣାରୁ ହଟିଛନ୍ତି ଆନ୍ଦୋଳନରତ ଛାତ୍ର। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗତକାଲି ନୂଆଖାଇ ଉପଲକ୍ଷେ ଆୟୋଜିତ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ବେଳେ ସେଠାରେ ଛାତ୍ର - ଅଣଛାତ୍ର ମୁହାଁମୁହିଁ ହୋଇଥିଲେ।

# ବିଦ୍ୟୁତ ବିଭାଗ ପକ୍ଷରୁ ମକଡ୍ରିଲ

**ମହାକାଳପଡ଼ା,୨୧।୮ (ସ୍ୱାଧିକାର ନ୍ୟୁଜ):** ମହାକାଳପଡ଼ା ବ୍ଲକ କେୟାରବାଙ୍କ ସ୍ଥିତ ଟିପିସିଓଏଲ ପକ୍ଷରୁ ସ୍ଥାନୀୟ କେୟାରବାଙ୍କ ସ୍ଥିତ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ପରିସରରେ ଆଜି ଅଗ୍ନୀ ନିରାପତ୍ତା ପାଇଁ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାକାଳପଡ଼ା ବିଦ୍ୟୁତ ବିଭାଗ ଓ ମହାକାଳପଡ଼ା ଅଗ୍ନି ସେବା ବାହିନୀର ମିଳିତ ସହଯୋଗରେ ଆୟୋଜିତ ଏହି



ମକଡ୍ରିଲ କାର୍ଯ୍ୟକ୍ରମରେ ବିଦ୍ୟୁତ ବିଭାଗର କର୍ମକର୍ତ୍ତାମାନଙ୍କୁ ନିଆଁଲିଭାର ବିଭିନ୍ନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ମଣିଷ ଶରୀରରେ ଯଦି କୌଣସି କାରଣରୁ ନିଆଁ ଲାଗିଗଲା ତେବେ ଦୌଡ଼ା ଦୌଡ଼ି ନକରି ତଳେ ଗଡ଼ିବା ଉଚିତ। ସେହିପରି ଗ୍ୟାସ ସିଲିଣ୍ଡରରୁ ଅଗ୍ନିକାଣ୍ଡ ହେଲେ ସିଲିଣ୍ଡର ଉପରେ ଓଦା କପଡା ପକାଇ ଦେବା ସହ ବାଲି ପକାଇ ଲାଗିଥିବା ନିଆଁ କୁ ବନ୍ଦ କରାଯିବା ଉଚିତ। ପ୍ରଶିକ୍ଷକମାନେ ଗନ ଧରି ନିଆଁ ଲିଭାର ବିଭିନ୍ନ କୌଶଳମାନ ପ୍ରଦର୍ଶିତ କରିଥିଲେ। ତେବେ ନିଆଁ ଲାଗିଲେ ନିଜ ମନକୁ ଦୃଢ଼ କରିବା ସହ ଏହାକୁ କିପରି ସହଜରେ କରାୟତ ମୁକାବିଲା କରାଯାଇ ପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ମହାକାଳପଡ଼ା ଅଗ୍ନିଶମ ବାହିନୀର ଲିଡ଼ ଫାଇଟର ଶିଶିର କୁମାର ଦାସ, ପବିତ୍ର ମଲ୍ଲିକ, କନଷ୍ଟେବଲ ବିକାଶ ରଞ୍ଜନ ସାହୁ, ପ୍ରଣୟ ନାୟକ, ପାର୍ଥ ସାରଥୀ ମହାନ୍ତି ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମହାକାଳପଡ଼ା, ବାବର, ଲୁଣା ଆଦି ସେକ୍ସନର କର୍ମଋରୀ ମାନେ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ।

## ନାବାଳିକାକୁ ଦୁଷ୍କର୍ମ ମାମଲା

# ଅଭିଯୁକ୍ତକୁ ୨୦ ବର୍ଷ ଜେଲ

**କନ୍ଧମାଳ,୨୧।୮ (ସ୍ୱାଧିକାର ନ୍ୟୁଜ):** ଏକ ୧୪ ବର୍ଷର ନାବାଳିକାକୁ ଦୁଷ୍କର୍ମ ମାମଲାର ବିଚାରଣା କରି ଆଜି ଫୁଲବାଣୀ ଫାଷ୍ଟ୍ ଟ୍ରାକ୍ ପୋକ୍ସୋ କୋର୍ଟ ର ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ମାମଲାର ୧୯ ଜଣ ସାକ୍ଷୀ, ଡ଼ାକ୍ତରୀ ରିପୋର୍ଟ ଓ ପୀଡିତାଙ୍କ ବୟାନ ଆଧାରରେ ମାମଲାର ଅଭିଯୁକ୍ତ ଫୁଲବାଣୀ ସଦର ଥାନା ଅନ୍ତର୍ଗତ ଗଏରବାଟା ଗ୍ରାମର ଗଣେଶ କହଁର (୨୦)କୁ ଦୋଷୀ ସାବ୍ୟସ୍ତ କରିବା ସହ ତାକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ତାକୁ ଆଉ ଅଧିକ ୨ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ବିଚାରପତି । ସରକାରଙ୍କ ତରଫରୁ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟ ର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

ସୂଚନା ଅନୁସାରେ, ପୀଡିତା ସରକାରୀ ଉଚ୍ଚ ବିଦ୍ୟାଳୟ ପିଶୁପଦରରେ ଅଧ୍ୟୟନ କରୁଥିଲେ। ହଷ୍ଟେଲ ଝିଅ ମାନଙ୍କ ମାସିକ ଋତୁସ୍ରାବ ପରୀକ୍ଷାରେ ଜଣାପଡ଼ିଲା ଯେ, ପୀଡିତା ଗର୍ଭ ଧାରଣ କରିଥିଲା । ତଦନୁସାରେ ଡାକ୍ତରୀ ଟିମ୍, ସମସ୍ତ ଶିକ୍ଷୟିତ୍ରୀ ଏବଂ ଅଭିଭାବକ ସମ୍ମୁଖରେ କାଉନ୍ସିଲିଂ କରି ଜାଣିବାକୁ ପାଇଥିଲେ ଯେ, ପୀଡିତା ସହ ଅଭିଯୁକ୍ତ ଖରା ଛୁଟିରେ ବାରମ୍ବାର ଦୁଷ୍କର୍ମ ଯୋଗୁଁ ଗର୍ଭ ଧାରଣ କରିଥିଲା। ପରବର୍ତୀ ସମୟରେ ବ୍ରହ୍ମପୁର ମେଡିକାଲ କଲେଜ୍ ହସ୍ପିଟାଲରେ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା।

ଏ ସଂକ୍ରାନ୍ତରେ ପିଶୁପଦର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଲିଖିତ ଅଭିଯୋଗ ଫୁଲବାଣୀ ସଦର ଥାନା ପୋଲିସ ଏକ ମାମଲା ୧୯/୨୦୨୫ ରୁଜୁ କରି ଘଟଣାର ତଦନ୍ତ ପରେ ଅଭିଯୁକ୍ତକୁ ଗିରଫ କରି କୋର୍ଟରେ ହାଜର କରାଇଥିଲେ।

# ଉନ୍ନୟନ ପ୍ରକଳ୍ପର ସମୀକ୍ଷା କଲେ ଉତରାଞ୍ଚଳ ରାଜସ୍ୱ ଆୟୁକ୍ତ

**କେନ୍ଦୁଝର,୨୧।୮ (ସ୍ୱାଧିକାର ନ୍ୟୁଜ):** କେନ୍ଦୁଝର ଜିଲ୍ଲାର ପ୍ରମୁଖ ଭିତିଭୂମି ଏବଂ ବିକାଶ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଛନ୍ତି ଉତରାଂଚଳ ରାଜସ୍ୱ ଆୟୁକ୍ତ ଶ୍ରୀ ସଚିନ ଆର. ଯାଦବ। ସ୍ଥାନୀୟ ଦରବାର ହଲରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଶ୍ରୀ ଜାଧବ ଶିକ୍ଷ, ପରିବହନ, ଜଳ ସମ୍ପଦ ଓ ଜଳସେଚନ, କ୍ରୀଡା, ସଂସ୍କୃତି, ପର୍ଯ୍ୟଟନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ବନୀକରଣ କ୍ଷେତ୍ରରେ ପ୍ରମୁଖ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି । ସମୀକ୍ଷା ହୋଇଥିବା ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ପାଟନା ମେଗା ଷ୍ଟିଲ୍ ପ୍ଲାଂଟ ଅନ୍ୟତମ । ଷ୍ଟିଲ୍ ପ୍ଲାଂଟ ପାଇଁ ଚେମନା ଏବଂ ଯମୁନାପୋଷି ଗ୍ରାମ ପଂଚାୟତରେ ୨୪୦୦ ଏକରରୁ ଅଧିକ ଜମି ଆବଶ୍ୟକ। ଜମି ଅଧିଗ୍ରହଣ ଏବଂ ଜମିର କିସମ ପରିବର୍ତନର ଅଗ୍ରଗତି ଉପରେ ଆଲୋଚନା କରାଯାଇଥିଲା କ୍ଷ ପ୍ରଶାସନ ପକ୍ଷରୁ ଏ ବାବଦ ପ୍ରଶାସନିକ ଅନୁମୋଦନ ମଗାଯାଇଥିବା ଜଣାପଡିଛି । ପରିବହନ କ୍ଷେତ୍ରର ପ୍ରମୁଖ ପ୍ରକଳ୍ପଗୁଡିକ ମଧ୍ୟରେ ରାଇସୁଆନ୍ ଏୟାରଷ୍ଟ୍ରିପ୍ ଏବଂ ସଂଯୋଗୀକରଣ ବୃଦ୍ଧି ପାଇଁ ଅନ୍ୟ ପ୍ରମୁଖ ଏକ୍ସପ୍ରେସ୍ ୱେ ଏବଂ ରାସ୍ତା ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଥିଲେ। ବଡ଼ବିଲ ବାଇପାସର ସ୍ଥିତି ଏବଂ ବାଦାମପାହାଡ଼-କେନ୍ଦୁଝର, ପଳାଶପଙ୍ଗା-ବାମବାରୀ ରାସ୍ତା, ନୟାଗଡ-ଡୁବୁନା ସଂଯୋଗ ରାସ୍ତା, ଶୁଆକାଟି-ଡୁବୁନା-କାଳିମାଟି, ରଙ୍ଗାଡିହି-ଫୁଲଝର-ବଳଭଦ୍ରପୁର-ଜଗଦଳା ଡ୍ୟାମ୍ ରାସ୍ତା ସମେତ ନୂତନ ରେଳ ଲାଇନ ପାଇଁ ପ୍ରସ୍ତାବଗୁଡ଼ିକର ମଧ୍ୟ ସମୀକ୍ଷା କରାଯାଇଥିଲା। ୩୧୬.୩୨ କୋଟିର ସଂଶୋଧିତ ମୂଲ୍ୟ ସହିତ ଘଟଗାଁରେ ମା ତାରିଣୀ ମନ୍ଦିର କମ୍ପ୍ଲେକ୍ସର ସମନ୍ୱିତ ବିକାଶ, ଉନ୍ନତ ତୀର୍ଥଯାତ୍ରୀ ସୁବିଧା, ଭୂଦୃଶ୍ୟ ଆଲୋକମାଳ ଏବଂ ଶବ୍ଦ ପ୍ରଣାଳୀ ଏବଂ ଉନ୍ନତ ସଡ଼କ ସଂଯୋଗୀକରଣ ସହିତ ମନ୍ଦିରକୁ ରୂପାନ୍ତରିତ କରିବାକୁ ସ୍ଥିର କରାଯାଇଛି। ସେହିପରି, ବଳଦେବ ଯିହୂଦୀ ମନ୍ଦିର କମ୍ପ୍ଲେକ୍ସ ପ୍ରକଳ୍ପ ଜିଲ୍ଲାରେ ଆଧାତ୍ମିକ ପର୍ଯ୍ୟଟନ ଏବଂ ସାଂସ୍କୃତିକ ଐତିହ୍ୟକୁ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି।

ଶ୍ରୀ ଜାଧବ ଜଳସେଚନ କ୍ଷେତ୍ରରେ କାନପୁର ଜଳସେଚନ ପ୍ରକଳ୍ପ ଏବଂ ସମନ୍ୱିତ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସମୀକ୍ଷା କରିଥିଲେ। ଉଭୟ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କେନ୍ଦୁଝରର କୃଷି କ୍ଷେତ୍ରରେ ଜଳସେଚିତ ଅଂଚଳ ବୃଦ୍ଧି ପାଇବ। ଜିଲ୍ଲାର କ୍ରୀଡା ଭିତିଭୂମିର ସ୍ଥିତି ଓ ଅଗ୍ରଗତି ନେଇ ଶ୍ରୀ ଯାଦବ ବିସ୍ତୃତ ସମୀକ୍ଷା କରିଥିଲେ। ରାଙ୍କିରେ ସମନ୍ୱିତ କ୍ରୀଡା କମ୍ପ୍ଲେକ୍ସ, ରାମଚନ୍ଦ୍ରପୁରରେ ତୀରନ୍ଦାଜୀ ଏକାଡେମୀ ଏବଂ ଗୋବିନ୍ଦପୁରରେ ଅଲିମ୍ପିକ୍ ଆକାରର ସନ୍ତରଣ ପୁଲ ଭଳି ପ୍ରସ୍ତାବିତ ପ୍ରକଳ୍ପ ସହିତ ଧରଣୀଧର କ୍ରୀଡା କମ୍ପ୍ଲେକ୍ସ, ଶଙ୍କରପୁରରେ ତୀରନ୍ଦାଜୀ ଏକାଡେମୀ ଏବଂ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଭଳି ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯାଇଥିଲା।

# ଆଳି ୧୦ ପଞ୍ଚାୟତ ବିକାଶ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



**କେନ୍ଦ୍ରାପଡା,୨୧।୮ (ସ୍ୱାଧିକାର ନ୍ୟୁଜ):** କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକର ଦଶ ପଞ୍ଚାୟତ ବିକାଶ ପରିଷଦ ପକ୍ଷରୁ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବ୍ରଜସୁନ୍ଦର ଭୂୟାଁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମର ୨୫ରୁ ଉର୍ଦ୍ଧ୍ୱ ସଦସ୍ୟ ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କୁ ଭେଟି ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିକାଶ ପରିଷଦର ସଭାପତି ସଂପାଦକ ଓ ସଭ୍ୟବୃନ୍ଦ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦଶ ଗୋଟି ପଞ୍ଚାୟତରେ ପାନୀୟଜଳ ଯୋଗାଣ ଓ ନଦୀରେ କୁମ୍ଭୀର ଆତଙ୍କ, ଋଷୀଙ୍କ ପାଇଁ ସାର, ଋଷଜମିରୁ ପାଟରୁ ଜଳ ନିଷ୍କାସନ ଭଳି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ବହୁବିଦ୍ଧ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ ଅବଗତ ହେବାପରେ ଖୁବଶୀଘ୍ର ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ସମୟରେ ଆବାହକ ବ୍ରଜସୁନ୍ଦର ଭୂୟାଁ, ସଭାପତି ସୁମନ୍ତ ରାଉତ, ସଂପାଦକ ସୁମନ୍ତ ଦାସ, ଅକ୍ଷୟ କୁମାର ପ୍ରଧାନ, ଜିତେନ୍ଦ୍ର ଦାସ, ମକୁନ୍ଦ ପରିଡ଼ା, ଭରତଚନ୍ଦ୍ର ସାହୁ, ନିଳମଣୀ ସେଠୀ, ରବିନ୍ଦ୍ର କୁମାର ସାହୁଙ୍କ ସହିତ ବହୁ ସଦସ୍ୟ ଉପସ୍ଥିତ ଥିଲେ।



## ସାଇ ବାଣୀ....

ତୁମେ ମୋ ଆଡକୁ ଦୃଷ୍ଟିପାତ କଲେ ମୁଁ ତୁମ ପ୍ରତି ଦୃଷ୍ଟି ଦେବି ।

## ସଂପାଦକୀୟ......

# ଆଇନର ଦୁରୂପଯୋଗ ନହେଉ

ଗୃହମନ୍ତ୍ରୀ ଅମିତ ଶାହ ସଂସଦରେ ୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିବା ପରେ ଏହାକୁ ନେଇ ଗୃହରେ ତୁମୁଳ ହଟ୍ଟଗୋଳ ହୋଇଛି । ବିରୋଧୀ ସଭ୍ୟମାନେ ଏହାକୁ ବିରୋଧ କରି ହଙ୍ଗାମା କରିବା ସହିତ ଚିଠା ବିଲର କପିକୁ ଚିଣି ଗୃହ ମନ୍ତ୍ରୀଙ୍କ ଉପରକୁ ଫିଙ୍ଗିଥିଲେ । ପରେ ଅବଶ୍ୟ ଏହି ବିଲକୁ ତର୍ଜମା କରିବା ନିମନ୍ତେ ଏହାକୁ ଜେପିସିକୁ ପଠାଇବାକୁ ନିଷ୍ପତ୍ତି ହୋଇଛି । ଏହି ବିଲରେ ଥିବା ବ୍ୟବସ୍ଥା ଅନୁଯାୟୀ ସାମ୍ବିଧାନିକ ପଦପଦବୀରେ ଥିବା ନିର୍ବାଚିତ ଜନ ପ୍ରତିନିଧି ଯଦି ଗୁରୁତର ଅପରାଧିକ ମାମଲାରେ ଗିରଫ ହୋଇ ଜେଲ ଯାଆନ୍ତି ଏବଂ କ୍ରମାଗତ ୩୦ ଦିନ ଧରି ଜେଲରେ ରହନ୍ତି ତେବେ ୩୧ ଦିନରେ ତାଙ୍କୁ ନିଜ ପଦରୁ ଇସ୍ତଫା ଦେବାକୁ ପଡ଼ିବ ବା ଆପେ ତାଙ୍କର ପଦ ରଦ୍ଦ ହୋଇଯିବ । ଏଥିରେ ଅସୁବିଧା କ'ଣ ରହିଲା ? ବିରୋଧୀ ଦଳ ଏହାକୁ ହଜମ କରିନପାରିବାର କାରଣ କ'ଣ ? ବିରୋଧୀଙ୍କ ଆଶଙ୍କା ହେଲା ଏହି ଆଇନ ବଳରେ କେନ୍ଦ୍ର ସରକାର ବିରୋଧୀ ପକ୍ଷ ଦ୍ୱାରା ଶାସିତ ରାଜ୍ୟରେ ଅସ୍ଥିରତା ସୃଷ୍ଟି କରିପାରନ୍ତି ଏବଂ ବିରୋଧୀ ଦଳର ମନ୍ତ୍ରୀ, ମୁଖ୍ୟମନ୍ତ୍ରୀମାନଙ୍କୁ ସହଜରେ କ୍ଷମତାଚ୍ୟୁତ କରିପାରନ୍ତି । ଯେ କୌଣସି ମାମଲାରେ କେନ୍ଦ୍ର ସରକାର ଚାହିଁଲେ ଇଡି, ସିବିଆଇ ଭଳି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ମାଧ୍ୟମରେ ଜଣେ ନେତା ବା ସାଧାରଣ ବ୍ୟକ୍ତିଙ୍କୁ ବି ଗିରଫ କରିପାରନ୍ତି । ମାସେ ଭିତରେ ଯଦି ତାଙ୍କୁ ଜାମିନ ମିଳିଗଲା ତ ଭଲ କଥା । କିନ୍ତୁ ଯଦି ୩୦ ଦିନ ଭିତରେ ତାଙ୍କୁ ଜାମିନ ନମିଳିଲା ତେବେ ତାଙ୍କୁ ବାଧ୍ୟ ହୋଇ ଇସ୍ତଫା ଦେବାକୁ ପଡ଼ିବ । ବିରୋଧୀ ଦଳର ଏହି ଆଶଙ୍କା ଭିତ୍ତିହୀନ ନୁହେଁ । ଆଜି ଗୋଟିଏ ମେଣ୍ଟର ସରକାର ଅଛି, କାଲି ଅନ୍ୟ କୌଣସି ଦଳ ବା ମେଣ୍ଟ ସରକାର ଗଠନ କରିପାରେ । ଯେ କୌଣସି ସରକାର ଏହି ଆଇନର ଦୁରୂପଯୋଗ କରିପାରନ୍ତି । ୧୯୭୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଏଭଳି ଭାବେ ସାମ୍ବିଧାନିକ ବିଧିବ୍ୟବସ୍ଥାର ଦୁରୂପଯୋଗ କରି ଜରୁରୀ ପରିସ୍ଥିତସି ଜାରି କରିଥିଲେ ଏବଂ ବିରୋଧୀ ନେତାମାନଙ୍କୁ ଜେଲରେ ପଶାଇଥିଲେ । ଗୃହମନ୍ତ୍ରୀ ଅମିତ ଶାହ ଏହି ବିଲ୍ ଆଗତ କରି ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ, ଏବେ ବହୁ ନେତା ଦୁର୍ନୀତି ବା ଅନ୍ୟ ଅପରାଧିକ ମାମଲାରେ ଛନ୍ଦି ହୋଇ ଜେଲ ଯାଉଛନ୍ତି । କିନ୍ତୁ ଜେଲ ଯିବା ସତ୍ତ୍ୱେ ସେମାନେ ପଦ ଛାଡୁ ନାହାଁନ୍ତି । ସମ୍ଭବତଃ ଆମର ସମ୍ବିଧାନ ପ୍ରଣେତାମାନେ ଦେଶରେ ଏଭଳି ଏକ ପରିସ୍ଥିତି ସୃଷ୍ଟି ହେବ ବୋଲି ଆକଳନ କରିପାରିନଥିଲେ । ଦେଶର ରାଜନେତାମାନେ ଏଭଳି ଦୁର୍ନୀତିଗ୍ରସ୍ତ ହୋଇ ଜେଲ ଯିବେ ବୋଲି ସେମାନେ ହୁଏତ ଚିନ୍ତା କରିପାରିନଥିଲେ ବୋଲି ସେ କହିଛନ୍ତି । ଗତ କିଛି ବର୍ଷ ଭିତରେ ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଦୁର୍ନୀତି ବା ବେଆଇନ ଅର୍ଥ କାରବାର ମାମଲାରେ ଗିରଫ ହୋଇ ଜେଲ ଯାଇଛନ୍ତି । ଝାଡ଼ଖଣ୍ଡର ଦୁଇ ଜଣ ମୁଖ୍ୟମନ୍ତ୍ରୀ ମଧୁ କୋଡ଼ା, ହେମନ୍ତ ସୋରେନ, ବିହାରର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ, ଦିଲ୍ଲୀର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ପ୍ରମୁଖଙ୍କ ନାମ ଏହି ତାଲିକାରେ ରହିଛି । ଏମାନଙ୍କ ମଧ୍ୟରୁ ସମସ୍ତେ ଗିରଫ ହେବା ପରେ ବା ପୂର୍ବରୁ ଇସ୍ତଫା ଦେଇଛନ୍ତି । କେବଳ ଦିଲ୍ଲୀର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ମାସ ମାସ ଧରି ଜେଲରେ ରହିଥିଲେ ମଧ୍ୟ ତାଙ୍କ ପଦରୁ ଇସ୍ତଫା ଦେଇନଥିଲେ । ତାଙ୍କର କ୍ଷମତା ଲୋଭ ସବୁଠାରୁ ଅଧିକ । କିନ୍ତୁ ଏହା ଏକ ବ୍ୟତିକ୍ରମ । ନଚେତ ପ୍ରାୟ ସମସ୍ତେ ଗିରଫ ହୋଇ ଜେଲ ଗଲେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତି । କିନ୍ତୁ ଏଥିପାଇଁ ସମ୍ବିଧାନରେ କିଛି ନିୟମ ନାହିଁ ବା ବାଧ୍ୟବାଧକତା ନାହିଁ । ବର୍ତ୍ତମାନ କେନ୍ଦ୍ର ସରକାର ଏହାକୁ ଆଇନଗତ ଦୃଷ୍ଟିରୁ ବାଧ୍ୟ କରିବାକୁ ଚାହୁଁଛନ୍ତି । ଏଥିରେ ପ୍ରଧାନମନ୍ତ୍ରୀ ମଧ୍ୟ ସାମିଲ ହେବେ । ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ୩୯ତମ ସମ୍ବିଧାନ ସଂଶୋଧନ କରି ପ୍ରଧାନମନ୍ତ୍ରୀଙ୍କୁ ସମସ୍ତ ପ୍ରକାର ଅଭିଯୋଗର ତଦନ୍ତ ଊର୍ଦ୍ଧ୍ୱରେ ରଖିଥିଲେ । ଏବେ କେନ୍ଦ୍ର ସରକାର ଏହାକୁ ହଟାଇବାକୁ ଚାହୁଁଛନ୍ତି । ଦେଶର ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଆଇନର କାଠଗଡ଼ା ଭିତରକୁ ଟଣାଯାଇପାରେ । ସେ ସ୍ୱେଚ୍ଛାଚାରିତା କରିପାରିବେ ନାହିଁ । ଇନ୍ଦିରା ଗାନ୍ଧି କେବଳ ଏକଛତ୍ରବାଦ ଶାସନ ପାଇଁ ସମ୍ବିଧାନର ୩୯ତମ ସଂଶୋଧନ କରିଥିଲେ । ଏବେ ମୋଦି ସରକାର ଏହି କଳଙ୍କକୁ ହଟାଇବାକୁ ଚାହୁଁଛନ୍ତି । ଏଥିପାଇଁ ତାଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ । ତେଣୁ ଶାହଙ୍କ ଦ୍ୱାରା ଆଗତ ବିଲକୁ ବିରୋଧ କରିବାର କିଛି କାରଣ ନାହିଁ । କିନ୍ତୁ ଏହାର ଯେପରି ଦୁରୂପଯୋଗ ହେବ ନାହିଁ, ସେ ଦିଗରେ ଦୃଷ୍ଟି ଦେବାକୁ ପଡ଼ିବ । ଜେପିସି ଏହାର ତର୍ଜମା କରିବା ବେଳେ ଉପରୋକ୍ତ ବିଷୟରେ ଭଲଭାବେ ଚିନ୍ତା କରି ଏ ସମ୍ପର୍କରେ ଉଚିତ ସଂଶୋଧନ ପରାମର୍ଶ ଦେବେ ବୋଲି ଆଶା ।

# ଅପରାଧ ଜଗତରେ ବାଳ ଅପରାଧୀଙ୍କ ଭିଡ଼

**ରବୀନ୍ଦ୍ରନାଥ ଯୋଷୀ ■**

ଦେଶରେ ଶିକ୍ଷା ଓ ଅର୍ଥନୀତିର ବିକାଶର ଧାରା ଯେତକି ଆଗେଇ ଆଗେଇ ଯାଉଛି ମାନବ ସମାଜରେ ସେତିକି ଶାନ୍ତି ଓ ସଦଭାବନା ପ୍ରତିଷ୍ଠା ହେବା କଥା । କିନ୍ତୁ ଆଜି ସମାଜରେ ଅପରାଧ ପ୍ରବଣତା ବଢ଼ିଚାଲିଛି । ସମଗ୍ର ବିଶ୍ୱରେ ଭାରତ ବର୍ଷ ତୃତୀୟ ବୃହତ୍ତମ ଅର୍ଥନୀତି ଦେଶ ଭାବରେ ଉଭା ହୋଇଛି । କିନ୍ତୁ ଅନ୍ୟ ପକ୍ଷରେ ସମାଜରେ ହତ୍ୟା ,ଧର୍ଷଣ ,ଗଣ ଦୁଷ୍କର୍ମ ଭଳି ଅପରାଧ ଦ୍ରୁତ ଗତିରେ ବଢ଼ି ଚାଲିଛି । ସବୁଠାରୁ ଚିନ୍ତାର ବିଷୟ ହୋଇଛି ଯେ ଅପରାଧ ଜଗତରେ ବାଳ ଅପରାଧୀଙ୍କ ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧିପାଉଛି । ଯେଉଁ ବୟସରେ ହାତରେ ବହି ବସ୍ତାନି ଧରି ନିଜ ଭବିଷ୍ୟତ ଗଢ଼ିବାପାଇଁ ବାଳକଟିଏ କସରତ କରିବା କଥା ସେହି ବୟସରେ ତା ହାତରେ ବନ୍ଧୁକ ,ପିସ୍ତଲ ,ଛୁରି ଭଳି ମାରଣାସ୍ତ୍ର ଶୋଭାପାଉଛି । ତାର ମସ୍ତିଷ୍କ ଜ୍ଞାନ ଓ ବିଜ୍ଞାନର କଷଟି ପଥରରେ ମାଜି ଘଷି ହୋଇ ଶାଣିତ ହେବା ବଦଳରେ ଆସୁରିକ ପ୍ରବ-ତ୍ତିରେ ବୁଡ଼ି ରହି ବଡ଼ ବଡ଼ ହିଂସା ରଚିବାରେ ବ୍ୟସ୍ତ ରହୁଛି । କଅଁଳ ବୟସରେ ଶାନ୍ତ ସ୍ନିଗ୍ଧ ଧରା ପୃଷ୍ଠରେ ଶିତଳ ମଳୟ ସ୍ପର୍ଶରେ ମାଟି ଓ ଆକାଶର ମଧୁର ମିଳନର ସଂଗୀତ ଗାଇବା ବଦଳରେ ବନ୍ଧୁକ ମୁନରେ ହୋରି ଖେଳିବାର ସ୍ୱପ୍ନରେ ଉଦଭ୍ରାନ୍ତ ହେଉଛି ନାବାଳକ । ସବୁଜ ସୁନ୍ଦର ପୃଥିବୀରେ ନିଆଁର ଲେଲିହାନ ଶିଖାରେ ଲ ପ୍ରଦାନ କରିବାକୁ ଭଲ ପାଉଛି । ସାଂପ୍ରତିକ ଦୁନିଆରେ ନାବାଳିକା ଯୁବତୀମାନେ ଦୁଷ୍କର୍ମ ଓ ଗଣଦୁଷ୍କର୍ମର ଶିକାର ହେବାର ପରିସଂଖ୍ୟାନ ଗ୍ରାଫ ଯେପରି ଉପରମୁହାଁ ହୋଇଛି ଅପରାଧ ଜଗତରେ ନାବାଳକ ମାନଙ୍କ ଅପରାଧିକ କାର୍ଯ୍ୟକଳାପ ଅନୁରୂପ ଭାବରେ ବଢ଼ି ବଢ଼ି ଚାଲିଛି । ଏହା ଦେଶ ପାଇଁ ତଥା ମାନବ ସମାଜ ପାଇଁ ନିଶ୍ଚିତ ଭାବରେ ଘୋର ଚିନ୍ତାର ବିଷୟ ପାଲଟିଛି । ଛାତ୍ରାଛାତ୍ରୀ ,କିଶୋର କିଶୋରୀ ମାନଙ୍କ ଅପରାଧ ଜଗତ ସହିତ କ୍ରମବର୍ଦ୍ଧିଷ୍ଣୁ ସଂପର୍କ ଭୟଙ୍କର ପରିସ୍ଥିତିକୁ ଆହ୍ୱାନ କରୁଛି । ଓଡ଼ିଶା ଭଳି ଏକ ଶାଂତିପ୍ରିୟ ରାଜ୍ୟରେ ମଧ୍ୟ ବାଳ ଅପରାଧୀଙ୍କ ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଉଛି । ସବୁଠାରୁ ଚିନ୍ତାର ବିଷୟ ହେଲା ଯେ ହତ୍ୟା , ହତ୍ୟା ଉଦ୍ୟମ , ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ସଂଗୀନ ଅପରାଧରେ ଏହି ନାବାଳକ ଅପରାଧୀ ଛନ୍ଦିହୋଇଛନ୍ତି । ଗଂଜାଇ ,ଚରସ,ଅଫିମ ଓ ଅନ୍ୟ ମାଦକ ଦ୍ରବ୍ୟର ଚୋରା କାରବାରରେ ବି ଏମାନଙ୍କ ସଂପୃକ୍ତି ମୁଣ୍ଡବ୍ୟଥାର କାରଣ ହୋଇଛି । ଆଇନର ଗଳାବାଟରେ ଫାଇଦା ନେବା ପାଇଁ କିଛି ଦୁର୍ଦ୍ଧାନ୍ତ ଅପରାଧୀ ଏମାନଙ୍କୁ ଅପବ୍ୟବହାର କରୁଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ କେତେବେଳେ ସେହି ନାବାଳକଟି ନିଜେ ଏକ କୁଖ୍ୟାତ ଅପରାଧୀ ପାଲଟିଯାଉଛି । ଏମାନେ ଅପରାଧ ଜଗତରେ ଥରେ ଗୋଡ଼ ଖସାଇଲା ପରେ ଆଉ ମୁଖ୍ୟ ସ୍ରୋତକୁ ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା କେତେ ତାହା କାହାକୁ ଅଛପା ନାହିଁ । ବିଗତ କିଛି ବର୍ଷରେ ଅପରାଧ ଜଗତରେ କିପରି ବାଳ ଅପରାଧୀଙ୍କ କାୟା ବିସ୍ତାର ଘଟୁଛି ତାହା ଏନ ସି ଆର ବି (ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ) ଦ୍ୱାରା ପ୍ରଦତ୍ତ ବାଳ ଅପରାଧୀଙ୍କ ପରିସଂଖ୍ୟାନକୁ ଅନୁଶୀଳନ କଲେ ସ୍ପଷ୍ଟ ଜଣା ପଡୁଛି । ୨୦୧୩ ରୁ ୨୦୨୨ ମସିହା,ଦଶ ବର୍ଷ ମଧ୍ୟରେ ଦେଶରେ ଘଟିଥିବା ହତ୍ୟା ,ହତ୍ୟା ଉଦ୍ୟମ ,ଧର୍ଷଣ ,ଗଣ ଦୁଷ୍କର୍ମ ,ଡକାୟତି ଭଳି ସଂଗୀନ ଅପରାଧରେ ପାଦ ଥାପିଥିବା ନାବାଳକ ମାନଙ୍କ ବିରୁଦ୍ଧରେ ଆସିଥିବା ଅଭିଯୋଗ ବାସ୍ତବିକ ଚିନ୍ତାଜନକ ଅଟେ । ଏଠାରେ କେବଳ ପଂଜୀକୃତ ମାମଲାର ତଥ୍ୟ ପ୍ରଦାନ କରାଯାଇଛି । ଏହା ବ୍ୟତୀତ ଅନେକ ମାମଲା ପୋଲିସର ପରିସରକୁ ପହଂଚି ପାରିନାହିଁ । ୨୦୧୩ ମସିହାରେ ଦେଶରେ ମୋଟ ୪୩୫୦୬ ଗୋଟି ବାଳ ଅପରାଧ ମାମଲା ପଂଜୀକୃତ ହୋଇଥିବାବେଳେ ୨୦୧୪ ରେ ୩୮୪୫୫ ଗୋଟି, ୨୦୧୫ରେ ୩୩୪୩୩ ଗୋଟି ,୨୦୧୬ରେ ୩୫୮୪୯ ଗୋଟି , ୨୦୧୭ ରେ ୩୩୬୦୬ ଗୋଟି, ୨୦୧୮ ରେ ୩୧୫୯୧ ଗୋଟି, ୨୦୧୯ ରେ ୩୨୨୩୫ ଗୋଟି , ୨୦୨୦ରେ ୨୯୭୬୮ ଗୋଟି , ୨୦୨୧ରେ ୩୧୧୭୦ ଗୋଟି ଓ ୨୦୨୨ରେ ୩୦୫୫୫ଗୋଟି ବାଳ ଅପରାଧ ମାମଲା ଦେଶରେ ବିଭିନ୍ନ ଥାନାରେ ପଂଜୀକୃତ ହୋଇଥିଲା । ୨୦୧୩ ରୁ ୨୦୨୨ ମସିହା ପର୍ଯ୍ୟନ୍ତ ଦଶ ବର୍ଷ ମଧ୍ୟରେ ମଧ୍ୟପ୍ରଦେଶରେ ସର୍ବାଧିକ ୫୯୩୭୨ ଟି ମାମଲା ନାବାଳକ ମାନଙ୍କ ବିରୁଦ୍ଧରେ ପଂଜୀକୃତ ହୋଇ ଦେଶର ବାଳ ଅପରାଧୀ ସଂଖ୍ୟା ତାଲିକାରେ ପ୍ରଥମ ସ୍ଥାନରେ ରହିଛି । ଏହା ତଳକୁ ମହାରାଷ୍ଟ୍ରରେ ୫୫୮୫୨ ଟି ,ଦିଲ୍ଲୀରେ ୨୪୮୮୭ଟି ,ରାଜସ୍ଥାନରେ ୨୪୩୮୬ଟି ,ତାମିଲନାଡୁରେ ୨୪୩୧୦ଟି ,ଗୁଜରାଟରେ ୨୧୩୬୮ଟି ଛତିଶଗ ଡ଼ରେ ୨୦୦୬୨ଟି ବିହାରରେ ୧୬୪୫୨ଟି ଉତ୍ତର ପ୍ରଦେଶରେ ୧୨୨୩୧ଟି ହରିଆଣାରେ ୧୧୬୪୦ଟି ଆନ୍ଧ୍ରପ୍ରଦେଶରେ ୧୧୩୫୩ଟି ମାମଲା ପଂଜୀକୃତ ହୋଇଥିବାବେଳେ ଆମ ରାଜ୍ୟ ଓଡ଼ିଶା ରେ ମଧ୍ୟ ୧୦୮୦୨ଟି ବାଳ ଅପରାଧ ମାମଲା ପଂଜୀକୃତ ହୋଇ ଦେଶରେ ବୃହତ୍ତମ ବାଳଅପରାଧୀଙ୍କ ରାଜ୍ୟ ତାଳିକାରେ ଦ୍ୱାଦଶ ସ୍ଥାନରେ ରହିଛି । ଏହି ମାମଲା ମାନଙ୍କ ମଧ୍ୟରୁ ଶତାଧିକ ମାମଲା ହତ୍ୟା , ହତ୍ୟା ଉଦ୍ୟମ ,ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ଅତ୍ୟ' ସମ୍ବେଦନଶୀଳ ଅପରାଧିକ ମାମଲା ରହିଛି । ଡ୍ରଗ୍ସ କାରବାରରେ ମଧ୍ୟ ନାବାଳକଙ୍କ ସଂପୃକ୍ତି ବଢ଼ିବାରେ ଲାଗିଛି । ୨୦୧୮ ରେ ୧୯୬ ଟି ୨୦୧୯ରେ ୨୧୯ଟି ,୨୦୨୦ରେ ୨୬୪ ଟି ୨୦୨୧ ରେ ୩୬୯ ଟି ଓ ୨୦୨୨ ରେ ୩୮୭ ଟି ମାମଲାରେ ନାବାଳକ ମାନଙ୍କ ସଂପୃକ୍ତି ରହିଥିବା ଜଣାପଡ଼ିଛି । ଓଡ଼ିଶା ଭଳି ଏକ ଶାଂତିପ୍ରିୟ ରାଜ୍ୟରେ ମଧ୍ୟ ଧିରେ ଧିରେ ବାଳ ଅପରାଧ ସଂଖ୍ୟା ଦ୍ରୁତ ଗତିରେ ବଢ଼ି ଚାଲିଛି । ଗୃହ ବିଭାଗର ଏକ ପରିସଂଖ୍ୟାନରୁ ଜଣାପଡ଼େ ଯେ ୨୦୧୮ ମସିହାରେ ରାଜ୍ୟରେ ମୋଟ ୧୦୭୮ ଗୋଟି ବାଳ ଅପରାଧ ମାମଲା ପଂଜୀକୃତ ହୋଇଥିବାବେଳେ ୨୦୧୯ ବର୍ଷରେ ୧୧୬୨ ଗୋଟି , ୨୦୨୦ ବର୍ଷରେ ୧୦୯୫ ଗୋଟି ,୨୦୨୧ ବର୍ଷରେ ୧୩୩୪ ଗୋଟି ବାଳ ଅପରାଧ ମାମଲା ପଂଜୀକୃତ ହୋଇଛି । ଦେଶ ତଥା ରାଜ୍ୟର କିଛି ବହୁଚର୍ଚ୍ଚିତ ଅପରାଧରେ ବାଳ ଅପରାଧୀଙ୍କ ସଂପୃକ୍ତି ଦୃଷ୍ଟି ଗୋଚର ହୋଇଛି । ୨୦୧୨ ମସିହାରେ ଡିସେମ୍ବର ୧୬ ତାରିଖରେ ଦକ୍ଷିଣ ଦିଲ୍ଲୀରେ ଏକ ଘରୋଇ ବସ ଭିତରେ ଜନୈକା ୨୨ ବର୍ଷୀୟା ଯୁବତୀଙ୍କ ସହିତ ଘଟିଥିବା ଏକ ଗଣଦୁଷ୍କର୍ମ ଘଟଣାରେ ମହମ୍ମଦ ଅଫର୍ଜ ନାମକ ଜନୈକ ସତର ବର୍ଷ ବୟସ୍କ ନାବାଳକ ସଂଶ୍ଳିଷ୍ଟ ରହିଥିଲା । ଏହି ମାମଲାରେ ସମ୍ପୃକ୍ତଥିବା ଛଅ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଅଦାଲତଙ୍କ ରାୟ ଆସିବା ପୂର୍ବରୁ ଜେଲରେ ମୃତ୍ୟୁବରଣ କରିଥିବା ବେଳେ ମହମ୍ମଦ ବ୍ୟତୀତ ଅନ୍ୟ ସମସ୍ତ ଅଭିଯୁକ୍ତଙ୍କୁ ୨୦୨୦ ମସିହା ମାର୍ଚ୍ଚ ୨୦ ତାରିଖରେ ଫାଶୀ ଖୁଣ୍ଟରେ ଝୁଲିବାକୁ ପ ଡ଼ିଥିଲା । ନାବାଳକ ହେତୁ ମହମ୍ମଦ ଫାଶୀ ଦଣ୍ଡରୁ ମୁକ୍ତି ପାଇ ମାତ୍ର ତିନି ବର୍ଷ ଜେଲ ଦଣ୍ଡ ଭୋଗିଥିଲା । ସେତେବେଳେ ସମଗ୍ର ଦେଶରେ ଏହି ଲଜ୍ଜାଜନକ ଘଟଣା ହଇଚଇ ସୃଷ୍ଟି କରିଥିଲା । ଗତ ମେ ମାସ ୧୬ ତାରିଖ ସଂଧ୍ୟାରେ ଆମ ରାଜ୍ୟ ଓଡ଼ିଶାରେ ଘଟିଥିବା ଗୋପାଳପୁର ବେଳାଭୂମିରେ ଏକ କଲେଜ ଛାତ୍ରୀଙ୍କ ସହିତ ହୋଇଥିବା ଗଣଦୁଷ୍କର୍ମ ମାମଲାରେ ମଧ୍ୟ ଚାରିଜଣ ନାବାଳକଙ୍କ ସଂପୃକ୍ତି ରହିଥିବା ଅଭିଯୋଗ ହୋଇଛି । ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ବାଳଅପରାଧ ବ୍ୟାପକ ଭାବରେ ବୃଦ୍ଧି ପାଇଛି । ଆମ ଦେଶର ରାଜଧାନୀ ଦିଲ୍ଲୀରେ ଗୃହ ବିଭାଗର ତଥ୍ୟ ଆଧାରରେ ପ୍ରତି ମାସରେ ୧୦ ରୁ ୧୨ ଜଣ ନାବାଳକ ହତ୍ୟା ଅପରାଧରେ ଜଡ଼ିତ ରହୁଛନ୍ତି। କେବଳ ଦିଲ୍ଲୀ ମହାନଗରୀରେ ୨୦୧୭-୨୦୨୧ ମଧ୍ୟରେ ୧୩୦୦୦ରୁ ଊର୍ଦ୍ଧ୍ୱ ମାମଲାରେ ପ୍ରାୟ ୧୬୦୦୦ ବାଳ ଅପରାଧୀ ଜଡ଼ିତ ଥିବା ଜଣାପଡ଼ିଛି । ତନ୍ମଧ୍ୟରୁ ୩୧୪ ଜଣ ହତ୍ୟା ମାମଲାରେ ,୪୧୨ ଜଣ ହତ୍ୟା ଉଦ୍ୟମ ମାମଲାରେ ,୫୦୦ ରୁ ଅଧିକ ଦୁଷ୍କର୍ମ ମାମଲାରେ ,୪୭୫ ଜଣ ମହିଳାଙ୍କୁ ଅସଦାଚରଣ ମାମଲାରେ ୧୪୦୧ ଜଣ ଡକାୟତି ମାମଲା ଓ ୬୬୦୦ ଜଣ ଚୋରୀ ମାମଲାରେ ସଂପୃକ୍ତି ରହିଛି ।

ଏଭଳି ଅନେକ ସମ୍ବେଦନଶୀଳ ଅପରାଧରେ ନାବାଳକଙ୍କ ସଂପୃକ୍ତିର କାରଣ ଖୋଜିବା ପାଇଁ ବିଭିନ୍ନ ସାମାଜିକ ଓ ସ୍ୱେଚ୍ଛାସେବୀ ସଂଗଠନ ବିଭିନ୍ନ ସମୟରେ ଅନୁସନ୍ଧାନ କରିଛନ୍ତି। ସେମାନଙ୍କ ଅନୁସନ୍ଧାନରୁ ମିଳିଥିବା ରିପୋର୍ଟ ଅନୁସାରେ ଏକାଧିକ କାରଣ ସମାଜରେ ବାଳ ଅପରାଧକୁ ପ୍ରୋତ୍ସାହିତ କରୁଥିବା ଦୃଷ୍ଟିକୁ ଆସିଛି । ପ୍ରଥମତଃ ଅଭାବ ଓ ଅନଟନ ମଣିଷକୁ ଶୈଶବ ଅବସ୍ଥାରୁ ଅପରାଧମନସ୍କ କରୁଛି । ଅର୍ଥନୈତିକ ଦୁରବସ୍ଥା , ପାରିବାରିକ ଗଣ୍ଡଗୋଳ ,ପିତା ମାତାଙ୍କ ମଧ୍ୟରେ ହେଉଥିବା କଳି କଜିଆ , ସ୍ନେହ ମମତାର ଅଭାବ ,କୁସଙ୍ଗର ପ୍ରଭାବ , ଅପରାଧୀ ଗୋଷ୍ଠିଙ୍କ ସହିତ ମିଳାମିଶା ,ମାନସିକ ଦୁର୍ଷ୍ଟି' । ଭଳି ଅନେକ କାରଣ ନାବାଳକମାନଙ୍କୁ ଅପରାଧୀ ସଜାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ସାଂପ୍ରତିକ ଡିଜିଟାଲ ଦୁନିଆରେ ଟେଲିଭିଜନରେ ପ୍ରଦର୍ଶିତ ହେଉଥିବା ଅପରାଧ ମୂଳକ ଚଳଚିତ୍ର ,ମୋବାଇଲର ଅପବ୍ୟବହାର ପ୍ରଭୃତି ମଧ୍ୟ ବାଳ ଅପରାଧୀ ବଢ଼ାଇବା ପାଇଁ ସଂପୂର୍ଣ୍ଣ ଦାୟୀ ଅଟେ । ଅନ୍ୟ ମୁଖ୍ୟ ଦିଗଟି ହେଲା ଆଇନ ଓ ଅଦାଲତରେ ନାବାଳକ ମାନଙ୍କ ପାଇଁ ଦଣ୍ଡବିଧାନ ବ୍ୟବସ୍ଥାରେ ଥିବା କୋହଳ ମନୋଭାବ ବାଳ ଅପରାଧୀଙ୍କୁ ଅପରାଧ ଭିଆଇବାରେ ପ୍ରୋତ୍ସାହିତ କରୁଛି । ଦେଖାଯାଇଛି ଅନେକ ମାମଲାରେ ସୁଧାର ଗୃହରୁ ଫେରିଲା ପରେ ବି ଏହି ବାଳଅପରାଧୀ ମାନଙ୍କ କାର୍ଯ୍ୟକଳାପରେ ବିଶେଷ କିଛି ପରିବର୍ତ୍ତନ ହେଉ ନାହିଁ। ସୁଧାର ଗୃହରୁ ଫେରି ମଧ୍ୟ କିଛି ବାଳଅପରାଧୀ ହତ୍ୟାକାଣ୍ଡରେ ଲିପ୍ତ ରହିଛନ୍ତି । ବରଂ ସେମାନଙ୍କ ପ୍ରତି ଆଇନର କୋହଳତା ବାରମ୍ବାର ଅପରାଧ କରିବାକୁ ସୁଯୋଗ ସୃଷ୍ଟି କରୁଛି । ସମାଜରେ ଯେଉଁ ହାରରେ ବାଳଅପରାଧୀଙ୍କ ସଂଖ୍ୟା ବଢ଼ିଚାଲିଛି ଏହା ଆଗାମୀଦିନରେ ମାନବର ଶାନ୍ତି ସହାବସ୍ଥାନ ପାଇଁ ଘୋର ବିପଦକୁ ଆହ୍ୱାନ କରୁଛି । ଏହାର ନିୟନ୍ତ୍ରଣ ପାଇଁ ସବୁ ସ୍ତରରେ ଉଦ୍ୟମ କରିବାର ଆବଶ୍ୟକତା ରହିଛି । ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଏକ ମିଶନ ନେଇ ପ୍ରୟାସ କଲେ ଆମ୍ଭେ ନିଶ୍ଚୟ ଆଶ୍ୱସ୍ତି ପାଇପାରିବା । ବ୍ୟାପକ ଜନସଚେତନତା , ବିଦ୍ୟାଳୟରେ ନୈତିକ ଶିକ୍ଷାପ୍ରତି ଗୁରୁତ୍ୱ ପ୍ରଦାନ କରିବା ସହିତ ଆଇନରେ ମଧ୍ୟ ପରିବର୍ତ୍ତନ ଘଟିଲେ ଅପରାଧ ଜଗତରେ ବାଳ ।ପରାଧୀଙ୍କ ଭି ଡ଼କୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇ ପାରିବା ।

ସିନାପାଲି (ଗୋଡ଼ାଲ ),ନୂଆପଡ଼ା ।

# କେଉଁ ଅର୍ଥ ଅନର୍ଥର କାରଣ ହୁଏ ନାହିଁ ?

**ଉମେଶ ଚନ୍ଦ୍ର ପାତ୍ର ■**

ଏହି କଳିଯୁଗରେ ମଣିଷର ଆବଶ୍ୟକତା ବହୁ ପରିମାଣରେ ବୃଦ୍ଧି ପାଇଛି । ଆମ ଭିତରେ ଥିବା ଉପଭୋଗ, କାମନା ଏବଂ ଲୋଭକୁ ସନ୍ତୋଷ କରିବା ନିମନ୍ତେ ଅସୀମ ପରିମାଣରେ ଦ୍ରବ୍ୟ ଆମେ ଚାହୁଁ । ଏପରିକି ଦ୍ରବ୍ୟର ଆବଶ୍ୟକତା ଥାଉ କି ନଥାଉ ସେଥିରେ କିଛି ଯାଏ ଆସେନାହିଁ । ଆମେ ନିଜ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଦ୍ରବ୍ୟ ରଖିବାକୁ ଚାହୁଁ । ନେତ୍ର ଦେଖଇ ଯାହା ଚର୍ତୁଦ୍ଦିଗର ମନ ଚାହେଁ ହେବାକୁ ତାହାର ଅଧିଶ୍ୱର । ଏସବୁକୁ ଉପଭୋଗ କଲେ ମଧ୍ୟ ମାୟାର ଜାଲ ଯୋଗୁଁ ପ୍ରକୃତ ଶାନ୍ତି ଏବଂ ସନ୍ତୋଷ ଦୂରକୁ ଚାଲିଯାଏ । ମନ ମାନେ ନାହିଁ । ଆମର ବୈଜ୍ଞାନିକମାନେ ନିଜର ମସ୍ତିଷ୍କକୁ ଲଗାଇ ପର୍ଯ୍ୟାପ୍ତ ପରିଶ୍ରମ କରି ଦ୍ରବ୍ୟମାନ ଉଦଭାବନା ବା ଆବିଷ୍କାର କରନ୍ତି । ଗଣମାଧ୍ୟମରେ ତାହାର ପ୍ରଚାର ହୁଏ । ସେ ଏହାକୁ ହାସଲ କରିବା ନିମନ୍ତେ ସବୁ ପ୍ରକାରର ଉଦ୍ୟମ କରିଥାଏ । ଏହାକୁ ହାସଲ କରିବା ନିମନ୍ତେ ଉଦ୍ୟମ କଲାବେଳେ ଏହାର ଉପଯୋଗିତା ତାହା ନିମନ୍ତେ ଅଛି କି ନାହିଁ ତାହାର ବିଚାର ମଧ୍ୟ ସେ କରେନାହିଁ । ଗବେଷଣା ଏବଂ ବିଭିନ୍ନ ଉଦ୍ୟମ ଫଳରେ ବହୁ ଦ୍ରବ୍ୟ ଆମେ ଦେଖିବାକୁ ପାଇଥାଉ । ଏତେସବୁ ଦ୍ରବ୍ୟ ଦେଖି ଜୀବ ମଧ୍ୟରେ ଲୋଭ ସୃଷ୍ଟି ହୁଏ । ଏହି ଲୋଭ ଏତେ ପ୍ରବଳ ହୁଏ ଯେ ଦ୍ରବ୍ୟକୁ ହାସଲ ନକରିବା ପର୍ଯ୍ୟନ୍ତ ମନରେ ଶାନ୍ତି ମିଳେନାହିଁ । ଏଥିନିମନ୍ତେ ସେ ଯାହା କିଛି କରିଦେବାକୁ ପଛାଏ ନାହିଁ । ହୁଏତ ଉଦ୍ୟମ ଫଳରେ ଆମକୁ ସଂପୂର୍ଣ୍ଣ ଭାବେ କିମ୍ବା କିଛି ପରିମାଣରେ ଦ୍ରବ୍ୟ ମିଳେ; କିନ୍ତୁ ଏହି ମିଳିବାରେ ଶାନ୍ତି ଆସେ ନାହିଁ । ଦ୍ରବ୍ୟକୁ ଉପଭୋଗ କରୁଥିବା ସମୟରେ ହିଁ ପ୍ରକୃତ ଶାନ୍ତି ଠକି ଦେଇ ଚାଲିଯାଏ ଏବଂ ମନ ଭିତରକୁ ଏହି ଅସନ୍ତୋଷ ପଶିଆସେ ।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁଗ୍ଧ ମନରେ ମୋହନ ସ୍ୱରରେ ତାନ ତୋଳିଲେ – 'କତି ମଣି ପଡ଼େ ଆଛେ ଆମାର ଚିନ୍ତା ମଣିର ନାଚ ଦୁଆରେ ।' ଗାଉ – ଗାଉ ପୁଣି ଭାବମୁଗ୍ଧ ଅନ୍ତରରେ ସହଜ ଭାବରେ କହିଲେ – Enormous riches are scattered here and there at the feet- dust of our beloved the Lord (ପ୍ରିୟ ପରମଙ୍କର ଚରଣ ଧୂଳିର ମଧ୍ୟରେ ଏଠିସେଠି ବିଛାଡ଼ି ହୋଇ ପଡ଼ିଅଛି କେତେ ବିପୁଳ ଐଶ୍ୱର୍ଯ୍ୟ) । Riches for Lord are not riches, riches to serve Lord are not riches because they do not induce pride of riches (ଇଷ୍ଟଙ୍କ ପାଇଁ ଯେଉଁ ଧନ ସେ ଧନ ଧନ ନୁହଁ । ଇଷ୍ଟ ସେବା ପାଇଁ ଯେଉଁ ଐଶ୍ୱର୍ଯ୍ୟ ସେ ଐଶ୍ୱର୍ଯ୍ୟ ଐଶ୍ୱର୍ଯ୍ୟ ନୁହଁ । କାରଣ ତାହା ଧନ ଗର୍ବ ସୃଷ୍ଟି କରିପାରେ ନାହିଁ ।) ଯେଉଁ ଅର୍ଥ ଇଷ୍ଟ ସେବାରେ ଲାଗେ ତାହା କେବେ ବି ଅନର୍ଥର କାରଣ ହୁଏନାହିଁ, ବରଂ ତାହା ପରମାର୍ଥର ପଥ ହିଁ ପ୍ରଶସ୍ତ କରେ । ଏହି ଭଳିଆ ଅର୍ଥ ଯେତେ ହିଁ ବଢୁ, ସେଥିରେ ଦୋଷ ନାହିଁ । ହିଡ଼ମିଞ୍ଚା ଶାଗ ଯେପରି ଶାଗ ମଧ୍ୟରେ ଗଣା ହୁଏ ନାହିଁ, କାରଣ ତାହା ଭଲ ଛାଡ଼ା କ୍ଷତି କମ ହିଁ କରେ । ଇଷ୍ଟ ମଙ୍ଗଳ ସ୍ୱରୂପ, ଇଷ୍ଟ ପବିତ୍ରତାର ସ୍ୱରୂପ ତେଣୁ ସବୁକିଛି ତାଙ୍କୁ ନିବେଦନ କରି, ତାଙ୍କରି ସେବାରେ ଲଗାଇ ହୀତି ପ୍ରତୁଳ ଓ ପରିଶୁଦ୍ଧ କରି ତୋଳିବାକୁ ହୁଏ । ଆଉ ଇଷ୍ଟାଙ୍କୁ ଯାହା ଦେବ ତାହା ବି ଯେପରି ସର୍ବତେ ଭାବରେ ପୂତି ଓ ଶୁଦ୍ଧ ହୁଏ । Riches that serve Lord nature the vital vim of every individual. Love Lord constantly, serve Lord and do for Lord and that will make you rich in vital vim (ଯେଉଁ ଧନ ଇଷ୍ଟଙ୍କୁ ସେବା କରେ ତାହା ପ୍ରତ୍ୟେକଙ୍କର ଜୀବନୀ ଶକ୍ତିକୁ ପୁଷ୍ଟ କରେ । ସର୍ବଦା ଇଷ୍ଟଙ୍କୁ ଭଲ ପାଅ, ସେବାକର, ଇଷ୍ଟଙ୍କ ପାଇଁ କର, ତାହା ହିଁ ତୁମକୁ ଜୀବନୀ ଶକ୍ତିରେ ସମୃଦ୍ଧ କରି ତୋଳିବ) । ଆ : ପ୍ର: ୧୨/୨୧.୦୫.୧୯୪୮ ।

ଆମ ଭିତରୁ ଅନେକ ଜାଣନ୍ତି ଯେ ସନ୍ତୋଷ ହେଉଛି ମାନସିକ ସ୍ଥିତିରେ ପରିବର୍ତ୍ତନ ବା ଏକ ଅନୁଭୂତି । ଯଦି ଜଣେ ବ୍ୟକ୍ତିଙ୍କର ଅନ୍ୟ ମାନଙ୍କ ପାଖରେ ଥିବା ଦ୍ରବ୍ୟଟି ନଥାଏ ଏବଂ ତାହାକୁ ଲାଭ କରିବା ପାଇଁ ସେ ବହୁତ ଚିନ୍ତା କରନ୍ତି ତେବେ ସେ କ୍ଷେତ୍ରରେ ତାଙ୍କ ମନରେ କିପରି ସନ୍ତୋଷ ପ୍ରବେଶ କରିବ ? ମୋର ନାହିଁ ମୋର ନାହିଁ ବୋଲି ଯଦି ସବୁବେଳେ ସେ କହେ ତେବେ ତାଙ୍କୁ ଶାନ୍ତି ମିଳିବ କି ? ତେଣୁ ଈଶ୍ୱରଙ୍କ ଆଶୀର୍ବାଦରୁ ଆମକୁ ଯାହା ମିଳିଛି ସେଥିରେ ଆମେ ତୁଷ୍ଟ ହୋଇ ତାହାକୁ ଉପଭୋଗ କଲେ ଶାନ୍ତି ମିଳିବ । ସନ୍ତୋଷ ହେଉଛି ଏକ ସହଜାତ ପ୍ରବୃତ୍ତି । ଏହା ଆକାଶରୁ ଖସି ପଡ଼େ ନାହିଁ । ଏହି କଳିଯୁଗରେ ଆମେ ଅନ୍ୟକୁ ଅନୁକରଣ କରି ଆମୋଦ ପ୍ରମୋଦ ମଧ୍ୟରେ ଜୀବନ ବିତାଇବା ମଧ୍ୟରେ ମଜ୍ଜି ରହୁଛେ । ଈଶ୍ୱର ଯେଉଁ କାର୍ଯ୍ୟ ନିମନ୍ତେ ଆମକୁ ଏହି ଭବ ସାଗରକୁ ପଠାଇଛନ୍ତି ତାହା ସଂପାଦନ କରିବା ପରେ ଆମକୁ ସନ୍ତୋଷ ପ୍ରାପ୍ତି ନିମନ୍ତେ ଈଶ୍ୱରଙ୍କ ଶରଣାପନ୍ନ ହେବାକୁ ପଡ଼ିବ । ଯେତେ ଶୀଘ୍ର ହେବ ସେତେ ଭଲ । ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ କାଳଜୟୀ ସ୍ମରଣୀୟ ଧାଡ଼ିଟି ମନେପଡୁଛି – 'ଧନଜନ ଦୁହେଁ ଚିରଶତ୍ରୁ ଭବେ, କିଏ କି ନ ଜାଣେ କାହିଁ ? ଧନ ରହିଥାଏ ପୁରି ଯେ ଠାବେ ଲୋ, ଜନ ତ ଆସଇ ନାହିଁ । ଧନ ଯାଏ ମର୍ତ୍ତ୍ୟେ ବୋଲନ୍ତି ସତେ ସେ, ଦିନ ଦୁଇକଥା ସିନା, ଲକ୍ଷ୍ମୀଙ୍କ ନିଗ୍ରହେ କୁବେର କେତେଲୋ, ପିନ୍ଧୁଛନ୍ତି ଚିରା କନା । ଦୁଃଖୀ ପାଇଁ ଦିନେ, କାହାରି ଜଗତେ, ନକାନ୍ଦେ ଅନ୍ତର ତିଳେ, ଯାହାର ଯେତିକ ଧନମାନ ଶିରୀ, ପୂଜା ତାର ମହୀତଳେ ।' ଭାଗବତ ମଧ୍ୟ ଯଥାର୍ଥରେ ଉଲ୍ଲେଖ ହୋଇଛି – 'ଧନ, କାର୍ପଣ୍ୟ ସେବା ତଳେ, କିବା ଅସାଧ ମହୀ ତଳେ ।'

ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# 'ଜ୍ଞାନୀ ହୁଅ, ଧନୀ ପଛେ ନହୁଅ'

**କିଶୋର କୁମାର ଜେନା ■**

ଆଧ୍ୟାତ୍ମିକତା ପ୍ରତି ବିମୁଖ ନହୋଇ ସମ୍ପୃକ୍ତ ହେଲେ ଯାଇ ଏହାର ପ୍ରକୃତ ସୁଖ ମିଳିପାରିବ । ଆଧ୍ୟାତ୍ମିକତା ସର୍ବଦା ଚେତନା ଜାଗ୍ରତ କରିବା ପାଇଁ ଆହ୍ୱାନ ଜଣାଇଥାଏ । ନିଜ ଚେତନାକୁ ଜାଗ୍ରତ ରଖିବା ଲାଗି ଆମକୁ ଏହି ମାନବ ଜନ୍ମ ପ୍ରାପ୍ତ ହୋଇଛି । ସର୍ବଦା ଜାଗ୍ରତ ରହିଲେ ଆମେ ଜୀବନରେ ସମସ୍ତ ଉପଲବ୍ଧି ହାସଲ କରିପାରିବା । ଚେତନା ଜାଗ୍ରତ ନହେଲେ ଆମେ ନିଜକୁ ଠିକ୍ ଭାବେ ଅନୁଶୀଳନ କରିପାରିବା ନାହିଁ କିମ୍ବା ଈଶ୍ୱରଙ୍କୁ ମଧ୍ୟ ବୁଝି ପାରିବା ନାହିଁ । କଠୋପନିଷଦରେ କୁହାଯାଇଛି ଯେ ଉତ୍ତିଷ୍ଠ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ । ଅର୍ଥାତ୍ ଉଠ, ଜାଗ ଏବଂ ଶ୍ରେଷ୍ଠତା ପ୍ରାପ୍ତ କର । ଏହି ଶ୍ଳୋକରୁ ସ୍ୱାମୀ ବିବେକାନନ୍ଦ ନିଜସ୍ୱ ଢ଼ଙ୍ଗରେ ବ୍ୟାଖ୍ୟା କରିଛନ୍ତି । ଏଣୁ ଜାଗ୍ରତ ରହିବା ଜରୁରୀ । କିନ୍ତୁ ଆମେ ଏକ ପ୍ରକାର ନିଦରେ ହଜିଯାଇଛୁ । ଏହା ମୋହ, ମାୟା ଏବଂ ଲୋଭର ନିଦ । କାମ, କ୍ରୋଧ, ଭୟ, ଲୋଭ, ମୋହ ଆଦି ଅବଗୁଣକୁ ପରିତ୍ୟାଗ କଲେ ଯାଇ ଆମ ଚେତନା ଜାଗ୍ରତ ହୋଇପାରିବ । ଏହାପରେ ଆତ୍ମାର ସେହି ଦିବ୍ୟ ପ୍ରକାଶକୁ ଦେଖିହେବ । ନିଜ ଭିତରେ ହିଁ ପରମାତ୍ମାଙ୍କ ଅସ୍ତିତ୍ୱକୁ ଅନୁଭବ କରିହେବ । ଆତ୍ମବିଶ୍ୱାସ ଘନିଭୂତ ହେବଂ ବ୍ୟକ୍ତି ସଂସାରର କଲ୍ୟାଣ ସାଧିତ କରିପାରିବ । ଇର୍ଷା-ଦ୍ୱେଷ, ଆସକ୍ତି ଆଦିକୁ ପରିତ୍ୟାଗ କଲେ ମନୁଷ୍ୟ ଆତ୍ମଉନ୍ମୁଖରୁ ପରମଉନ୍ମୁଖ ହୋଇପାରିବ । ଯେ ସର୍ବଦା ଜାଗି ରହିଥାଏ ତାକୁ ଆମେ ଜାଗ୍ରତଶୀଳ କହିଥାଉ । ଈଶ୍ୱରଙ୍କ ପ୍ରକାଶ ଖୋଜିବାକୁ ହେଲେ ପ୍ରଥମେ ନିଜ ଭିତରେ ଖୋଜିବାକୁ ହେବ । ଆଧ୍ୟାତ୍ମ ଏବଂ ଯୋଗ ଜ୍ଞାନ ଆମକୁ ଏହି ବାର୍ତ୍ତା ଦେଇଥାଏ । ଜାଗ୍ରତ ହୋଇପାରିଲେ ମନୁଷ୍ୟ ପାଇଁ କିଛି ବି ଅସମ୍ଭବ ହୋଇ ରହିନଥାଏ ।

ବାପାଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି, କେହି ତାଙ୍କୁ ଭୁଲି ନାହାନ୍ତି କିମ୍ବା ତାଙ୍କୁ ଉପେକ୍ଷା କରିନାହାନ୍ତି, ଏହା ହିଁ ଥିଲା ତାଙ୍କର ବ୍ୟକ୍ତିତ୍ୱ । ଥରେ ବାପା ମୋ ବଡ଼ଭାଇଙ୍କୁ କହିଲେ ଯେ, ଗଙ୍ଗଭରଙ୍ଗ ଉରମନ୍ଦରର ଆମେ ନେଇଛେ, ସେଗୁଡ଼ାକ ସବୁ ଆଣ, ପ୍ରାୟ ପଚାଶ ହଜାର ଟଙ୍କାର ଗଙ୍ଗଭରଙ୍ଗ ଉରମନ୍ଦରରକୁ ସେ ନିଆଁରେ ପୋଡ଼ି ଦେଲେ । ବଡ଼ ଭାଇଙ୍କ କହିବା ଅନୁଯାୟୀ, ବାପାଙ୍କର ଉକ୍ତି ଥିଲା ଯେ, ଗରିବ ଲୋକ ଟଙ୍କା ନେଇ ଦେଇପାରୁନାହାନ୍ତି ତା ବୋଲି ତାଙ୍କ ଘରବାଡ଼ି ନିଲାମ କରିବି ? ତାଙ୍କର ଏହି ଅମାୟିକ ଗୁଣ ଜନସାଧାରଣରେ ବହୁତ ଆଦୃତ ଥିଲା । ଯଦିଓ ସେ ବେଶୀ ପାଠ ପଢ଼ିନଥିଲେ, କିନ୍ତୁ ତାଙ୍କର ଜ୍ଞାନରେ ସେ ଅନ୍ୟମାନଙ୍କର ସମ୍ମାନନୀୟ ହେଉଥିଲେ । ସଂସ୍କୃତ ଭାଷା ପ୍ରତି ତାଙ୍କର ବହୁତ ଆଦର ଥିଲା, ତେଣୁ ସେ ଗୋଟିଏ ସଂସ୍କୃତ ଟୋଲ ନିଜ ଖର୍ଚ୍ଚରେ ପ୍ରତିଷ୍ଠା କରି, ବହୁତ ଗରିବ ବ୍ରାହ୍ମଣ ପିଲାଙ୍କୁ ସଂସ୍କୃତ ଶିକ୍ଷାଦାନ କରାଇଥିଲେ । ମୋର ନିଜ କଥା ମୁଁ ଯେତେବେଳେ ବ୍ୟବସାୟରେ ଖୁବ ଉଚ୍ଚକୁ ଉଠି ଚାଲିଥିଲି, ସେତେବେଳେ ସେ ମୋତେ ପାଖକୁ ଡାକି ଓକିଲାତି କରିବା ପାଇଁ କହିଥିଲେ । ତାଙ୍କ କଥା ମାନି ମୁଁ ଓକିଲାତି ଆରମ୍ଭ କଲି, ଓକିଲାତି ଆରମ୍ଭ କରିବା ପୂର୍ବରୁ ମୁଁ ଯେତେବେଳେ ତାଙ୍କୁ ମୁଣ୍ଡିଆ ମାରିବାକୁ ଗଲି, ସେ ମୋତେ ଆଶୀର୍ବାଦ କରି କହିଥିଲେ, 'ଜ୍ଞାନୀ ହୁଅ, ଧନୀ ପଛେ ନହୁଅ' । ତାଙ୍କର ପ୍ରବଳ ଆଗ୍ରହ ଜ୍ଞାନ ପ୍ରତି ଥିଲା । ଓଡ଼ିଶା ଇତିହାସରୁ ପୃଥିବୀ ଇତିହାସ ପର୍ଯ୍ୟନ୍ତ ତାଙ୍କର ସ୍ମରଣ ଭିତରେ ଖୁବ ସୁନ୍ଦର ଭାବରେ ସାଇତା ହୋଇ ରହିଥିଲା । ବାପାଙ୍କର କେହି ଭାଇ କିମ୍ବା ଭଉଣୀ ନଥିଲେ । ୧୯୬୪ ମସିହା କଥା । ମୋର ବଡ଼ ଜେଜେଙ୍କ ପୁଅ ଆମର ବଡ଼ ବାପା । ତାଙ୍କ ପୁଅକୁ ସେ ନିଜ ଖର୍ଚ୍ଚରେ ଜର୍ମାନ ପଠାଇଥିଲେ ଉଚ୍ଚଶିକ୍ଷା ପାଇଁ । ସେତେବେଳେ ଆମେମାନେ ବହୁତ ଛୋଟ ଛୋଟ ଥିଲୁ । ବାପାଙ୍କ ପାଖରେ ଆବଶ୍ୟକୀୟ ଅର୍ଥ ନଥିଲା । ତେଣୁ ବାପା ଜମି ବିକ୍ରି କରି ଆବଶ୍ୟକୀୟ ଅର୍ଥ ବଡ଼ବାପାଙ୍କ ପୁଅକୁ ଦେଇଥିଲେ ଜର୍ମାନ ଯିବା ପାଇଁ । ବାପାଙ୍କର ଆଉ ଗୋଟିଏ ଗୁଣ ସେ ନିଜ ପାଇଁ କିଛି କରିବା ପାଇଁ ଆଗ୍ରହି ନଥିଲେ । ମୋ ଜୀବନର ବହୁତ ଆନନ୍ଦ ମୁଁ ବାପାଙ୍କୁ ନେଇ ଉତ୍ତର ଭାରତ ଏବଂ ଦକ୍ଷିଣ ଭାରତର ପ୍ରାୟ ସମସ୍ତ ତୀର୍ଥ ଦର୍ଶନ କରାଇଥିଲି । ବାପା ଏବଂ ବୋଉଙ୍କୁ ଧରି ବିଭିନ୍ନ ତୀର୍ଥକୁ ଯିବା ମୋ ଜୀବନର ଏକ ଅମୂଲ୍ୟ ଗତି ହୋଇ ରହିଛି ।

ଆଇନଜୀବୀ, ବଙ୍ଗାଳିସାହି, କଟକ,
ଦୂରଭାଷ : ୭୩୨୫୯୦୪୯୨୭/ ୭୩୭୭୪୩୯୦୭୭

# ପାଣି ବାଣ୍ଟ ପାଣି ପାଇବ

**ଅଜୟ କୁମାର ବେହେରା ■**

ମହାଭୂତ ଯାହା ଦାନୀୟ ବସ୍ତୁରେ ବି ଆସେ । ମରିଯିବା ଲୋକର ଶବ ଦାହ ହିନ୍ଦୁମତରେ କରାଯାଏ । ଏଥିରେ ମୁଖାଗ୍ନି ଜଣେ କେହି ଦେଇଥାଏ । ମୃତଲୋକଙ୍କ ଘରୁ ନିଆଁ ବରିଆରେ ଯାଇଥାଏ । ନିଆଁକୁ ଧରି ଲୋକଟି ଶବ ଆଗେ ଆଗେ ଶ୍ମଶାନକୁ ଚାଲୁଥାନ୍ତି । ଶ୍ମଶାନରେ ଶବ କାଷ୍ଠ ଉପରେ ସଜ୍ଜିତ ରହିବା ପରେ ଅଗ୍ନି ସଂଯୋଗ ମୁଖରେ ଲଗାଯାଏ । ଏଠାରେ ଅଗ୍ନି ଦାହ କାର୍ଯ୍ୟରେ ଲାଗିବା ଏ ବିଧି ଅନେକ କଷ୍ଟରେ ଗୃହ ପ୍ରବେଶ ପ୍ରତିଷ୍ଠା ଦିନ ପୁରୋହିତମାନେ ହୋମ ଅଗ୍ନିରୁ ଅଗ୍ନି ପ୍ରଦାନ କରି ଗୃହସ୍ଥ ଗୃହରେ ପ୍ରଥମ ରୋଷେଇ କ୍ରିୟା କରାଇଥାନ୍ତି । ପୂର୍ବେ ସେ ଅଗ୍ନିକୁ ଏକ ପ୍ରଦୀପ ସହାୟତାରେ ବର୍ଷ ବର୍ଷ ଜଳାଇ ରଖାଯାଉଥିଲା । ଏ ସମୟରେ ଏପରି କରାନଗଲା କଲେ ବି ପବିତ୍ର ଅଗ୍ନି ରୋଷେଇ ପାଇଁ ଲାଗୁଛି ବୋଲି ଚିନ୍ତନ ସେହିଦିନ କରାଯାଉଛି । ଏ ନିଆଁରୁ ଶ୍ମଶାନକୁ ନିଆଗଲେ ସେ ଗୃହର ଅଗ୍ନି ମାରା ହୁଏ । ଶ୍ମଶାନର ଶବପୋଡ଼ା ଅଗ୍ନି ନାମ କ୍ରାବ ଅଗ୍ନି, ଯଜ୍ଞ ହୋମରେ ଏକ କୁଶ ପୋତି ବା ଅଗ୍ନିର ଏକ ସଂସ୍କାର କରି କ୍ରାବ ଅଗ୍ନି ଦୋଷ କରାଗଲା ପରେ ହୋମାଦି କ୍ରିୟା କରାଯାଏ । କେହି ଶ୍ରୀକ୍ଷେତ୍ରର ସ୍ୱର୍ଗଦ୍ୱାରରେ ସଂସ୍କାର ପାଇଁ ଶବ ନେଇଗଲେ ଅନେକଙ୍କୁ ମନ୍ଦିରର ଅଗ୍ନି ମାଗଣାରେ ନେଇ ଯିବାକୁ ହୁଏ । ଶ୍ରୀମନ୍ଦିରରେ ରୋଷଶାଳାର ଅଗ୍ନି ସବୁଦିନେ ସଂସ୍କାର କରାଯାଏ । ଯଦି ପୂର୍ବେ କେହି ହୋମଯଜ୍ଞ କରୁଥିଲେ ଏପରି ସଂସ୍କାରିତ ଅଗ୍ନି ବ୍ରାହ୍ମଣଙ୍କଘର ଦେବ ମନ୍ଦିରରୁ ସୂର୍ଯ୍ୟଙ୍କ ଠାରୁ ଦୁଇଟି କାଠଘସି ମିଳୁଥିବା ଅଗ୍ନିରେ କରାଯାଏ । କାଠ ଘର୍ଷଣ ପ୍ରକୃତରେ ବନାଗ୍ନି ଯାହା 'ଅରୁଣୀ' ପ୍ରକ୍ରିୟାରେ ଏ ନିଆଁ ଯେ କୌଣସି ସ୍ଥାନରେ ସଂଗ୍ରହ ହୋଇପାରେ । ସୂର୍ଯ୍ୟାଗ୍ନି ଯବକାଚ ମାର୍ଫତ ସଂଗ୍ରହହୁଏ । ପ୍ରତ୍ୟେକଙ୍କ ଜଠରରେ ଅଗ୍ନି ଅଛି । ଏହା ଦେଖାନଗଲେ ବି ନିଶ୍ଚେ ଅନୁଭବ ସିଦ୍ଧି ଘଟଣା । ବହୁଲୋକଙ୍କୁ ଭୋଜିଭାତରେ ଅପ୍ୟାୟତ କରାଗଲେ ବି ଅଗ୍ନି ତୃପ୍ତି କରାଯିବା ଏକ ବିହିତ ବ୍ୟବସ୍ଥା । ଆମର ଅଗ୍ନି ଉତ୍ସବ ପର୍ବ ସାମୁହିକ ମାଘ ପୂର୍ଣ୍ଣିମା ଦିନ ପାଳନ କରାଯାଏ । ପ୍ରତ୍ୟେକ ଚାଷୀ ତାଙ୍କର ଜମିରୁ ମିଳିଥିବା ଧାନର ଶୁଷ୍କ କୁଟାନଡ଼ାକୁ ଗାଁ ମୁଣ୍ଡରେ ସ୍ତୁପିକୃତ କରି ସନ୍ଧ୍ୟାରେ ୧ମ ପ୍ରହର ରାତ୍ରୀରେ ଅଗ୍ନି ସଂଯୋଗ କରିଥାନ୍ତି । ଏହି ନିଆଁ ପ୍ରତ୍ୟେକ ଲୋକଙ୍କ ଗୃହରେ କମାର ଶାଳର ଶାଣ ଘର୍ଷଣ ଅଗ୍ନିରୁ ସଂଗ୍ରହ ଅଗ୍ନିରୁ କମାର ଗୃହରୁ ସଂଗ୍ରହ କରି ଦିବସ ସାରା ଗୃହରେ ଜାଗ୍ରତ ରଖି ସେ ଅଗ୍ନିକୁ ସ୍ତୁପିକୃତ ନଡ଼ାଗଦାରେ ଲଗାଇ ଅଗ୍ନିକୁ ପରିକ୍ରମା କରାଯାଏ । ଅଗ୍ନିରେ ବାଇଗଣ ଆଳୁ ପକାଇ ତାକୁ ପୋଡ଼ି ଲୋକେ ଅଗ୍ନିର ପ୍ରସାଦ ରୂପେ ଗ୍ରହଣ କରନ୍ତି । ଏ ସବୁ ଅଗ୍ନିର ପୂଜା ଓ ପ୍ରୟୋଗ । ଅଗ୍ନିର ଦେବତ୍ୱ ରହିବା ମଧ୍ୟରେ ରହିଥାଏ । ଅଗ୍ନିଯେ ଦାନୀୟ ଘୃତ ବା ହବି ଅଗ୍ନି ହୋମ ଯଜ୍ଞର ଇନ୍ଧନ । ଯଜ୍ଞକର୍ମରେ ଲୋକମାନେ ଏବେ ବି ଘୃତ ଦେଇ ପୁଣ୍ୟ ଅର୍ଜନ କରି ତୃପ୍ତି ହେଉଛନ୍ତି । ବିଶ୍ୱାସରେ ଏହା କରାଯାଉଛି । କାହାରିକୁ ଅନ୍ନ ସବୁଦିନେ ଯୋଗାଇବା କାମ କୃଷକ ଗୋଷ୍ଠୀର ଆଉ ଶିକ୍ଷାବିତ ଶିକ୍ଷା ପ୍ରଦାନକାରୀ ଶିକ୍ଷକ ଅଧ୍ୟାପକ ଗୋଷ୍ଠୀର ଦାୟିତବ । ବହୁ ସ୍ଥାନକୁ ସମାନ ଭାବରେ ଅନ୍ନ ଯୋଗାଣ ରଖିବା କାର୍ଯ୍ୟରେ ସ୍ୱାହା ପ୍ରଶାସକ ସରକାରୀ କର୍ତ୍ତା ମାନଙ୍କର କାର୍ଯ୍ୟ । ଋତୁ ଅନୁସାରେ ଓ ସ୍ଥାନ ଅନୁସାରେ କୃଷି ଫସଲ ଫଳ ଉତ୍ପାଦନ ହୁଏ । ଯେଉଁ ସ୍ଥାନରେ ସେ ଫସଲ ଫଳ ମୂଳ ତତ୍କାଳ ଦୁର୍ଲ୍ଲଭ ଏହି ସରକାରୀ ରାଜକାନୁନ ସେ ସ୍ଥାନର ସୁଲଭ କରାଇ ପାରୁଛନ୍ତି । ପରିବହନ ପ୍ରକ୍ରିୟାରେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ରପ୍ତାନୀ କରିପାରୁଛନ୍ତି । ଏହି ଅନ୍ନଲାଭ ପ୍ରକ୍ରିୟା ଅଗ୍ନି ପାଇ ଭସ୍ମ ।

ସୃଷ୍ଟି ହେଉଛି, କେଉଁଠି ଭୂମି କୃଷିରେ ଫାଟି ପଡୁଛି । କେଉଁଠି ମରୁଡ଼ି, କେଉଁଠି ଜଳାର୍ଣ୍ଣବ ତ କେଉଁଠି ଜଳ ଯୋଗୁ ଆଧୁନିକ ଜୀବନ ପାଇଁ ଉତ୍ସ ଶିଳ୍ପାଞ୍ଚଳ । ସବୁ ଜଳ ଯୋଗୁ ଘଟୁଛି ସବୁ ଜଳକ୍ଲେସ । ଘାଟ ପ୍ରସ୍ତୁତ ଜଳର ଆଧାର ପାଇଁ ମାଟି ଘଟ ପରେ ଧାତୁଘଟ ତାପରେ ପଥର କାମର ଘଟ । କାଚଗିଲାସରେ ପାଣି ସ୍ୱଚ୍ଛ ଦେଖାଗଲେ ଲୋକେ ନିଦ୍ୱନ୍ଦ୍ୱରେ ପାନ କରୁଛନ୍ତି । ଜଳର ଶୁଦ୍ଧ ଅଶୁଦ୍ଧ ପରିଷ୍କାର ଅପରିଷ୍କାର ଏମିତି ସଙ୍ଗ ଦୋଷ ଜଳ ହେତୁ ହୋଇଥାଏ । ମନୁଷ୍ୟ ପରିଷ୍କୃତ ଜଳକୁ କେବଳ ପାନୀୟ କରୁଛି । ବର୍ଷାଦିନେ ନଦୀ ଜଳ କାଦୁଆ ମଇଳା ମାତ୍ର ଆସ୍ତେ ଆସ୍ତେ ପରିଷ୍କାର ମାଟିଆରୁ ନୀଳବର୍ଣ୍ଣ ହେଉଛି । ହେଲେ, ତାହା ପ୍ରତ୍ୟକ୍ଷ ମାନବିକ ପେୟରେ ଆସୁନାହିଁ ତା ପାଇଁ ରସାୟନ ପ୍ରୟୋଗ କୀଟାଣୁ ମାରଣ ପ୍ରକ୍ରିୟା କରାଗଲେ ଯାଇ ପେୟ ଯୋଗ୍ୟ ହେଉଛି । ପାଣି ସର୍ବରସ ସମ୍ପନ୍ନ ସର୍ବରଙ୍ଗ ସମ୍ପନ୍ନ କରାଯାଇପାରେ । ଗଙ୍ଗାପାଣି ସବୁବେଳେ ପବିତ୍ର ଶୁଦ୍ଧ । ମନୁଷ୍ୟ ମରିଗଲା ବେଳେ ତାକୁ ଗଙ୍ଗା ପାଣି ପାଟିରେ ଦିଆଯାଏ । ତୁଳସୀ ପାଣି ବି ଦିଆଯାଏ । ମହାପ୍ରସାଦ ସଂଯୋଗ ପାଣି ବିଶେଷ ପ୍ରଦାନରେ ଲାଗେ । ଖରାଦିନେ ପଥିକ ମାନଙ୍କୁ ଅଭଡ଼ା ପାଣି ବଣ୍ଟନ କରାଯାଏ । ଏପାଇଁ ଜଳ ଛତ୍ର ଖୋଲାଯାଇଥାଏ । ଏ ଜଳ ହି କାଗେଜି ଲୁଣ ସହିତ ମହାପ୍ରସାଦ ସମ୍ବନ୍ଧ କରାଯାଥାଏ । ଏହାକୁ ଲୋକ ଜାତି, ଧର୍ମ ନିର୍ବିଶେଷରେ ତୃଷ୍ଣାର୍ତ୍ତରେ ପିଇପାରିଥାନ୍ତି । ଯାହା ଜଠରାଗ୍ନି ସହିତ ବାହ୍ୟ ପାକକ୍ରିୟା ପାଇଁ ଅଗ୍ନି ସମ୍ବନ୍ଧ ହେଉଛି । ଅଗ୍ନି ସମ୍ଭବ ଏବେ କେବଳ ଘର୍ଷଣ ପ୍ରକ୍ରିୟା ନୁହେଁ । କେତେ ପ୍ରକାରରେ ଅଗ୍ନି ସମ୍ଭବ ହେଉଛି । ମନୁଷ୍ୟ ଅଗ୍ନିକୁ ଜୀବ ସୃଷ୍ଟି ସମୟରୁ ଥିବା ଉପଲବ୍ଧି କରିଛି ଅନାଦି ଶାସ୍ତ୍ର ବେଦାରେ ଅଗ୍ନି ପାଇଁ ମନ୍ତ୍ର ରହିଛି ।

ଏହିପରି ହେଉଛି ଜଳ ଜଳ ବିହୁନେ ସୃଷ୍ଟି ନାଶ ସଂସାର ହା ହାକାର ଜଳ ବହୁଳେ ସୃଷ୍ଟି ନାଶ, ତ୍ରାହି ତ୍ରାହି ଚିତ୍କାର । ହେଲେ ଜଳ ହିଁ ଜୀବନ, ମାନବ ମାତୃଗର୍ଭରେ ଜଳ ସହିତ ମାତୃଓଭାରେ ରହିଥା, । ମାନବ କଣ ସବୁ ଜୀବର ଶରୀରରେ ଜଳର ଭାଗ ରହିଛି । ଜୀବ ଶରୀରରେ ଜଳର ଆବର୍ଜନୀ କାର୍ଯ୍ୟ ଚାଲିଛି ।

ଜଳ ପରିଷ୍କାରର ସହାୟକ, ସ୍ନାନ, ଶୌଚ ଜଳ ଦ୍ୱାରା ହିଁ ସମ୍ଭବ । କୃଷିର ମୂଳଉତ୍ସ ହେଉଛି ଜଳ । ବର୍ଷାଦିନେ ଜଳ ଉପରେ ପ୍ରତ୍ୟକ୍ଷ ରାଜକର ନାହିଁ ହେଲେ କେନାଲ ଜଳରେ ଟ୍ୟାକ୍ସ ଅଛି । ପାଇପ ଯୋଗାଣ ଜଳରେ ଟ୍ୟାକ୍ସ ଅଛି । ନଦୀ ଜଳ ପାଇଁ ବଡ଼ ବିପଦ ଏଥିରେ ଲୋକ ସମସ୍ୟା ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ‘ଆମେରିକା ପାର୍ଟି’ ବନ୍ଦ କରିବେ ଏଲନ୍ ମସ୍କ !

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):** ଆମେରିକୀୟ ଅରବପତି ବ୍ୟବସାୟୀ ଏଲନ ମସ୍କ ତାଙ୍କ ରାଜନୈତିକ ଦଳ ‘ଆମେରିକା ପାର୍ଟି’ ବନ୍ଦ କରିଦେଇପାରନ୍ତି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ବିବାଦ ପରେ ଜୁଲାଇ ୫ରେ ମସ୍କ ନୂଆ ପାର୍ଟି ଗଢିଥିଲେ । ୱାଲ ଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶିତ ରିପୋର୍ଟ ଅନୁସାରେ, ମସ୍କ ତାଙ୍କ ସହଯୋଗୀଙ୍କୁ ପାର୍ଟି ଶେଷ କରିବାକୁ କହିଛନ୍ତି । ମସ୍କ ରାଜନୀତି ଅପେକ୍ଷା ନିଜ କମ୍ପାନୀ ଉପରେ ଅଧିକ ଧ୍ୟାନ ଦେବାକୁ ଋହାନ୍ତି । ଏହା ବ୍ୟତୀତ ସେ ଉପରାଷ୍ଟ୍ରପତି ଜେ.ଡି ଭାନ୍ସଙ୍କ ସହ ନିଜ ସମ୍ପର୍କ ଖରାପ କରିବାକୁ ମଧ୍ୟ ଋହାଁନ୍ତିନି ।ଏଥିସହ ଭାନ୍ସ ଯଦି ୨୦୨୮ରେ ରାଷ୍ଟ୍ରପତି ନିର୍ବାଚନ ଲଢିବେ ତେବେ ତାଙ୍କୁ ମସ୍କ ଆର୍ଥିକ ସହାୟତା ବି କରିବେ । ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ମସ୍କ ଟ୍ରମ୍ପଙ୍କୁ ଜିତାଇବା ଲାଗି ପ୍ରାୟ ୨,୫୦୦ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ପରେ ଟ୍ରମ୍ପ ମସ୍କଙ୍କୁ ଡିପାର୍ଟମେଣ୍ଟ ଅଫ୍ ଗଭର୍ଣ୍ଣମେଣ୍ଟ ଏଫିସିଏନ୍ସି (ଡିଓଜିଇ)ର ମୁଖ୍ୟ ବନାଇଥିଲେ । ପରେ ଟ୍ରମ୍ପଙ୍କ ବିଗ୍ ବିୟୁଟିଫୁଲ ବିଲ୍ କାରଣରୁ ମସ୍କଙ୍କ ସହ ବିବାଦ ହୋଇଥିଲା । ଏହା ପରେ ମସ୍କ ଏହି ପଦରୁ ଇସ୍ତଫା ଦେଇଥିଲେ । ଏହାର କିଛି ଦିନ ପରେ ମସ୍କ ନିଜର ପଲିଟିକାଲ ପାର୍ଟି ବନାଇଥିଲେ।



# ଆତଙ୍କୀ ପ୍ରଶିକ୍ଷଣ ଶିବିର ପାଇଁ ଫଣ୍ଡ୍ ଯୋଗାଡ଼ କରୁଛି ମସୁଦ

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):** ଅଣ୍ଟା ସଳଖୁଛି ଆତଙ୍କୀ ସଙ୍ଗଠନ । ଭାରତର ‘ସିନ୍ଦୂର’ ମାଡ଼ରେ ଧ୍ୱସ୍ତ ବିଧ୍ୱସ୍ତ ହୋଇଥିବା ଆତଙ୍କୀ ଠିକଣାର ମରାମତି କରିବାକୁ ଯୋଜନା କରୁଛି ଜୈଶ-ଏ-ମହମ୍ମଦ । ପାକିସ୍ତାନରେ ପୁଣି ଥରେ ତିଆରି କରିବ ୩୧୩ଟି ଆତଙ୍କୀ ପ୍ରଶିକ୍ଷଣ ଶିବିର । ମସୁଦ ଅଜହରର ପାଇଁ ତିଆରି ହେବ ସ୍ୱତନ୍ତ୍ର ଠିକଣା । ଫଣ୍ଡିଂ ଏକାଠି କରୁଛନ୍ତି ମସୁଦ ଅଜହର ଓ ତାର ଭାଇ ତଲ୍ହା ଅଲ ସୈଫ୍ଅପରେସନ ସିନ୍ଦୂରରେ ଧ୍ୱଂସ ହୋଇଯାଇଥିବା ଆତଙ୍କୀ ପ୍ରଶିକ୍ଷଣ ଶିବିରର ମରାମତି ପାଇଁ ଜୈଶ-ଏ- ମହମ୍ମଦ ପ୍ରସ୍ତୁତି ଚଳାଇଛି । ଏଥର ପାକିସ୍ତାନରେ ୩୧୩ଟି ମରକଜ ସ୍ଥାପନ କରିବ ଜୈଶ । ଏଠାରେ ବଡ଼ ବଡ଼ ହମ୍ଲା ପାଇଁ ଆତଙ୍କବାଦୀଙ୍କୁ ଟ୍ରେନିଂ ଦିଆଯିବ । ଏଥିପାଇଁ ଫଣ୍ଡିଂ ଅଭିଯାନ ଆରମ୍ଭ ହୋଇଛି । ୩.୯୧ ଅରବ ପାକିସ୍ତାନୀ ମୁଦ୍ରା ଏକାଠି କରିବାକୁ ଲକ୍ଷ୍ୟ ରଖାଯାଇଛି । ଖୋଦ୍ ମସୁଦ ଅଜହର ଏବଂ ତା’ର ଭାଇ ତଲ୍ହା ଅଲ୍ ସୈଫ ଏହାର କମାଣ ସମ୍ଭାଳୁଛନ୍ତି । ଫଣ୍ଡ୍ ଏକାଠି କରିବା ପାଇଁ EasyPaisa ଓ SadaPay ଭଳି ଡିଜିଟାଲ୍ ପେମେଣ୍ଟ ପ୍ଲାଟଫର୍ମର ବ୍ୟବହାର କରାଯାଉଛି । ମସୁଦ ଅଜହରର ପରିବାର ଲୋକଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର୍ ହେଉଛ । ଗାଜାବାସୀଙ୍କୁ ସହାୟତାର ଆଳରେ ପ୍ରତି ଶୁକ୍ରବାର ମସଜିଦରେ ଫଣ୍ଡ୍ ଏକାଠି କରାଯାଉଛି । ଏହି ଫଣ୍ଡିଂ ଡ୍ରାଇଭରେ ବହାବଲପୁର ସ୍ଥିତ ଅଲ୍ ରହମତ ଟ୍ରଷ୍ଟ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯାହାକି ଜୈଶ ପାଇଁ ଫ୍ରଣ୍ଟଫୁଟ୍ ଭଳି କାମ କରୁଛି । ଏହି ଟଙ୍କାରେ ଜୈଶ ବିଭିନ୍ନ ମେସିନ୍ ଗନ୍, ରକେଟ୍ ଲଞ୍ଚର୍ ଏବଂ ଅନ୍ୟ ଅସ୍ତ୍ରଶସ୍ତ୍ର କିଣିବ । ଏହାକୁ ବଡ଼ ବଡ଼ ଆତଙ୍କୀ ହମ୍ଲା ପାଇଁ ବ୍ୟବହାର କରିବ । ଏପ୍ରିଲ ୨୨ରେ ଆତଙ୍କବାଦୀମାନେ ପହଲଗାମରେ ଆକ୍ରମଣ କରିଥିଲେ । ଏଥିରେ ୨୬ ନୀରିହ ପର୍ଯ୍ୟଟକଙ୍କ ଜୀବନ ଯାଇଥିଲା । ଏହାପରେ ମେ ୭ରେ ଭାରତୀୟ ସୁରକ୍ଷା ବାହିନୀ ଆତଙ୍କୀସ୍ଥାନ ଉପରେ ପ୍ରତିଶୋଧ ନେଇଥିଲା । ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନ ଅଧିକୃତ କାଶ୍ମୀର ଏବଂ ପାକିସ୍ତାନ ଥିବା ୯ଟି ଆତଙ୍କୀ ଠିକଣା ଧ୍ୱଂସ କରିଦେଇଥିଲା । ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ଆତଙ୍କୀ ନିପାତ ହୋଇଥିଲେ । ହେଲେ କଣ ହେବ ଯେତେ ସରି ହେଲେବି ସୁଧୁରିବନି ପାକିସ୍ତାନ ।

# ବଦଳିଲେ ଦିଲ୍ଲୀ ପୋଲିସ କମିଶନର

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):** ୧୯୯୨ବ୍ୟାଚର ଆଇପିଏସ ଅଫିସର ଏବଂ ତିହାଡ଼ ଜେଲର ଡିଜି ସତୀଶ ଗୋଲଛା ହେଲେ ଦିଲ୍ଲୀ କମିଶନର । ଗୋଲଛା ଜଣେ ସକ୍ତ ଏବଂ ବହୁ ଭଲ କାମ କରୁଥିବା ଅଫିସର ଭାବେ ବେଶ ଜଣାଶୁଣା। ସତୀଶ ଗୋଲଛାଙ୍କ ନିଯୁକ୍ତି ନେଇ କେନ୍ଦ୍ରୀୟ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତିରେ ତାଙ୍କୁ କାର୍ଯ୍ୟଭାର ଗ୍ରହଣ କରିବାର ତିଥିରୁ ଆଗାମୀ ଆଦେଶ ପର୍ଯ୍ୟନ୍ତ ଦିଲ୍ଲୀ ପୋଲିସ କମିଶନର ଭାବେ ନିଯୁକ୍ତ କରାଯାଇଛି । ସତୀଶ ଗୋଲଛା ଦିଲ୍ଲୀ ପୋଲିସରେ ଡିସିପି, ଜଏଣ୍ଟ ଏବଂ ସ୍ପେଶାଲ ସିପି ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ରହି ସାରିଛନ୍ତି । ସେ ସ୍ପେଶାଲ ସିପି ସହ ଉତ୍ତର ପୂର୍ବ ଦିଲ୍ଲୀରେ ଦଙ୍ଗା ସମୟରେ ଲ ଆଣ୍ଡ ଅର୍ଡରର ପ୍ରଭାରୀ ବି ରହି ସାରିଛନ୍ତି । ସତୀଶ ଗୋଲଛା ଅରୁଣାଚଳପ୍ରଦେଶର ଡିଜିପି ବି ରହି ସାରିଛନ୍ତି । ଦିଲ୍ଲୀ ପୋଲିସ ଏବଂ ଆଇନ ବ୍ୟବସ୍ଥାରେ ତାଙ୍କ ଲମ୍ବା ପ୍ରଶାସନିକ ଏବଂ ପୋଲିସିଂ ଅନୁଭବ ରହି ସାରିଛି । ଗୋଲଛା ଆଇପିଏସ ଏସବିକେ ସିଂହଙ୍କ ସ୍ଥାନ ନେବେ । ତାଙ୍କୁ ଚଳିତ ବର୍ଷ ୩୧ଜୁଲାଇରେ ଦିଲ୍ଲୀ ପୋଲିସ କମିଶନରର ଆଡିଶନାଲ ଋର୍ଜ ଦିଆଯାଇଥିଲା ।



# ବିଭିନ୍ନ ବିଲକୁ ରାଜ୍ୟପାଳ ଅନିର୍ଦ୍ଦିଷ୍ଟ କାଳ ପାଇଁ ଝୁଲାଇ ରଖିଲେ ବିଧାନବ୍ୟବସ୍ଥା ଭୁଶୁଡ଼ି ପଡ଼ିବ

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):**ବିଭିନ୍ନ ବିଲକୁ ରାଜ୍ୟପାଳ ଅନିର୍ଦ୍ଦିଷ୍ଟ କାଳ ପାଇଁ ଝୁଲାଇ ରଖିଲେ କଣ ହେବ ? ଏପରି ହେଲେ ବିଧାନବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ବୋଲି ମୌଖିକଭାବେ ମନ୍ତବ୍ୟ ଦେଇଛନ୍ତି ସୁପ୍ରିମକୋର୍ଟ । ଆଜି ରାଷ୍ଟ୍ରପତି ରେଫରେନ୍ସ ଉପରେ ଶୁଣାଣି ଜାରି ରଖି ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ଖଣ୍ଡପୀଠ କହିଥିଲେ ଯେ ରାଜ୍ୟପାଳମାନେ ବିଧାନସଭାରେ ବୈଧଭାବେ ଗୃହୀତ ଏକ ବିଲକୁ ଯଦି ଅନିର୍ଦ୍ଦିଷ୍ଟ କାଳ ପାଇଁ ଝୁଲାଇ ରଖନ୍ତି ତେବେ ବିଧାନବ୍ୟବସ୍ଥା ଭୁଶୁଡ଼ି ପଡ଼ିବ । କୋର୍ଟ କଣ ଏତେ କ୍ଷମତାହୀନ ଯେ ଏହି କ୍ଷେତ୍ରରେ ହସ୍ତକ୍ଷେପ କରିପାରିବେ ନାହିଁ ? ଭାରତର ମୁଖ୍ୟ ବିଋରପତି ବି.ଆର. ଗଭାଇ, ବିଋରପତି ସୂର୍ଯ୍ୟକାନ୍ତ, ବିଋରପତି ବିକ୍ରମ ନାଥ, ବିଋରପତି ପି.ଏସ. ନରସିଂହ ଏବଂ ବିଋରପତି ଏ.ଏସ. ଋନ୍ଦୁରକରଙ୍କୁ ନେଇ ଗଠିତ ସମ୍ବିଧାନିକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି । ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ ରଖୁଥିବା ସୋଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ସୁପ୍ରିମକୋର୍ଟ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କୁ ବାଧ୍ୟତାମୂଳକ ନିର୍ଦ୍ଦେଶ ଦେଇପାରିବେ ନାହିଁ । ଏହି ସମସ୍ୟାର ସମାଧାନ ରାଜନୈତିକ ସ୍ତରରେ ବାହାରିବା ଆବଶ୍ୟକ, କୋର୍ଟ ମାଧ୍ୟମରେ ନୁହେଁ । ଏହାର ଜବାବରେ କୋର୍ଟ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ ।



# କୋକ୍ ଷ୍ଟୁଡିଓ ଅନୁଭ ଜୈନଙ୍କ ହିନ୍ଦୀ ଗୀତ ଅର୍ଜ୍ କିୟା ହେ ସହିତ ଏହାର ସଂଗୀତ ଯାତ୍ରା ଜାରି

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):** ଭାରତର ବିବିଧ ସଙ୍ଗୀତ ଐତିହ୍ୟକୁ ପାଳନ କରୁଥିବା ପ୍ଲାଟଫର୍ମ କୋକ ଷ୍ଟୁଡିଓ ଭାରତ, ସିଜିନ ୩ ର ପଂଚମ ଟ୍ରାକ, ଅର୍ଜ କିୟା ହେ ସହିତ ଫେରିଛି, ଯେଉଁଥିରେ ଭାରତର ସବୁଠାରୁ ପ୍ରିୟ ଗାୟକ-ଗୀତିକାରଙ୍କ ମଧ୍ୟରୁ ଜଣେ, ଅନୁଭ ଜୈନଙ୍କୁ ସାମିଲ କରାଯାଇଛି। ଜୈନଙ୍କ ଦ୍ୱାରା ସଂକଳ୍ପିତ, ଲିଖିତ, ରଚିତ ଏବଂ ପରିବେଷଣ କରାଯାଇଥିବା ଏହି ଗୀତଟି ପ୍ରେମ, ଦୂରତା ଏବଂ ଅବ୍ୟକ୍ତ ଭାବନାର ନୀରବ ଯନ୍ତ୍ରଣାର ଏକ କୋମଳ ପ୍ରତିଫଳନ ତାଙ୍କର ସ୍ୱାକ୍ଷରିତ ହୃଦୟସ୍ପର୍ଶୀ କାହାଣୀ ସହିତ, ଅନୁଭ ଜୈନ ଏପରି ପଦ୍ୟ ଗୁଡ଼ିକୁ ସ୍ୱର ପ୍ରଦାନ କରନ୍ତି ଯାହା ଅପେକ୍ଷାର ଭଙ୍ଗୁରତା, ନୀରବତାର ଭାର ଏବଂ ଦୁର୍ବଳତାର ସୌନ୍ଦର୍ଯ୍ୟକୁ କଏଦ କରିଥାଏ। ଅର୍ଜ କିୟା ହେ ଏକ ଅନ୍ତରଙ୍ଗ କଥାବାର୍ତ୍ତା ପରି ପ୍ରକାଶିତ ହୁଏ ଯେଉଁଠାରେ ଆକାଂକ୍ଷା କବିତାରେ ପରିଣତ ହୁଏ ଏବଂ ପ୍ରତ୍ୟେକ ବିରାମରେ ଭାବନା ଦେଖାଯାଏ। ସରଳ କିନ୍ତୁ ଉଦ୍ଦୀପକ ଗୀତ ମାଧ୍ୟମରେ, ଟ୍ରାକଟି ସମୟରେ ରହିଥିବା ପ୍ରେମର ଏକ ଚିତ୍ର ଆଙ୍କିଥାଏ: ଉତ୍ତର ଖୋଜୁଥିବା ଆଖି, ଅନେକ ଶବ୍ଦ ଏବଂ ହୃଦୟକୁ ବାନ୍ଧି ରଖୁଥିବା ଅନନ୍ତ ଆଶା। ଗଭୀରତାର ଆଉ ଏକ ସ୍ତର ଯୋଡି ହେଉଛି ଭାରତୀୟ ଇଲେକ୍ଟ୍ରୋନିକ୍ ଯୋଡ଼ି ଲଷ୍ଟ ଷ୍ଟୋରିଜ୍ (ରିଷଭ ଜୋଶୀ), ଯାହାଙ୍କର ଜଟିଳ ପ୍ରଯୋଜନା ଏବଂ ଆତ୍ମପୂର୍ଣ୍ଣ ହାରମୋନିକା ଟ୍ରାକରେ ଏକ ଉତ୍କୃଷ୍ଟ ଗଠନ ସୃଷ୍ଟି କରେ।

# ଆବୋଟ ଶୁଭାରମ୍ଭ କରିଛି ଗ୍ଲୁକୋଜ ରିଡ଼ିଙ୍ଗ

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):** ଆବୋଟ, ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ଯତ୍ନକାରୀ କମ୍ପାନୀ, ଆଜି ଏହାର ଫ୍ରିଷ୍ଟାଇଲ ଲିବ୍ରେ ୨ ପ୍ଲସ ସେନସରର ଶୁଭାରମ୍ଭ ଘୋଷଣା କରିଛି ଯାହାକି ଆବୋଟର ସଦ୍ୟ ସଂଯୋଗକାରୀ ଫ୍ରିଷ୍ଟାଇଲ ଲିବ୍ରେ ସେନସର ପୋର୍ଟଫୋଲିଓ। ଏହି ନବୀନତମ ଉପକରଣଟି ସ୍ୱୟଂଚାଳିତ ଗ୍ଲୁକୋଜର ରିଡ଼ିଙ୍ଗ ଆପଣଙ୍କ ଫୋନରୁ ପ୍ରତ୍ୟେକ ମିନିଟରେ ସିଧାସଳଖ ଭାବରେ ଗଣତି କରିଥାଏ, ଯାହାକି ମଧୁମେହ ପିଡ଼ିତ ବ୍ୟକ୍ତିମାନଙ୍କୁ ସେମାନଙ୍କ ପରିସ୍ଥିତିକୁ ପରିଚାଳିତ କରିବା ସହିତ ଏଥିରେ ନିଜର ଆତ୍ମବିଶ୍ୱାସ, ସଠିକତା ଏବଂ ସହଜତାକୁ ସଶକ୍ତ କରିଥାଏ। ମଧୁମେହରେ ପିଡ଼ିତ ବ୍ୟକ୍ତିମାନେ ସେମାନଙ୍କର ଗ୍ଲୁକୋଜ ପଠନକୁ ଦେଖିପାରିବା ସହିତ ଏହାର ସ୍କାନ ବ୍ୟତିତ, ସ୍ୱୟଂଚାଳିତ ଭାବରେ ଏ ସମ୍ପର୍କରେ ସଂକେତ ସେମାନଙ୍କର ସ୍ମାର୍ଟଫୋନ ମାଧ୍ୟମରେ ପ୍ରାପ୍ତ ହୋଇଥାଏ ଯେତେବେଳେକି ସେମାନଙ୍କର ଗ୍ଲୁକୋଜ ସ୍ତର କମ୍ କିମ୍ବା ଉଚ୍ଚ ହୋଇଥାଏ ତୁରନ୍ତ ନିଷ୍ପତି ପାଇଁ ସୂଚନା ପ୍ରଦାନ କରିଥାଏ। ମଧୁମେହ ସହିତ ପ୍ରାୟ ୧୦୧ ମିଲିୟନ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ସର୍ବବୃହତ୍ ମଧୁମେହର ଘର ଭାବେ ଭାରତ ସମଗ୍ର ପୃଥିବୀରେ ଦ୍ୱିତୀୟ ଜନସଂଖ୍ୟା ହୋଇପାରିଛି।

# ଗାଜାକୁ ଶୀଘ୍ର କବଜା କରିବାକୁ ଇସ୍ରାଏଲର ବଡ଼ ଯୋଜନା

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):** ଆହୁରି ତେଜିବ ହମାସ-ଇସ୍ରାଏଲ୍ ଯୁଦ୍ଧ । ୨୨ ମାସ ଧରି ଋଲିଥିବା ଯୁଦ୍ଧକୁ ସମାପ୍ତ କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ପ୍ରୟାସ ଜାରି ରହିଥିବା ବେଳେ ନୂଆ ଯୁଦ୍ଧ ଯୋଜନା କରୁଛି ଇସ୍ରାଏଲ୍ । ଗାଜା ସହରରେ ଆଉ ଏକ ବଡ଼ ସାମରିକ ଅଭିଯାନ ପାଇଁ ଇସ୍ରାଏଲ ପ୍ରସ୍ତୁତି ଜୋରଦାର କରିଛି । ଏହି ଅଭିଯାନ ଖୁବଶୀଘ୍ର ଆରମ୍ଭ ହୋଇପାରେ । ସୂଚନା ଅନୁଯାୟୀ, ଇସ୍ରାଏଲୀ ସେନାକୁ ଜାଇତୁନ୍ ଏବଂ ଜାବାଲିଆ ଅଞ୍ଚଳରେ ପୂର୍ବରୁ ମୁତୟନ କରାଯାଇଛି । ଏହି ଅଭିଯାନ ଆଗାମୀ କିଛି ଦିନ ମଧ୍ୟରେ ଆରମ୍ଭ ହୋଇପାରେ । ତେବେ ଆସନ୍ତୁ ଜାଣିବା ହମାସକୁ ଶୀଘ୍ର କବଜା ପାଇଁ କେଉଁ ଯୋଜନା କରିଛି ଇସ୍ରାଏଲ୍ । ଇସ୍ରାଏଲୀ ସେନା ଗତକାଲି କହିଛି ଯେ ଦେଶର ପ୍ରତିରକ୍ଷା ମନ୍ତ୍ରୀ ଗାଜା ସହରର ସର୍ବାଧିକ ଜନବହୁଳ ଅଞ୍ଚଳରେ ଏକ ନୂତନ ଅଭିଯାନକୁ ଅନୁମୋଦନ କରିଛନ୍ତି । ଏହା ଅଧୀନରେ, ୬୦,୦୦୦ ନୂତନ ରିଜର୍ଭ ସୈନିକଙ୍କୁ ଡକାଯିବ ଏବଂ ପୂର୍ବରୁ ନିୟୋଜିତ ୨୦,୦୦୦ ରିଜର୍ଭ ସୈନିକଙ୍କ ସେବା ଅବଧି ବୃଦ୍ଧି କରାଯିବ । ଜଣେ ବରିଷ୍ଠ ସେନା ଅଧିକାରୀଙ୍କ ଅନୁଯାୟୀ, ଗାଜା ସହରର ସେହି ଅଂଶଗୁଡ଼ିକରେ ଏହି ଅଭିଯାନ କରାଯିବ ଯେଉଁଠାରେ ଇସ୍ରାଏଲ ଏପର୍ଯ୍ୟନ୍ତ କୌଣସି ଭୂମିଗତ କାର୍ଯ୍ୟାନୁଷ୍ଠାନ ନେଇନାହିଁ । ମାନବାଧିକାର ସଂଗଠନଗୁଡ଼ିକ ଚେତାବନୀ ଦେଇଛନ୍ତି ଯେ ଏହି ନୂତନ ସାମରିକ କାର୍ଯ୍ୟାନୁଷ୍ଠାନ ଗାଜାରେ ପୂର୍ବରୁ ବିଗିଡ଼ି ରହିଥିବା ପରିସ୍ଥିତିକୁ ଆହୁରି ଖରାପ କରିବ । ଗାଜାର ଏକ ବଡ଼ ଜନସଂଖ୍ୟା ପୂର୍ବରୁ ବିସ୍ଥାପିତ ହୋଇସାରିଛନ୍ତି । ଅନେକ ପଡ଼ୋଶୀ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସାବଶେଷରେ ପରିଣତ ହୋଇଛି । ଲୋକମାନେ ଦୁର୍ଭିକ୍ଷ ଏବଂ ଅନାହାରର ଆଶଙ୍କାର ସମ୍ମୁଖୀନ ହେଉଛନ୍ତି । ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଲଗାତାର କହି ଆସୁଛନ୍ତି ଯେ ଯୁଦ୍ଧର ମୁଖ୍ୟ ଲକ୍ଷ୍ୟ ହେଉଛି ଅବଶିଷ୍ଟ ବନ୍ଧକଙ୍କୁ ମୁକ୍ତ କରିବା ସହିତ ହମାସ ଏବଂ ଅନ୍ୟ ଆତଙ୍କବାଦୀମାନଙ୍କୁ ଇସ୍ରାଏଲ ଉପରେ ଆକ୍ରମଣ କରିବାରୁ ସବୁଦିନ ପାଇଁ ବନ୍ଦ କରିବା, କିନ୍ତୁ ବର୍ତ୍ତମାନ ଇସ୍ରାଏଲ ମଧ୍ୟରେ ଯୁଦ୍ଧକୁ ନେଇ ଅସନ୍ତୋଷ ଆହୁରି ବୃଦ୍ଧି ପାଉଛି । କ୍ଲାନ୍ତ ରିଜର୍ଭ ସୈନିକମାନେ ଏହା ଉପରେ ପ୍ରଶ୍ନ ଉଠାଉଛନ୍ତି ଯେ ସରକାର ରାଜନୈତିକ କାରଣରୁ ଯୁଦ୍ଧକୁ ଲମ୍ବା କରୁଛନ୍ତି । ସେହି ସମୟରେ, ବନ୍ଧକଙ୍କ ପରିବାର ଏବଂ ପୂର୍ବତନ ସୁରକ୍ଷା ଅଧିକାରୀମାନେ ମଧ୍ୟ ନୂତନ ଅଭିଯାନକୁ ବିରୋଧ କରିଛନ୍ତି । ସେମାନେ କହିଛନ୍ତି ଯେ ଏହା ଗାଜାରେ ଫସି ରହିଥିବା ପ୍ରାୟ ୫୦ ବନ୍ଧକଙ୍କ ଜୀବନକୁ ବିପଦରେ ପକାଇପାରେ, ଯାହା ମଧ୍ୟରୁ କେବଳ ୨୦ ଜଣ ଜୀବିତ ଥିବା ନିଶ୍ଚିତ ହୋଇଛି ।



# ଜାମ୍ମୁ ରେଲୱେ ଷ୍ଟେସନକୁ ବୋମାରେ ଉଡ଼ାଇଦେବାକୁ ଧମକ

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):**ଜାମ୍ମୁର ଏକ ରେଳ ଷ୍ଟେସନ ଆଇଇଡି ବ୍ଲାଷ୍ଟର ଧମକ ମିଳିଛି । ଏହି ଧମକ ଗୋଟିଏ ପାରର ଗୋଡ଼ରେ ବନ୍ଧା ହୋଇଥିବା ଚିଠିରେ ଲେଖା ହୋଇଥିଲା । ଏହି ପାରାଟିକୁ ଗତକାଲି ଭାରତ-ପାକିସ୍ତାନର ସୀମାବର୍ତ୍ତୀ ଅଞ୍ଚଳରୁ ଧରାଯାଇଛି । ଧମକ ମିଳିବା ପରେ ଜାମ୍ମୁ ଡିଭିଜନର ସମ୍ବେଦନଶୀଳ ସ୍ଥାନମାନଙ୍କରେ ସୁରକ୍ଷା ବଢ଼ାଇ ଦିଆଯାଇଛି। ବିଏସଏଫର ଜଣେ ଯବାନ ଜାମ୍ମୁଠାରୁ ପ୍ରାୟ ୪୦ କିଲୋମିଟର ଦୂରରେ ଥିବା ଆରଏସ୍ ପୁରା ସେକ୍ଟରରେ ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମାରେ ଏହି ପାରାଟିକୁ ଧରିଛନ୍ତି । ପାରାର ଗୋଡ଼ରେ ଲାଗିଥିବା ଚିଠିରେ ଜାମ୍ମୁ ତୱି ରେଳ ଷ୍ଟେସନରେ ଆଇଇଡି ବ୍ଲାଷ୍ଟର ଧମକ ଉର୍ଦ୍ଦୁ ଏବଂ ଇଂରାଜୀ ଉଭୟ ଭାଷାରେ ଲେଖାଯାଇଥିଲା । ଉର୍ଦ୍ଦୁ ବାର୍ତ୍ତାରେ କୁହାଯାଇଥିଲା ଯେ କାଶ୍ମୀର ଆମର ଅଟେ, ଏବେ ସମୟ ଆସିଗଲା । ଶେଷରେ ଇଂରାଜୀରେ ଜାମ୍ମୁ ଷ୍ଟେସନରେ ଆଇଇଡି ବ୍ଲାଷ୍ଟ ବିଷୟରେ ଲେଖାଥିଲା । ଏହି ଧମକ ପରେ ଜାମ୍ମୁ ତୱି ରେଳ ଷ୍ଟେସନ ଏବଂ ଆଖପାଖ ଅଞ୍ଚଳରେ ସୁରକ୍ଷା ବଢ଼ାଇ ଦିଆଯାଇଛି ।

## କୁରାନ ଏବଂ ହଦିସ ମାନ୍ୟତାକୁ ନେଇ ତାଲିବାନ କ୍ୟାବିନେଟରେ ହଙ୍ଗାମା

# ଧାର୍ମିକ ସ୍କୁଲରେ ପଢ଼ି ପାରିବେ ନାହିଁ ଝିଅ

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):** ଆଫଗାନିସ୍ତାନରେ ତାଲିବାନ କ୍ଷମତାକୁ ଆସିବାର ୪ ବର୍ଷ ବିତିଗଲାଣି । ଆଉ ଏହି ଋରି ବର୍ଷ ମଧ୍ୟରେ,ତାଲିବାନ ସରକାର ମହିଳାଙ୍କ ଅନେକ ମୌଳିକ ଅଧିକାରକୁ ନିଷିଦ୍ଧ କରିଛନ୍ତି । ୨୦୨୧ ମସିହାରେ ତାଲିବାନ କ୍ଷମତା ଗ୍ରହଣ କରିବା ପରଠାରୁ, ମିଡିଲ ସ୍କୁଲ, ହାଇସ୍କୁଲ ଏବଂ ବିଶ୍ୱବିଦ୍ୟାଳୟର ଦ୍ୱାର ଝିଅମାନଙ୍କ ପାଇଁ ବନ୍ଦ କରି ଦିଆଯାଇଥିଲା । ଆଉ ଏବେ ଏକ ନୂତନ ନିର୍ଦ୍ଦେଶ ଜାରି କରାଯାଇଛି। ଯାହା ଅନୁଯାୟୀ ଧାର୍ମିକ ଶିକ୍ଷା ଅର୍ଥାତ ମଦ୍ରାସାରେ ମଧ୍ୟ ଝିଅ ଏବଂ ମହିଳାଙ୍କ ଶିକ୍ଷାରେ ପ୍ରତିବନ୍ଧକ ଲଗାଯାଇଛି । ରିପୋର୍ଟ ଅନୁଯାୟୀ, ତାଲିବାନ ନେତା ହିବାତୁଲ୍ଲା ଆଖୁନ୍ଦଜାଦା ଏହି ନିର୍ଦ୍ଦେଶ ଦେଇଛନ୍ତି । ଗତ ସପ୍ତାହରେ କାନ୍ଦାହାରରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଆଖୁନ୍ଦଜାଦା ଶିକ୍ଷା ମନ୍ତ୍ରଣାଳୟ ଏବଂ ଉଚ୍ଚଶିକ୍ଷା ମନ୍ତ୍ରଣାଳୟକୁ ବଡ଼ ନିର୍ଦ୍ଦେଶ ଦିଆଯାଇଥିଲା । ଏଥିରେ ଧାର୍ମିକ ବିଦ୍ୟାଳୟରେ ମହିଳାମାନଙ୍କ ପ୍ରବେଶକୁ ଧୀରେ ଧୀରେ ବନ୍ଦ କରିବାକୁ କୁହାଯାଇଥିଲା । କ୍ୟାବିନେଟର ପ୍ରଥମ ପଦକ୍ଷେପ ଥିଲା ମହିଳାଙ୍କୁ ଆଉ ସ୍ନାତକ ପ୍ରମାଣପତ୍ର ଦିଆଯିବ ନାହିଁ । କୁହାଯାଉଛି ଯେ ଆଖୁନ୍ଦଜାଦା ଜାଣିଥିଲେ ଯେ ଅନେକ ଧାର୍ମିକ ବିଦ୍ୟାଳୟରେ କେବଳ ଇସଲାମିକ୍ ଶିକ୍ଷା ନୁହେଁ ବରଂ ଗଣିତ, ବିଜ୍ଞାନ ଏବଂ ଭାଷା ମଧ୍ୟ ପଢ଼ାଯାଉଛି । ସେଥିପାଇଁ ସେ ଏହି କଠୋର ନିଷ୍ପତ୍ତି ନେଇଛନ୍ତି । ଏହି ଆଦେଶକୁ ନେଇ ତାଲିବାନ କ୍ୟାବିନେଟରେ ରାଜନୀତି ଜୋର ଧରିଛି । କିଛି ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ ସେମାନେ ଚଳିତ ବର୍ଷ ବାଳିକା ବିଦ୍ୟାଳୟ ଖୋଲିବାକୁ ଆଶା ରଖିଥିଲେ ।

# ଭାରତ ସହ ଶତ୍ରୁତା ଆମେରିକାକୁ ଭାରି ପଡିବ !

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):**:ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁକୁ ବିରୋଧ କରି ଟ୍ରମ୍ପ ପ୍ରଶାସନକୁ ଚେତାବନୀ । ଜାତିସଂଘରେ ପୂର୍ବତନ ଆମେରିକୀୟ ରାଷ୍ଟ୍ରଦୂତ ନିକି ହେଲି ଟ୍ରମ୍ପ ପ୍ରଶାସନକୁ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯେ, ଆଗକୁ ଆମେରିକା-ଭାରତ ସମ୍ପର୍କ ଭୁଶୁଡ଼ିବାକୁ ଯାଉଛି । ଯଦି ଆମେରିକା ଚୀନକୁ ଲଗାମ ଲଗାଇବାକୁ ଋହେଁ ତେବେ ଭାରତ ସହିତ ସମ୍ପର୍କକୁ ଆଗ ପ୍ରାଥମିକତା ଦେବାକୁ ପଡିବୟ ।ନ୍ୟୁଜୱିକରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ,ହେଲି ଲେଖିଛନ୍ତି ଆମରିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାକୁ ଅଣଦେଖା କରୁଛି । ଯେଉଁଠିକି ଆମର ଟାର୍ଗେଟ ହେଉଛି ଚୀନ୍ । ଚୀନକୁ ମାତ ଦେବାକୁ ହେଲେ ଆମେରିକାର ଭାରତ ରୂପରେ ବନ୍ଧୁ ରହିବା ଉଚିତ । ଡୋନାଲ୍ଡ ଟ୍ରମ୍ପ ପ୍ରଶାସନକୁ ରୁଷିଆ ତେଲ ଏବଂ ଶୁଳ୍କ ବିବାଦ ପ୍ରସଙ୍ଗକୁ ବିଶ୍ୱର ଦୁଇ ବୃହତ୍ତମ ଗଣତାନ୍ତ୍ରିକ ଶକ୍ତି ମଧ୍ୟରେ ଫାଟ ସୃଷ୍ଟି କରିବାକୁ ଅନୁମତି ଦେବା ଉଚିତ୍ ନୁହେଁ । ଯୁକ୍ତରାଷ୍ଟ୍ର ତା’ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଭୁଲିଯିବା ଉଚିତ ନୁହେଁ । ଚୀନର ମୁକାବିଲା କରିବା ପାଇଁ, ଆମେରିକାକୁ ଭାରତ ଭଳି ବନ୍ଧୁର ଆବଶ୍ୟକତା ଅଛି ବୋଲି ସେ ଲେଖିଛନ୍ତି। ସେ ଆହୁରି ବି ଲେଖିଛନ୍ତି ଯେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷୀୟ ତୈଳ କିଣିବା ଜାରି ରଖିବା ପାଇଁ ୨୫ ପ୍ରତିଶତ ପାରସ୍ପରିକ ଶୁଳ୍କ ଓ ଅତିରିକ୍ତ ୨୫ ପ୍ରତିଶତ ଲାଗୁ କରିବା ପରେ ଉତ୍ତେଜନା ବୃଦ୍ଧି ପାଇଛି । ଭାରତ-ପାକିସ୍ତାନ ଯୁଦ୍ଧବିରତି ଆଲୋଚନାରେ ଆମେରିକାର ଭୂମିକା ଉପରେ ଦାବି ସମେତ ମାସ ମାସ ଧରି ଋଲିଥିବା ଉତ୍ତେଜନା ପରେ ଏହି ପଦକ୍ଷେପ ନିଆଯାଇଛି । ହେଲି ଟ୍ରମ୍ପଙ୍କ ଋପ ଅଭିଯାନକୁ ସମର୍ଥନ କରି କହିଛନ୍ତି ଯେ ଭାରତର ଶକ୍ତି କ୍ରୟ ‘ୟୁକ୍ରେନ ବିରୁଦ୍ଧରେ ଭ୍ଲାଦିମିର ପୁଟିନଙ୍କ ନିଷ୍ଠୁର ଯୁଦ୍ଧକୁ ଆର୍ଥିକ ସହାୟତା କରୁଛି’ । ସେ ଭାରତକୁ ଶତ୍ରୁ ଭାବରେ ବ୍ୟବହାର କରିବା ବିରୋଧରେ ସତର୍କ କରାଇଛନ୍ତି ।



# ଜାମିନ ପାଇଲେ ବି ଜେଲରୁ ବାହାରିପାରିବେନି ଇମ୍ରାନ

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):**ଗୁରୁବାର ପାକିସ୍ତାନର ସୁପ୍ରିମକୋର୍ଟ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ଜାମିନ ପ୍ରଦାନ କରିଛନ୍ତି । ତାଙ୍କୁ ୨୦୨୩ ମସିହାରେ ସାମରିକ ଘାଟି ଉପରେ ହୋଇଥିବା ଆକ୍ରମଣ ସହିତ ଜଡିତ ଅନେକ ମାମଲାରେ ଆଶ୍ୱସ୍ତି ମିଳିଛି । ସୁପ୍ରିମକୋର୍ଟର ତିନି ସଦସ୍ୟ ବିଶିଷ୍ଟ ଖଣ୍ଡପୀଠର ନେତୃତ୍ୱ ନେଉଥିବା ମୁଖ୍ୟ ବିଋରପତି ୟାହୟା ଆଫ୍ରିଦି ଇମ୍ରାନ ଖାନଙ୍କ ଜାମିନ ଆବେଦନକୁ ଗ୍ରହଣ କରି ଲାହୋର ହାଇକୋର୍ଟର ନିଷ୍ପତ୍ତିକୁ ଖାରଜ କରିଛନ୍ତି। ତେବେ ଜାମିନ ମିଳିଥିଲେ ବି ୭୨ ବର୍ଷୀୟ ଇମ୍ରାନ ଖାନ ଏବେ ବି ଜେଲରୁ ମୁକ୍ତ ହୋଇପାରିବେ ନାହିଁ କାରଣ ସେ ପୂର୍ବରୁ ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇସାରିଛନ୍ତି। କ୍ରିକେଟରରୁ ରାଜନେତା ହୋଇଥିବା ଇମ୍ରାନ ଖାନଙ୍କ ବିରୁଦ୍ଧରେ ଦୁର୍ନୀତି ଠାରୁ ଆରମ୍ଭ କରି ଆତଙ୍କବାଦ ପର୍ଯ୍ୟନ୍ତ ଅନେକ ମାମଲାରେ ମାମଲା ରୁଜୁ ହୋଇଛି।



ଏହା ଭିନ୍ନ କଥା ଯେ ସେ ଏହି ସମସ୍ତ ମାମଲାକୁ ମିଥ୍ୟା ଏବଂ ରାଜନୈତିକ ପ୍ରତିଶୋଧ ବୋଲି କହି ଆସୁଛନ୍ତି । ମେ ୨୦୨୩ରେ, ଇମ୍ରାନ ଖାନଙ୍କୁ ଏକ ଦୁର୍ନୀତି ମାମଲାରେ ଗିରଫ କରାଯାଇଥିଲା । ଏହା ପରେ, ଦେଶବ୍ୟାପୀ ବ୍ୟାପକ ବିରୋଧ ପ୍ରଦର୍ଶନ ହୋଇଥିଲା । ଏହି ପ୍ରଦର୍ଶନ ସମୟରେ, ପ୍ରତିବାଦକାରୀମାନେ ରାୱଲପିଣ୍ଡିରେ ଥିବା ସେନା ମୁଖ୍ୟାଳୟ ସମେତ ଅନେକ ସାମରିକ ଘାଟି ଉପରେ ଆକ୍ରମଣ କରିଥିଲେ । ଏହି ହିଂସା ପରେ, ଇମ୍ରାନ ଖାନ ଏବଂ ତାଙ୍କ ଦଳର ଅନେକ ନେତାଙ୍କ ବିରୁଦ୍ଧରେ ଗୁରୁତର ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା । ତାଙ୍କ ଦଳ ପାକିସ୍ତାନ ତେହେରିକ୍-ଏ-ଇନସାଫର ଅନେକ ବରିଷ୍ଠ ନେତା ଏବଂ ସାଂସଦଙ୍କୁ ମଧ୍ୟ ସମ୍ପ୍ରତି ସମାନ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି । ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିବା ସତ୍ତ୍ୱେ, ଖାନଙ୍କ ଆଇନଗତ ଚ୍ୟାଲେଞ୍ଜ ଶେଷ ହୋଇନାହିଁ, କାରଣ ତାଙ୍କୁ ଅନ୍ୟ ମାମଲାରେ ଜେଲରେ ରହିବାକୁ ପଡିବ । ଇମ୍ରାନ ଖାନ ଅଗଷ୍ଟ ୨୦୨୩ଠାରୁ ରାୱଲପିଣ୍ଡିର ଆଦିଆଲା ଜେଲରେ ବନ୍ଦୀ ଅଛନ୍ତି ।

# ଲିପୁଲେଖ ଆମ ଭୂଖଣ୍ଡର ଅବିଚ୍ଛେଦ୍ୟ ଅଂଶ

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):** ଲିପୁଲେଖ ଦେଇ ସୀମା ବାଣିଜ୍ୟ ପୁନଃ ଆରମ୍ଭ କରିବା ପାଇଁ ଭାରତ ଏବଂ ଚୀନ୍ ମଧ୍ୟରେ ନିକଟରେ ଏକ ଚୁକ୍ତିନାମା ହୋଇଛି। ଏହି ଚୁକ୍ତିନାମା ପରେ, ନେପାଳ ଦୃଢ଼ ଭାବରେ କହିଛି ଯେ ଏହି ଅଞ୍ଚଳ ଏହାର ଭୂଖଣ୍ଡର ଏକ ଅବିଚ୍ଛେଦ୍ୟ ଅଂଶ । ନେପାଳ ସରକାର ଗୁରୁତ୍ୱାରୋପ କରିଛି ଯେ ମହାକାଳୀ ନଦୀର ପୂର୍ବରେ ଅବସ୍ଥିତ ଲିମ୍ପିଆଧୁରା, ଲିପୁଲେଖ ଏବଂ କଳାପାଣିକୁ ନେପାଳର ମାନଚିତ୍ର ଏବଂ ସମ୍ବିଧାନରେ ଆନୁଷ୍ଠାନିକ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି । ଭାରତର ବୈଦେଶିକ ମନ୍ତ୍ରଣାଳୟ ନେପାଳର ଦାବିର ଜବାବ ଦେଇ କହିଛି ଯେ ଏହାର କୌଣସି ଐତିହାସିକ ଆଧାର ନାହିଁ । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ଉଲ୍ଲେଖ କରିଛନ୍ତି ଯେ ଲିପୁଲେଖ ଘାଟ ଦେଇ ସୀମା ବାଣିଜ୍ୟ ୧୯୫୪ ମସିହାରେ ଆରମ୍ଭ ହୋଇଥିଲା ଏବଂ ଦଶନ୍ଧି ଧରି ଜାରି ରହିଛି। କୋଭିଡ୍-୧୯ ଏବଂ ଅନ୍ୟାନ୍ୟ କାରଣ ଯୋଗୁଁ ଏହା ସମ୍ପ୍ରତି ବାଧାପ୍ରାପ୍ତ ହୋଇଥିଲା କିନ୍ତୁ ଏହା ପୁନର୍ବାର ଆରମ୍ଭ ହେବାକୁ ଯାଉଛି । ନୂଆ ।ଦିଲ୍ଲୀରେ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି, ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ହୋଇଥିବା ଆଲୋଚନାର ଏକ ମିଳିତ ବିବୃତ୍ତି ସୀମା ବାଣିଜ୍ୟ ପୁନଃ ଖୋଲିବା ନିଶ୍ଚିତ କରିଛି । ନିର୍ଦ୍ଦିଷ୍ଟ ବାଣିଜ୍ୟ କେନ୍ଦ୍ରଗୁଡ଼ିକ ମଧ୍ୟରେ ଲିପୁଲେଖ ପାସ୍, ସିପକି ଲା ପାସ୍ ଏବଂ ନାଥୁ ଲା ପାସ୍ ଅନ୍ତର୍ଭୁକ୍ତ । ଭାରତ-ଚୀନ୍ ଘୋଷଣା ବିଷୟରେ ଗଣମାଧ୍ୟମର ପଚରାଉଚରା ପରେ ନେପାଳର ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତି ଜାରି କରିଛି । ବିବାଦୀୟ ଅଞ୍ଚଳରେ ରାସ୍ତା ବିସ୍ତାର କିମ୍ବା ସୀମା ବାଣିଜ୍ୟ ଭଳି କାର୍ଯ୍ୟକଳାପରେ ସାମିଲ ନ ହେବା ପାଇଁ ଭାରତକୁ ନେପାଳର ଅନୁରୋଧକୁ ମନ୍ତ୍ରଣାଳୟ ପୁନର୍ବାର ଦୋହରାଇଛି। ନେପାଳ ଚୀନକୁ ଜଣାଇଛି ଯେ ସମ୍ପୃକ୍ତ ଅଞ୍ଚଳ ଏହାର ଅଞ୍ଚଳ ମଧ୍ୟରେ ଅବସ୍ଥିତ । ଐତିହାସିକ ଚୁକ୍ତି, ଚୁକ୍ତିନାମା, ମାନଚିତ୍ର ଏବଂ ପ୍ରମାଣ ଆଧାରରେ କୂଟନୈତିକ ମାଧ୍ୟମରେ ଭାରତ ସହିତ ସୀମା ସମସ୍ୟାର ସମାଧାନ ପାଇଁ ନେପାଳ ସରକାର ପ୍ରତିବଦ୍ଧ ।



# ଡ୍ରାଗନର ଭାରତ ବିରୋଧୀ ଷଡ଼ଯନ୍ତ୍ର

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):** ଡ୍ରାଗନର ମାଷ୍ଟର ପ୍ଲାନ । ତିବ୍ବତକୁ ଅସ୍ତ୍ର କରି ଭାରତ ବିରୋଧୀ ଷଡ଼ଯନ୍ତ୍ର ରଚୁଛି ଚୀନ । ବ୍ରହ୍ମପୁତ୍ରରେ ନଦୀବନ୍ଧ ନିର୍ମାଣ କରିବାକୁ ପ୍ରସ୍ତୁତି ଆରମ୍ଭ କରୁଛି । ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ଅଗଷ୍ଟ ୨୦ ତାରିଖରେ ତିବ୍ବତରେ ପହଞ୍ଚିଥିଲେ । ତିବ୍ବତକୁ ଏକ ସ୍ୱାୟତ୍ତ ଅଞ୍ଚଳ ଭାବରେ ପ୍ରତିଷ୍ଠା କରିବାର ୬୦ତମ ବାର୍ଷିକୀ ପାଳନ କରିବା ପାଇଁ ଜିନପିଙ୍ଗ ତିବ୍ବତର ପ୍ରାଦେଶିକ ରାଜଧାନୀ ଲାସାରେ ପହଞ୍ଚିଥିଲେ । ୬୦ ଦଶକରୁ ଚୀନ ତିବ୍ବତକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଆସୁଛି । କିନ୍ତୁ, ଭାରତ ଏବଂ ଭାରତୀୟ ବୌଦ୍ଧ ଧର୍ମ ସହିତ ଘନିଷ୍ଠତା ଯୋଗୁଁ, ଏହାର ଉଦ୍ଦେଶ୍ୟ ପୂରଣ ହେଉନାହିଁ । ୧୯୫୦ ମସିହାରେ ଚୀନ ଏହି ଅଞ୍ଚଳ ଦଖଲ କରିବା ପରେ ୧୯୬୫ ମସିହାରେ ଆନୁଷ୍ଠାନିକ ଭାବରେ ତିବ୍ବତ ସ୍ୱୟଂଶାସିତ ଅଞ୍ଚଳ ଗଠନ କରିଥିଲା । ୧୯୫୯ ମସିହାରେ ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମା ଭାରତ ଋଲି ଆସିଥିଲେ । ଏହା ପରେ ୧୯୬୨ ମସିହାରେ ଭାରତ-ଚୀନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା । ଜିନପିଙ୍ଗଙ୍କ ତିବ୍ବତ ଗସ୍ତର ପ୍ରକୃତ ଉଦ୍ଦେଶ୍ୟ କ’ଣ ଏବଂ ଭାରତ ପ୍ରତି କେଉଁ ବିପଦ ରହିଛି ? ଆସନ୍ତୁ ଜାଣିବା ଚୀନର ସରକାରୀ ସମାଚାର ଏଜେନ୍ସି ଜିନହୁଆ ଅନୁଯାୟୀ, ବେଜିଂରୁ ଅଧିକାରୀମାନଙ୍କ ଏକ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେଉଥିବା ଜିନପିଙ୍ଗଙ୍କୁ ତିବ୍ବତର ବିଭିନ୍ନ ଜାତିଗତ ଗୋଷ୍ଠୀର ଲୋକମାନେ ସ୍ୱାଗତ କରିଥିଲେ । ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମା ୧୯୫୯ ମସିହାରେ ତିବ୍ବତୀୟମାନଙ୍କର ଏକ ବଡ଼ ଗୋଷ୍ଠୀ ସହିତ ଭାରତ ଆସିଥିଲେ ଏବଂ ସେବେଠାରୁ ହିଁ ହିମାଚଳ ପ୍ରଦେଶର ଧର୍ମଶାଳାରେ ରହୁଛନ୍ତି। ପ୍ରତିରକ୍ଷା ବିଶେଷଜ୍ଞ ଲେଫ୍ଟନାଣ୍ଟ କର୍ଣ୍ଣେଲ ଜେଏସ ସୋଧି କୁହନ୍ତି ଯେ, ତିବ୍ବତ ବହୁ ବର୍ଷରୁ ଭାରତର ବନ୍ଧୁ । କିନ୍ତୁ, ତିବ୍ବତ ଚୀନର ବନ୍ଧୁ ବୋଲି ସେ ସାରା ବିଶ୍ୱକୁ ଦର୍ଶାଉଛି । ଜିନପିଙ୍ଗଙ୍କୁ ତିବ୍ବଦତେ ଭବ୍ୟ ସ୍ୱାଗତ କରାଯାଉଥିବା ଚୀନର ଗଣମାଧ୍ୟମ ଜାଣିଶୁଣି ଦେଖାଉଛି । ଭାରତ ସଂଲଗ୍ନ ଏହି ହିମାଳୟ ଅଞ୍ଚଳରେ ଚୀନର ଉପସ୍ଥିତି ଭାରତ ପାଇଁ ବଡ଼ ଚିନ୍ତାର ବିଷୟ, କାରଣ ଭାରତ ସହିତ ଚୀନର ହଜାର ହଜାର କିଲୋମିଟର ସୀମା ବିବାଦ ରହିଛି । ପ୍ରତିରକ୍ଷା ବିଶେଷଜ୍ଞ ଜେଏସ ସୋଧିଙ୍କ ଅନୁଯାୟୀ, ଜିନପିଙ୍ଗ ଏଠାକୁ ଆସିବା ସମୟରେ ବ୍ରହ୍ମପୁତ୍ର ନଦୀ, ନିଙ୍ଗଚି ସହର ପରିଦର୍ଶନ କରିଥିଲେ । ଯାହା ଉପରେ ଚୀନ୍ ଏକ ନଦୀବନ୍ଧ ନିର୍ମାଣ କରୁଛି । ସେହି ସମୟରେ ସେ ଏହାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ବ୍ରହ୍ମପୁତ୍ର ଉପରେ ଏକ ବନ୍ଧ ନିର୍ମାଣ ମଧ୍ୟ ଭାରତ ପାଇଁ ଏକ ବଡ଼ ଚେତାବନୀ, କାରଣ ବ୍ରହ୍ମପୁତ୍ର ନଦୀ ଅରୁଣାଚଳପ୍ରଦେଶ ଦେଇ ପ୍ରବାହିତ ହୋଇଛି । ଚୀନ ଅରୁଣାଚଳପ୍ରଦେଶକୁ ତିବ୍ବତର ଏକ ଅଂଶ ବୋଲି ମାନିଥାଏ । ତେଣୁ ସେ ବ୍ରହ୍ମପୁତ୍ର ନଦୀ ଉପରେ ନଦୀବନ୍ଧ ନିର୍ମାଣ କରିବାକୁ ଯୋଜନା କରୁଛି । ଚୀନର ସମ୍ପୂର୍ଣ୍ଣ ଯୋଜନା ହେଉଛି ତିବ୍ବତର ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଏହାକୁ ମୁଖ୍ୟଭୂମି ଚୀନ ସହିତ ସଂଯୋଗ କରିବା । ତିବ୍ବତ ଭାରତ ସହିତ ଏହାର ସୀମା ଅଂଶୀଦାର। ଚୀନର ଦକ୍ଷିଣ-ପଶ୍ଚିମ ସିଚୁଆନ୍ ପ୍ରଦେଶରୁ ତିବ୍ବତ ପର୍ଯ୍ୟନ୍ତ ଏକ ରେଳ ଲାଇନ ମଧ୍ୟ ନିର୍ମାଣ କରାଯାଉଛି । ଜିନପିଙ୍ଗ ମଧ୍ୟ ତିବ୍ବତର ପ୍ରଥମ ବୈଦ୍ୟୁତିକ ରେଳ ଲାଇନରେ ନିଙ୍ଗଚିରୁ ଲାସା ଯାଏ ଯାତ୍ରା କରିଥିଲେ ।

# ଟାଇଟାସ୍ ଫୁଟୱିୟର ପାଇଁ ଏକ ନୂଆ ଯୁଗର ଅଭ୍ୟୁଦୟ

**କୋଲକାତା,୨୧।୮(ଏଜେନ୍ସି):** ଫୁଟୱିୟର କ୍ଷେତ୍ରରେ କୋଲକାତାର ଅନ୍ୟତମ ପ୍ରଶଂସାଯୋଗ୍ୟ ନାମ ଟାଇଟାସ୍ ତାହାର ଅଭିବୃଦ୍ଧି ଯାତ୍ରାରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ସମ୍ପର୍କରେ ଗର୍ବର ସହିତ ଘୋଷଣା କରୁଛି। ଗ୍ଲୋବାଲ ଫୁଟୱିୟର ଆଣ୍ଡ ଲେଦର କ୍ରାଫ୍ଟ ଇଣ୍ଡଷ୍ଟ୍ରିଜ ଅଧୀନରେ ଫୁଟୱିୟର ବିପଣନ ଏବଂ ତିଆରି କ୍ଷେତ୍ରରେ ତିନି ଦଶନ୍ଧିରୁ ଅଧିକ ସମୟର ଉତ୍କର୍ଷ ହାସଲ ପରେ କମ୍ପାନୀ ଆନୁଷ୍ଠାନିକ ଭାବରେ ନିଜର ଫୁଟୱିୟର ବ୍ୟବସାୟକୁ ଏକ ନୂଆକରି ସ୍ଥାପିତ ସଂସ୍ଥା: ଟାଇଟାସ୍ ଫୁଟୱିୟର ପ୍ରାଇଭେଟ ଲିମିଟେଡକୁ ରୂପାନ୍ତରିତ ହୋଇଛି। କୋଲକାତାସ୍ଥିତ ମୋହତା ପରିବାର ଉଲ୍ଲେଖନୀୟ ଇକ୍ୱିଟି ନିବେଶ କରିବା ସହିତ କମ୍ପାନୀରେ ପ୍ରମୋଟରଙ୍କ ଅଂଶ ଦଖଲ କରିଛନ୍ତି। ସେମାନଙ୍କର ସମର୍ଥନ ଟାଇଟାସ୍ ବ୍ରାଣ୍ଡର ମଜଭୁତ ମଲ୍ୟ ଏବଂ ଏକ ପରିବର୍ତ୍ତନଶୀଳ ବଜାରରେ ନେତୃତ୍ୱ ନେବାର ସାମର୍ଥ୍ୟ ଉପରେ ଦୃଢ ଆସ୍ଥାକୁ ପ୍ରତିଫଳିତ କରୁଛି। କମ୍ପାନୀ ପରିଚାଳନାରେ ଆଧୁନିକୀକରଣ ଉପରେ ଦୃଷ୍ଟିନିବଦ୍ଧ କରିବା ଏବଂ ଗ୍ରାହକ-କୈନ୍ଦ୍ରିକ ନବସୃଜନ ପ୍ରଦାନ କରିବାକୁ ଶ୍ରୀ ଅନିରୁଦ୍ଧ ମୋହତାଙ୍କ ନେତୃତ୍ୱରେ କମ୍ପାନୀକୁ ପରବର୍ତ୍ତୀ ପର୍ଯ୍ୟାୟକୁ ଆଗେଇନେବାକୁ ଏକ ନୂତନ ନେତୃତ୍ୱ ପ୍ରଦାନକାରୀ ଟିମ୍ ନିଯୁକ୍ତ କରାଯାଇଛି।

# ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ‘Z’ କାଟାଗୋରୀ ସୁରକ୍ଷା

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):** ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ବଢ଼ିଲା ସୁରକ୍ଷା ବ୍ୟବସ୍ଥା । ରେଖା ଗୁପ୍ତାଙ୍କୁ Z’ କ୍ୟାଟାଗୋରୀ ସୁରକ୍ଷା ପ୍ରଦାନ କରିଛନ୍ତି କେନ୍ଦ୍ର ସରକାର । ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଆକ୍ରମଣ ଘଟଣା ପରେ ସୁରକ୍ଷା ବଢ଼ାଇଛି ଗୃହ ମନ୍ତ୍ରାଳୟ । ରେଖା ଗୁପ୍ତାଙ୍କ ସୁରକ୍ଷା ଦାୟିତ୍ୱରେ ରହିବେ ସିଆରପିଏଫ ଯବାନ । ବୁଧବାର ଜନଶୁଣାଣି କାର୍ଯ୍ୟକ୍ରମ ବେଳେ ତାଙ୍କ ଉପରେ ଆକ୍ରମଣ ହୋଇଥିଲା । ତେବେ ଆଜି ଏଭଳି ନିଷ୍ପତ୍ତି ନେଇଛି ଗୃହ ମନ୍ତ୍ରାଳୟ । ସୂଚନା ଅନୁଯାୟୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଉପରେ ବୁଧବାର ସକାଳେ ଆକ୍ରମଣ ହୋଇଥିଲା । ସିଭିଲ ଲାଇନ୍ସ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଏହି ଘଟଣା ଘଟିଥିଲା । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ବାସଭବନରେ ସାପ୍ତାହିକ ଜନଶୁଣାଣି କରୁଥିଲେ । ସେହି ସମୟରେ ଜଣେ ୪୦ ବର୍ଷୀୟ ବ୍ୟକ୍ତି ତାଙ୍କ ଉପରେ ଆକ୍ରମଣ କରିଥିଲେ । ଏଥିଯୋଗୁ ତାଙ୍କ ମୁଣ୍ଡ ଏବଂ ହାତରେ ଆଘାତ ଲାଗିଥିଲା । ଘଟଣା ପରେ ସେଠାରେ ଅଭିଯୋଗକାରୀ ଆତଙ୍କିତ ହୋଇ ଧାଁଦୌଡ଼ କରିଥିଲେ । ପୁଲିସ ଓ ରେଖାଙ୍କ ସୁରକ୍ଷାକର୍ମୀ ଅଭିଯୁକ୍ତ ରାଜେଶଭାଇ ଖିମଜି ସକାରିୟାଙ୍କୁ ଗିରଫ କରି ଏକ ମାମଲା ରୁଜୁ କରିଛି । ରାଜେଶ ଗୁଜରାଟ ରାଜକୋଟର ବାସିନ୍ଦା ବୋଲି ଜଣାପଡ଼ିଛି । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ରାଜେଶ ସାକାରିୟା ନାଁରେ ଦିଲ୍ଲୀ ପୁଲିସରେ ପୂର୍ବରୁ ୫ଟି ମାମଲା ରହିଛି । ପୁଲିସ କହିବା ଅନୁସାରେ, ଏହି ଆକ୍ରମଣ ଯୋଜନାବଦ୍ଧ ଥିଲା ।ଏଥିଲାଗି ରାଜେଶ ଦୁଇ ଦିନ ପୂର୍ବରୁ ଦିଲ୍ଲୀରେ ପହଞ୍ଚିଥିଲା । ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଓ କ୍ୟାମ୍ପ ଅଫିସ୍ ନିକଟରେ ରେକି କରିଥିଲେ । ସେହି ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚରୁ ଏହା ଜଣାପଡ଼ିଛି । ଦିଲ୍ଲୀ ପୁଲିସ ତାଙ୍କ ମୋବାଇଲକୁ ଜବତ କରିଥିବାବେଳେ ସେଥିରୁ ପୂର୍ବରୁ ହୋଇଥିବା ଜନଶୁଣାଣିର ଭିଡିଓ ମିଳିଛି । ତେବେ ଅଭିଯୁକ୍ତଙ୍କ ମା’ କହିଛନ୍ତି, ତାଙ୍କ ପୁଅ କୌଣସି ରାଜନୈତିକ ଦଳର ନୁହନ୍ତି । ସେ ଜଣେ କୁକୁରପ୍ରେମୀ । ନିକଟରେ ବୁଲା କୁକୁରଙ୍କ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ରାୟର ବିରୋଧ କରିବାକୁ ସେ ଦିଲ୍ଲୀ ଯାଇଥିଲେ । ଏହି ଘଟଣା ପରେ କେନ୍ଦ୍ର ସରକାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରିଛନ୍ତି । ତାଙ୍କୁ Z’ କ୍ୟାଟାଗୋରି ସୁରକ୍ଷା ପ୍ରଦାନ କରାଯାଇଛି ।



# କେବଳ ବହୁଦଳୀୟ ଟୁର୍ଣ୍ଣାମେଣ୍ଟରେ ପାକ୍ ସହ ମୁକାବିଲା

## ଦ୍ୱିପାକ୍ଷିକ ସିରିଜ୍‌କୁ ମନାକଲା କ୍ରୀଡ଼ା ମନ୍ତ୍ରଣାଳୟ




ନୂଆଦିଲ୍ଲୀ, ୨୧।୮ (ଏଜେନସି): ଭାରତ-ପାକିସ୍ତାନ ମଧ୍ୟରେ ତିକ୍ତତା ଚରମସୀମାରେ ରହିଛି। ଦୁଇ ଦେଶ ପରସ୍ପରକୁ ଆକ୍ରମଣର ଧମକ ଦେଉଛନ୍ତି। ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀମାନେ ପହଲଗାମରେ ପଶି ନରସଂହାର କରିବା ପରେ ଦୁଇ ଦେଶର ସମ୍ପର୍କ ଆହୁରି ବିଗିଡି ଯାଇଛି। ସୀମାରେ ତିକ୍ତତା ଲାଗି ରହିଥିବା ବେଳେ ଦୁଇ ଦେଶ ପରସ୍ପର ସହ କ୍ରିକେଟ ମ୍ୟାଚ୍ ଖେଳିବେ। ଏସିଆ କପରେ ଭାରତ ଓ ପାକିସ୍ତାନ ମୁହାଁମୁହିଁକୁ ନେଇ ଲାଗି ରହିଥିବା ଅନିଶ୍ଚିତତାରେ ପଡିଛି ପୂର୍ଣ୍ଣଚ୍ଛେଦ। ଭାରତ-ପାକିସ୍ତାନ ମ୍ୟାଚ୍‌କୁ ସରକାର ଗ୍ରୀନ ସିଗନାଲ ଦେଇଛନ୍ତି।

ଏହା ମଧ୍ୟରେ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଆସିଛି ବଡ ବୟାନ। ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ଭାରତ ଓ ପାକିସ୍ତାନ ମଧ୍ୟରେ କୌଣସି ପ୍ରକାରର ଦ୍ୱିପାକ୍ଷିକ ମ୍ୟାଚ୍ ଖେଳାଯିବ ନାହିଁ। କିନ୍ତୁ ଭାରତୀୟ ଦଳକୁ ଏସିଆ କପରେ ପାକିସ୍ତାନ ବିପକ୍ଷରେ ଖେଳିବା ପାଇଁ ମନା କରାଯାଇ ପାରିବ ନାହିଁ। ଗୁରୁବାର କ୍ରୀଡା ମନ୍ତ୍ରଣାଳୟ ଭାରତର ଅନ୍ତର୍ଜାତୀୟ କ୍ରୀଡା ସମ୍ବନ୍ଧରେ ନୂଆ ନୀତି ଜାରି କରିଛି, ଯେଉଁଥିରେ ପାକିସ୍ତାନ ସହ ସମ୍ବନ୍ଧ ଉପରେ ଗୁରୁତ୍ୱାରୋପ କରାଯାଇଛି। ପିଟିଆଇ ଅନୁଯାୟୀ, କ୍ରୀଡା ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ପାକିସ୍ତାନ ସହ ଦେଶର କୂଟନୈତିକ ଏବଂ ରାଜନୈତିକ ନୀତି ଯେଉଁଭଳି ରହିଛି ତାହା କ୍ରୀଡାରେ ମଧ୍ୟ ଲାଗୁ ହେଉଛି। ଦୁଇ ଦେଶ ମଧ୍ୟରେ କଦାପି ଦ୍ୱିପାକ୍ଷିକ ମ୍ୟାଚ୍ ଖେଳାଯିବ ନାହିଁ। ଭାରତୀୟ ଦଳ ପାକିସ୍ତାନରେ ହେଉଥିବା ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବ ନାହିଁ। ପାକିସ୍ତାନକୁ ମଧ୍ୟ ଦ୍ୱିପାକ୍ଷିକ ସିରିଜ୍ ପାଇଁ ଭାରତରେ ଅନୁମତି ମିଳିବ ନାହିଁ।

ହେଲେ ବହୁରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଏହି ନୀତିର କୌଣସି ପ୍ରଭାବ ପଡିବ ନାହିଁ। ଏହି ହିସାବରେ ଏସିଆ କପରେ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳିବାକୁ ଭାରତୀୟ ଦଳକୁ ରୋକା ଯାଇପାରିବ ନାହିଁ। ବହୁପକ୍ଷୀୟ ଆୟୋଜନରେ କୌଣସି ରୋକ୍ ଲଗାଯାଇ ପାରିବ ନାହିଁ। କାରଣ ଆମକୁ ଅଲିମ୍ପିକ ଚାର୍ଟରର ପାଳନ କରିବାକୁ ପଡିବ। ଏହା ଭାରତର ଅନ୍ତର୍ଜାତୀୟ କ୍ରୀଡାରେ ଭାଗିଦାରୀର ନୀତିକୁ ଦର୍ଶାଉଛି।

ଏହାର ଅର୍ଥ ଧାର୍ଯ୍ୟ ସୂଚୀ ଅନୁସାରେ, ଏସିଆ କପରେ ଭାରତ ଓ ପାକିସ୍ତାନ ଲଢ଼େଇ ସେପ୍ଟେମ୍ବର ୧୪ରେ ଅନୁଷ୍ଠିତ ହେବ। ଏହାକୁ ବୟକଟ କରିବାକୁ ଦାବି ତେଜୁ ଥିବା ବେଳେ ବିସିସିଆଇ ଏସିଆ କପ ପାଇଁ ସ୍କ୍ୱାଡ ଘୋଷଣା କରିଥିଲା। ଏସବୁ ଭିତରେ ଆଜି ସରକାର ଭାରତ-ପାକିସ୍ତାନ ମ୍ୟାଚ୍‌କୁ ଅନୁମତି ଦେଇଛନ୍ତି।

ରିପୋର୍ଟକୁ ସରକାରୀ ସୂତ୍ରକୁ ଆଧାର କରି ପ୍ରକାଶ କରାଯାଇଛି। କ୍ରୀଡା ମନ୍ତ୍ରଣାଳୟ ସୂତ୍ରରେ କୁହାଯାଇଛି ଯେ ଭାରତ-ପାକିସ୍ତାନ ମଧ୍ୟରେ କୌଣସି ଦ୍ୱିପାକ୍ଷିକ କ୍ରୀଡା ପ୍ରତିଯୋଗିତା ହୋଇପାରିବ ନାହିଁ। କିନ୍ତୁ ଆଗାମୀ ବହୁ ରାଷ୍ଟ୍ରୀୟ ଏସିଆ କପରେ ଭାରତୀୟ କ୍ରିକେଟ ଟିମକୁ ଭାଗ ନେବାକୁ ଅନୁମତି ଦିଆଯାଇଛି। ଏସିଆ କପର ଗ୍ରୁପ ଷ୍ଟେଜରେ ଭାରତ-ପାକିସ୍ତାନ ୧୪ ତାରିଖରେ ମୁହାଁମୁହିଁ ହେବେ। ଏହାପରେ ଯୋଗ୍ୟତା ଆଧାରରେ ସେପ୍ଟେମ୍ବର ୨୧ ଓ ୨୯ରେ ମଧ୍ୟ ଦୁଇ ଦେଶ ମଧ୍ୟରେ ମୁକାବିଲା ହୋଇପାରେ। ଚଳିତ ବର୍ଷ ଦୁବାଇରେ ଏସିଆ କପ ଆୟୋଜନ ହେବାକୁ ଯାଉଛି। ଏହା ସେପ୍ଟେମ୍ବର ୯ରୁ ଆରମ୍ଭ ହେବ। ମ୍ୟାଚ୍‌କୁ ନେଇ ସସପେନ୍ସ ଲାଗି ରହିଥିବା ବେଳେ ସରକାରୀ ସୂତ୍ରରେ କୁହାଯାଇଛି ଯେ "ଦ୍ୱିପାକ୍ଷିକ କ୍ରୀଡା କଥା ବିଚାରକୁ ନେଲେ ଭାରତୀୟ କୌଣସି ବି ପରିସ୍ଥିତିରେ ପାକିସ୍ତାନ ସହ ପ୍ରତିଦ୍ୱନ୍ଦ୍ୱିତା କରିବ ନାହିଁ। ପାକିସ୍ତାନକୁ ମଧ୍ୟ ଭାରତରେ ଖେଳିବାକୁ ଅନୁମତି ଦିଆଯାଇ ପାରିବ ନାହିଁ। ଆମେ ଭାରତୀୟ କ୍ରିକେଟ ଟିମକୁ ଏସିଆ କପରେ ଭାଗ ନେବାକୁ ଅଟକାଇ ପାରିବୁ ନାହିଁ। କାରଣ ଏହା ଏକ ବହୁ ରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟ। ପାକିସ୍ତାନ ଦ୍ୱିପାକ୍ଷିକ ସିରିଜ ଖେଳିବାକୁ ଭାରତ ମାଟିକୁ ଆସି ପାରିବ ନାହିଁ। କିନ୍ତୁ ଅଲିମ୍ପିକ୍ସ ଚାର୍ଟର ଅନୁସାରେ ଆମେ ବହୁ ରାଷ୍ଟ୍ରୀୟ କ୍ରୀଡା ଇଭେଣ୍ଟକୁ ସମ୍ମାନ କରିଥାଉ।"

ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ, ଭାରତ ଏବଂ ପାକିସ୍ତାନ ଉଭୟ ଦଳ ସେମାନଙ୍କର ନିଜ ନିଜ ଦଳ ଘୋଷଣା କରିସାରିଛନ୍ତି। ତେବେ ଟିମ୍ ଘୋଷଣା ହେବା ପୂର୍ବରୁ ଭାରତ, ପାକିସ୍ତାନ ସହ ଖେଳିବନି ବୋଲି ଭାବି ବସିଥିଲେ ଦେଶବାସୀ। ପହଲଗାମ୍ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ବିସିସିଆଇ ପାକିସ୍ତାନ ସହ ଖେଳିବାକୁ ମନା କରିବେ ବୋଲି ଆଶା କରାଯାଉଥିଲା। ହେଲେ ଏବେ ଭାରତ-ପାକିସ୍ତାନ ଖେଳିବା ନେଇ ସ୍ପଷ୍ଟ ହେବା ପରେ ଲୋକେ ବିସିସିଆଇକୁ ବଏକଟ୍ କରିବାକୁ ଦାବି କରିଛନ୍ତି।

# ବ୍ରୋଙ୍କ ଟେଷ୍ଟ ବାଧ୍ୟତାମୂଳକ



ନୂଆଦିଲ୍ଲୀ, ୨୧।୮: ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଖେଳାଳିଙ୍କ ଫିଟନେସ ପରୀକ୍ଷା କରିବା ପାଇଁ ଏକ ନୂତନ ନିୟମ ପ୍ରଚଳନ କରିଛି। ଏହି ନିୟମର ନାମ ହେଉଛି ବ୍ରୋଙ୍କ ଟେଷ୍ଟ। ଏହାକୁ ରଗ୍‌ବିରୁ କ୍ରିକେଟକୁ ନିଆଯାଇଛି। ଏହା ଖେଳାଳିଙ୍କ ଏରୋବିକ କ୍ଷମତା ଏବଂ ଦୌଡ଼ ଷ୍ଟାମିନା ପରୀକ୍ଷା କରିବ। ଏହା ସହିତ, ଏହି ପରୀକ୍ଷା ପଡ଼ିଆରେ ରହିବା ଏବଂ ଦୀର୍ଘ ଦୂରତା ପାଇଁ ଦୌଡ଼ିବାର କ୍ଷମତା ପରୀକ୍ଷା କରିବ।

ଏହି ବ୍ରୋଙ୍କ ଟେଷ୍ଟ ମୁଖ୍ୟତଃ ବୋଲରମାନଙ୍କ ପାଇଁ। ଏହି ପରୀକ୍ଷାରେ ପାସ କରିବା ପରେ ହିଁ ଖେଳାଳିଙ୍କୁ ଟିମ ଇଣ୍ଡିଆରେ ସାମିଲ କରାଯିବ। ଖେଳାଳିଙ୍କ ଷ୍ଟାମିନା ବୃଦ୍ଧି କରିବା ଏବଂ ସେମାନଙ୍କୁ ଦୀର୍ଘ ସମୟ ପାଇଁ ଫିଟ ରଖିବା ପାଇଁ ବ୍ରୋଙ୍କ ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଛି।

ଖେଳାଳିଙ୍କ ଏରୋବିକ କ୍ଷମତା ଏବଂ ଦୌଡ଼ ଷ୍ଟାମିନା ବ୍ରୋଙ୍କ ଟେଷ୍ଟ ମାଧ୍ୟମରେ ପରୀକ୍ଷା କରାଯିବ। ଏଥିରେ, ଖେଳାଳିଙ୍କୁ ଗୋଟିଏ ସେଟରେ ୨୦ ମିଟର, ୪୦ ମିଟର ଏବଂ ୬୦ ମିଟରର ସଟଲ ରନ କରିବାକୁ ପଡିବ। ଏହିପରି ମୋଟ ପାଞ୍ଚଟି ସେଟ ବିନା ଅଟକି ସମାପ୍ତ କରିବାକୁ ପଡିବ। ରିପୋର୍ଟ ଅନୁଯାୟୀ, ଭାରତୀୟ ଖେଳାଳିମାନଙ୍କୁ ୬ ମିନିଟ ମଧ୍ୟରେ ବ୍ରୋଙ୍କ ପରୀକ୍ଷା ପାସ କରିବାକୁ କୁହାଯାଇଛି। ଜଣେ ଖେଳାଳି ପାଞ୍ଚଟି ସେଟରେ ପ୍ରାୟ ୧୨୦୦ ମିଟର ଦୌଡ଼ିବେ। ଶକ୍ତି ଏବଂ କଣ୍ଡିସନିଂ ପ୍ରଶିକ୍ଷକ ଆଡ୍ରିଆନ ଲେ ରକ୍ସ ବ୍ରୋଙ୍କ ପରୀକ୍ଷା ସୁପାରିଶ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ମଧ୍ୟ ଏଥିରେ ସହମତ ହୋଇଥିଲେ। ଓ୍ୱେଲ ରକ୍ସ ଚାହାନ୍ତି ଯେ, ଦ୍ରୁତ ବୋଲରମାନେ ଜିମ ଅପେକ୍ଷା ଦୌଡ଼ିବା ଉପରେ ଅଧିକ ଧ୍ୟାନ ଦିଅନ୍ତୁ। ଭାରତୀୟ ବୋଲରମାନେ ଟେଷ୍ଟ କ୍ରିକେଟରେ ଲମ୍ବା ସ୍ପେଲ ବୋଲିଂ କରିବାରେ ବିଫଳ ହୋଇଛନ୍ତି। ସମ୍ପ୍ରତି, ଇଂଲଣ୍ଡ ଗସ୍ତରେ, କେବଳ ମହମ୍ମଦ ସିରାଜ ପାଞ୍ଚଟି ଟେଷ୍ଟ ଖେଳିପାରିଥିଲେ, ଏବଂ ପ୍ରତ୍ୟେକ ସେସନରେ ସମାନ ଗତିରେ ବୋଲିଂ କରିଥିଲେ। ବାକି ବୋଲରମାନେ ଲମ୍ବା ସ୍ପେଲ ବୋଲିଂ କରି କ୍ଲାନ୍ତ ହେଉଥିଲେ। ସେଥିପାଇଁ ଏହି ନୂତନ ଫିଟନେସ ପରୀକ୍ଷା ପ୍ରଚଳନ କରାଯାଇଛି।

# ଅଜିତ ଅଗରକରଙ୍କୁ ବିସିସିଆଇ ଦେଲା ବଡ଼ ଦାୟିତ୍ୱ

ମୁମ୍ବାଇ ୨୧।୦୮: ଏସିଆ କପ୍ ୨୦୨୫ ଟିମ୍ ଚୟନ ସରିଥିବାବେଳେ ଏହାରି ଭିତରେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ଦେଇଛି ବିଶେଷ ଉପହାର। ଅଗରକରଙ୍କ କାର୍ଯ୍ୟକାଳକୁ ବଢ଼ାଇଛି ବିସିସିଆଇ। ଜୁନ୍ ୨୦୨୩ରେ ଭାରତୀୟ ଦଳର ମୁଖ୍ୟ ଚୟନକର୍ତ୍ତା କରାଯାଇଥିଲା। ତାଙ୍କର କାର୍ଯ୍ୟକାଳ ୨ ବର୍ଷ ପାଇଁ ଥିଲା। କିନ୍ତୁ ବର୍ତ୍ତମାନ ଏହାକୁ ଜୁନ୍ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

କାରଣ ଅନେକ ବାର ସେ ଦଳ ଚୟନ ମାହନ ଭୂମିକା ଦାୟିତ୍ୱ ତୁଲାଇଛନ୍ତି। ତାଙ୍କ ସିଲେକ୍ସନ ଆଧାରରେ ଭାରତୀୟ ଦଳ ୨୦୨୪ଟି-୨୦ ବିଶ୍ୱକପ୍ ଏବଂ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା। ନିକଟରେ, ଅଜିତ ଅଗରକର ଏସିଆ କପ୍ ୨୦୨୫ ଚୟନ କରିଛନ୍ତି। ଗୋଟିଏ ପଟେ ଅଜିତ ଅଗରକରଙ୍କୁ ବିସିସିଆଇଠାରୁ ଏହି ଉପହାର ମିଳିଛି। ଅନ୍ୟପଟେ ଜଣେ ଅଭିଜ୍ଞ ଖେଳାଳିଙ୍କୁ ତାଙ୍କ ପଦରୁ ହଟାଇ ଦିଆଯାଇପାରିବ।



ଇଣ୍ଡିଆନ ଏକ୍ସପ୍ରେସ ରିପୋର୍ଟ ଅନୁସାରେ, ଇଣ୍ଡିଆନ ପ୍ରିମିୟର ଲିଗ୍ ୨୦୨୫ ପୂର୍ବରୁ ଅଗରକରଙ୍କ ଚୁକ୍ତିନାମା ବୃଦ୍ଧି କରାଯାଇଥିଲା। ବିସିସିଆଇର ଜଣେ ଅଧିକାରୀ ଇଣ୍ଡିଆନ ଏକ୍ସପ୍ରେସକୁ କହିଛନ୍ତି, 'ତାଙ୍କ କାର୍ଯ୍ୟକାଳ ମଧ୍ୟରେ, ଭାରତୀୟ ଦଳ ଅନେକ ଟାଇଟଲ ଜିତିଛି। ଟେଷ୍ଟ ଏବଂ ଟି-୨୦ ଅନ୍ତର୍ଜାତୀୟ ଦଳରେ ମଧ୍ୟ ପରିବର୍ତ୍ତନ ଦେଖିଥିଲା। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ଜୁନ୍ ୨୦୨୬ ପର୍ଯ୍ୟନ୍ତ ତାଙ୍କ ଚୁକ୍ତିନାମାକୁ ବୃଦ୍ଧି କରିଥିଲା। ସେ କିଛି ମାସ ପୂର୍ବରୁ ଏହି ପ୍ରସ୍ତାବକୁ ଗ୍ରହଣ କରିଥିଲେ। ଟିମ୍ ଇଣ୍ଡିଆର ବର୍ତ୍ତମାନର ଚୟନ କମିଟିରେ ଅଗରକର, ଏସ୍.ଏସ୍. ଦାସ, ସୁବ୍ରୋତୋ ବାନାର୍ଜୀ, ଅଜୟ ରାତ୍ରା ଏବଂ ଏସ୍ ଶରଥ ଅଛନ୍ତି। ରିପୋର୍ଟରେ ଦାବି କରାଯାଉଛି ଯେ ସେପ୍ଟେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ସାଧାରଣ ବୈଠକ ପରେ ଚୟନ କମିଟିରେ କିଛି ପରିବର୍ତ୍ତନ ହେବ। ସେପ୍ଟେମ୍ବର ୨୦୨୧ରେ, ଶରଥ ଜୁନିଅର ଚୟନ କମିଟିର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ। ଜାନୁଆରୀ ୨୦୨୩ରେ ତାଙ୍କୁ ବରିଷ୍ଠ ଚୟନ କମିଟିକୁ ପଦୋନ୍ନତି ଦିଆଯାଇଥିଲା। ତଥାପି, ସେ ଏବେ ଚାରି ବର୍ଷ ପୂରଣ କରିବେ। ରିପୋର୍ଟ ଅନୁଯାୟୀ, ବୋର୍ଡ ତାଙ୍କ ସ୍ଥାନରେ ଏକ ନୂତନ ମୁହଁ ନେଇପାରେ। ସମ୍ପ୍ରତି ଏସିଆ କପ୍ ୨୦୨୫ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ କିଛି ଶ୍ରେଷ୍ଠ ଖେଳାଳିଙ୍କୁ ସାମିଲ କରାଯାଇଛି। ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ହେବେ। ଏହି ଟୁର୍ଣ୍ଣାମେଣ୍ଟ ୯ ସେପ୍ଟେମ୍ବରରୁ ଆରମ୍ଭ ହେଉଛି। ଏହାର ଶେଷ ମ୍ୟାଚ୍ ୨୮ ସେପ୍ଟେମ୍ବରରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଅନେକ ପ୍ରଶଂସକ ଭାରତୀୟ ଦଳଠାରୁ ଉଚ୍ଚ ଆଶା ରଖିଛନ୍ତି।

# ଶ୍ରେୟସଙ୍କୁ ମିଳିପାରେ ଦିନିକିଆ ଅଧିନାୟକ ପଦ



ମୁମ୍ବାଇ, ୨୧।୮: ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଦିନିକିଆ ଓ ଟି-୨୦ରେ ଅଲଗା ଅଲଗା ଅଧିନାୟକତ୍ୱ ନିଷ୍ପତ୍ତି ନେଇଛି। ସୂତ୍ର ଅନୁସାରେ, ଶ୍ରେୟସ ଆୟାର ଦିନିକିଆ ଦଳର ପରବର୍ତ୍ତୀ ଅଧିନାୟକ ଭାବେ ରୋହିତ ଶର୍ମାଙ୍କ ସ୍ଥାନ ନେବେ। ଅନ୍ୟପକ୍ଷରେ, ଶୁଭମନ ଗିଲ ଟି-୨୦ରେ ସୂର୍ଯ୍ୟକୁମାର ଯାଦବଙ୍କୁ ପରିବର୍ତ୍ତନ କରିବେ। ଗିଲଙ୍କୁ ଆସନ୍ତା ଏସିଆ କପ (୯-୨୮ ସେପ୍ଟେମ୍ବର, ୟୁଏଇ) ପାଇଁ ଟି-୨୦ ଉପଅଧିନାୟକ ନିଯୁକ୍ତ କରାଯାଇଛି।

ଏସିଆ କପ ପରେ ଦିନିକିଆ ଦଳର ଅଧିନାୟକତ୍ୱ ନେଇ ନିଷ୍ପତ୍ତି ହୋଇପାରେ। ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ନିଜ ଦିନିକିଆ ଭବିଷ୍ୟତ ନିଷ୍ପତ୍ତି ନେବାକୁ ଅନୁମତି ଦିଆଯିବ। ବିସିସିଆଇ ରୋହିତଙ୍କୁ ଅଧିନାୟକତ୍ୱରୁ ମୁକ୍ତ କରିବାକୁ ଚାହୁଁଛି। ଗୁଜବ ରହିଛି ଯେ, ରୋହିତ ଓ ବିରାଟ ଅଷ୍ଟ୍ରେଲିଆ ଗସ୍ତରେ ଶେଷ ଦିନିକିଆ ଖେଳିପାରନ୍ତି।

ବିରାଟ ୩୦୨ ଦିନିକିଆରେ ୧୪,୧୮୧ ରନ (ହାରାହାରି ୫୭.୮୮, ୫୧ ଶତକ) ଏବଂ ରୋହିତ ୨୭୨ ଦିନିକିଆରେ ୧୧,୧୬୮ ରନ (ହାରାହାରି ୪୮.୭୬, ୩୨ ଶତକ) ସଂଗ୍ରହ କରିଛନ୍ତି। ଉଭୟେ ଶେଷ ଥର ଚାମ୍ପିଅନ୍ସ ଟ୍ରଫିରେ ଖେଳିଥିଲେ, ଯେଉଁଠାରେ ବିରାଟ ୫ ମ୍ୟାଚ୍‌ରେ ୨୧୮ ରନ (ହାରାହାରି ୫୪.୫୦) ଓ ରୋହିତ ୧୮୦ ରନ (ହାରାହାରି ୩୬.୦୦) ସହ ଟାଇଟଲ ଜିତିଥିଲେ। ୨୦୨୭ ଦିନିକିଆ ବିଶ୍ୱକପ ପର୍ଯ୍ୟନ୍ତ ଉଭୟ ଖେଳିବେ କି ନାହିଁ, ତାହା ଏକ ବଡ ପ୍ରଶ୍ନ ଭାବେ ରହିଛି।

## (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

### ଜିଏସ୍‌ଟିରେ...

ଭଳି ୪୦%ର ଅତ୍ୟଧିକ ଶୁଳ୍କ ବ୍ୟବସ୍ଥା ଅତୁଟ ରହିବ ପ୍ୟାନେଲ ପକ୍ଷରୁ ବଳାସପୂର୍ଣ୍ଣ କାରଗୁଡ଼ିକୁ ମଧ୍ୟ ୪୦% ଟିକସ ବ୍ୟବସ୍ଥା ଅଧୀନକୁ ଆଣିବାକୁ ପ୍ରସ୍ତାବ ଦିଆଯାଇଛି।

ଯୋଜନା ଅନୁସାରେ, ପୂର୍ବରୁ ୧୨% ଟିକସ ସ୍ଲାବ ମଧ୍ୟରେ ଥିବା ପ୍ରାୟ ୯୯% ଜିନିଷକୁ ୫% ଟିକସ ସ୍ଲାବ ଅଧୀନକୁ ଅଣାଯିବ। ସେହିପରି ୨୮% ଅଧୀନରେ ଥିବା ପ୍ରାୟ ୯୦% ଜିନିଷ ୧୮% ସ୍ଲାବ ମଧ୍ୟକୁ ଚାଲି ଆସିବ। ଫଳରେ ସେଗୁଡ଼ିକର ଦାମ ହ୍ରାସ ପାଇବ।

ଗ୍ରୁପ ଅଫ ମିନିଷ୍ଟର୍ସ ବା ଜିଏମଓର ଅଧ୍ୟକ୍ଷତା ବିହାରର ଉପ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ କରିଥିଲେ। ଏଥିରେ ଉତ୍ତର ପ୍ରଦେଶର ଅର୍ଥମନ୍ତ୍ରୀ ସୁରେଶ ଖାନ୍ନା, ରାଜସ୍ଥାନର ସ୍ୱାସ୍ଥ୍ୟମନ୍ତ୍ରୀ ଗଜେନ୍ଦର ସିଂହ, ପଶ୍ଚିମବଙ୍ଗର ଅର୍ଥମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ, କର୍ଣ୍ଣାଟକାର ରାଜସ୍ ମନ୍ତ୍ରୀ କ୍ରିଷ୍ଣା ବି ଗୌଡା ଓ କେରଳର ଅର୍ଥମନ୍ତ୍ରୀ କେଏନ ବାଲାଗୋପାଲ ଯୋଗ ଦେଇଥିଲେ ଏହି କମିଟି ଜିଏସ୍‌ଟିକୁ ନେଇ ଅର୍ଥ ମନ୍ତ୍ରଣାଳୟ ଦେଇଥିବା ପ୍ରସ୍ତାବର ସମୀକ୍ଷା କରିଥିଲା।

କେନ୍ଦ୍ର ସରକାରଙ୍କ କହିବା କଥା ଯେ ନୂଆ। ଟିକସ ବ୍ୟବସ୍ଥା ସାଧାରଣ ଲୋକ, ଚାଷୀ ଓ ମଧ୍ୟବିତ୍ତଙ୍କୁ ଫାଇଦା ଦେବ ଦୈନନ୍ଦିନ ବ୍ୟବହୃତ ଜିନିଷ ଉପରେ ଲାଗୁଥିବା ଜିଏସ୍‌ଟି ହ୍ରାସ ପାଇବ। ମେଡିସିନ, ପ୍ରୋସେଡ ଖାଦ୍ୟ, ପୋଷାକ, ଚପଲ/ଜୋତା ଓ ଘରେ ବ୍ୟବହାର ହେଉଥିବା ଜିନିଷ ଗୁଡ଼ିକ ୫% ସ୍ଲାବ ମଧ୍ୟକୁ ଆସିବେ। ଘରେ ବ୍ୟବହୃତ ହେଉଥିବା ବଡ଼ବଡ଼ ଆସବାବପତ୍ର, ଟିଭି ଓ ଅନ୍ୟ ଜିନିଷ ଗୁଡ଼ିକ ୧୮% ସ୍ଲାବ ମଧ୍ୟରେ ରହିବେ। ପୂର୍ବରୁ ଏହା ୨୮% ସ୍ଲାବ ମଧ୍ୟରେ ରହିଥିଲା। ତେଣୁ ଏପରି ନିଷ୍ପତ୍ତି ମଧ୍ୟବିତ୍ତଙ୍କୁ ସୁହାଇବ।

### ସରିଲା..

ସୃଷ୍ଟି କରିବା ଠାରୁ ଦୂରେଇ ରଖି ସାର୍ଥକ ଆଲୋଚନାକୁ ଆଗକୁ ବଢ଼ାଇବା ଉଚିତ।

ସେ କହିଛନ୍ତି ଯେ ମୌସୁମୀ ଅଧିବେଶନରେ ଯେଉଁ ପ୍ରକାରର ଭାଷା ଏବଂ ଆଚରଣ ପ୍ରଦର୍ଶନ କରାଗଲା, ତାହା ସଂସଦର ମର୍ଯ୍ୟାଦା ଅନୁରୂପ ନୁହେଁ। ସଦନ ଭିତରେ ଏବଂ ବାହାରେ ସଦସ୍ୟମାନଙ୍କର ଭାଷା ସର୍ବଦା ସଂଯମତାପୂର୍ଣ୍ଣ ଏବଂ ଶାଳୀନ ହେବା ଉଚିତ ବୋଲି ସେ ମନେ ପକାଇ ଦେଇଥିଲେ। ସଦସ୍ୟମାନେ ସେମାନଙ୍କର କାର୍ଯ୍ୟ ଓ ଆଚରଣ ଜରିଆରେ ଦେଶ ଏବଂ ବିଶ୍ୱ ସମ୍ମୁଖରେ ଏକ ଉଦାହରଣ ସୃଷ୍ଟି କରନ୍ତୁ ବୋଲି ସେ ଅନୁରୋଧ କରିଥିଲେ।

ଶ୍ରୀ ବିର୍ଲା ସୂଚନା ଦେଇ କହିଥିଲେ, ଅଧିବେଶନର କାର୍ଯ୍ୟସୂଚୀରେ ୪୧୯ଟି ତାରକା ଚିହ୍ନିତ ପ୍ରଶ୍ନ ସାମିଲ କରାଯାଇଥିଲା, କିନ୍ତୁ ଯୋଜନାବଦ୍ଧ ବିଭ୍ରାଟ ଯୋଗୁଁ ମାତ୍ର ୫୫ଟି ପ୍ରଶ୍ନର ମୌଖିକ ଉତ୍ତର ଦିଆଯାଇପାରିଲା। ସେ ଆହୁରି ସୂଚନା ଦେଇଥିଲେ, ଅଧିବେଶନ ଆରମ୍ଭରେ ସମସ୍ତ ଦଳ ନିଷ୍ପତ୍ତି ନେଇଥିଲେ ଯେ ଏହି ଅଧିବେଶନରେ ସଦନ ୧୨୦ ଘଣ୍ଟା ଚର୍ଚ୍ଚା ଏବଂ ଆଲୋଚନା କରିବ। ବ୍ୟବସାୟ ପରାମର୍ଶଦାତା କମିଟି ମଧ୍ୟ ଏଥିରେ ସହମତ ହୋଇଥିଲେ, କିନ୍ତୁ କ୍ରମାଗତ ଅଚଳାବସ୍ଥା ଏବଂ ଯୋଜନାବଦ୍ଧ ବାଧା ସୃଷ୍ଟି କାରଣରୁ ଏହି ଅଧିବେଶନରେ ଗୃହରେ ମାତ୍ର ୩୭ଘଣ୍ଟା କାର୍ଯ୍ୟ ହୋଇପାରିଲା। ଅଧିବେଶନ ସମୟରେ ୧୪ଟି ସରକାରୀ ବିଲ୍ ଆଗତ କରାଯାଇଥିଲା ଏବଂ ୧୨ ଟି ବିଲ୍ ଗୃହୀତ ହୋଇଥିଲା ବୋଲି ଶ୍ରୀ ବିର୍ଲା ସୂଚନା ଦେଇଥିଲେ।

ଶ୍ରୀ ବିର୍ଲା କହିଥିଲେ, ଅପରେସନ୍ ସିନ୍ଦୂର ଉପରେ ଆଲୋଚନା ୨୮ ଜୁଲାଇ ୨୦୨୫ରେ ଆରମ୍ଭ ହୋଇଥିଲା ଏବଂ ୨୯ ଜୁଲାଇ ୨୦୨୫ରେ ପ୍ରଧାନମନ୍ତ୍ରୀଙ୍କ ଉତ୍ତର ସହିତ ଶେଷ ହୋଇଥିଲା। ୧୮ ଅଗଷ୍ଟ ୨୦୨୫ରେ ଭାରତର ମହାକାଶ କାର୍ଯ୍ୟକ୍ରମର ସଫଳତା ଉପରେ ଏକ ବିଶେଷ ଆଲୋଚନା ଆରମ୍ଭ ହୋଇଥିଲା ବୋଲି ସେ ସୂଚନା ଦେଇଥିଲେ।

### ନିଟ...

ଲକ୍ଷ୍ୟ ରଖିଛନ୍ତି। କଠିନ ପରିଶ୍ରମ ଦ୍ୱାରା ସବୁକିଛି ହାସଲ କରିହେବ ବୋଲି କୁହନ୍ତି ପୁଷନ। ନିଜ ସଫଳତାର ଶ୍ରେୟ ସେ ତାଙ୍କ ବାପାମାଆ ଓ ବଡ ଭଉଣୀଙ୍କୁ ଦେଇଛନ୍ତି। ଏଠାରେ ଆମେ ଜଣାଇ ଦେବାକୁ ଚାହିଁବୁ ଯେ, ପୁଷନଙ୍କ ବଡ ଭଉଣୀ ମଧ୍ୟ ଜଣେ ଡାକ୍ତର।

ପୁଷନ କହନ୍ତି ତାଙ୍କର ପରୀକ୍ଷା ଭଲ ହୋଇଥିଲା। ମାତ୍ର ସେ ସର୍ବଭାରତୀୟ ସ୍ତରରେ ଶୀର୍ଷରେ ରହିବେ ବୋଲି କେବେ କଳ୍ପନା ବି କରିନଥିଲେ। ଟପ୍ପର ହେବା ପରେ ତାଙ୍କର ସବୁ ସ୍ୱପ୍ନ ଯେପରି ହାତ ମୁଠାରେ ପାଇ ଯାଇଛନ୍ତି ସେ।

ପୁଷନଙ୍କ ମାନିବା କଥା ହେଉଛି; କୌଣସି ବି ସଫଳତା ପାଇଁ କଠିନ ପରିଶ୍ରମ, ବଡମାନଙ୍କ ଆଶୀର୍ବାଦ ଓ ଭାଗ୍ୟ ଭଲ ଥିବା ଆବଶ୍ୟକ। ନହେଲେ ହୁଏତ ସେ ଆଜି ଏହି ସ୍ଥାନରେ ପହଞ୍ଚି ପାରିନଥାନ୍ତେ।

### ଆଇପିଏସ୍...

ପୁଲିସକୁ ବଦଳି ହୋଇଛି। ସଞ୍ଜୟ କୁମାର କୌଶଳ ଆଇପିଏସ୍ - ଆଇଜି, ଇକୋନୋମିକ ଅଫେନ୍ସେସ ଉଇଙ୍ଗ (ଇଓଡବ୍ଲ୍ୟୁ), ଅବିନାଶ କୁମାର, ଆଇପିଏସ୍ - ନିର୍ଦ୍ଦେଶକ, ଷ୍ଟେଟ କ୍ରାଇମ ରେର୍କଡ ବ୍ୟୁରୋ (ଏସସିଆରବି), ଆଇପିଏସ ସତ୍ୟଜିତ ନାୟକ ଡିଆଇଜି, ସେଂଟ୍ରାଲ ରେଞ୍ଜ, ଆଇପିଏସ୍ ପିନାକ ମିଶ୍ର ଡିଆଇଜି, ଇଷ୍ଟର୍ଣ୍ଣ ରେଞ୍ଜ, ବାଲେଶ୍ୱର ଏସପି ରାଜ ପ୍ରସାଦ, ଆଇପିଏସ୍ -ଏସପି, ସ୍ପେସିଆଲ ବ୍ରାଂଚ, ଭବାନୀ ଶଙ୍କର ଉଦଗାତା, ଓପିଏସ୍ - ଏସପି, ରେଳବାଇ, କଟକ ଭାବେ ଅବସ୍ଥାପିତ କରାଯାଇଛି।

୮ ଜିଲ୍ଲାରେ ନୂଆ ଏସପି ଭାବେ ଖୋର୍ଦ୍ଧା ଜିଲ୍ଲା ପାଇଁ ବିବେକାନନ୍ଦ ଶର୍ମା, ପୁରୀ ଜିଲ୍ଲା ପାଇଁ ପ୍ରତୀକ ସିଂହ, ବାଲେଶ୍ୱର ଜିଲ୍ଲା ପାଇଁ ପ୍ରତ୍ୟୁଷ ଦିବାକର, ଝାରସୁଗୁଡ଼ା ଜିଲ୍ଲା ପାଇଁ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଜଗତସିଂହପୁର ଜିଲ୍ଲା ପାଇଁ ଅଙ୍କିତ କୁମାର ବର୍ମା, ନୂଆପଡ଼ା ଜିଲ୍ଲା ପାଇଁ ଅମୃତପାଲ ସିଂ, ସୁନ୍ଦରଗଡ଼ ଜିଲ୍ଲା ପାଇଁ ଅମୃତପାଲ କୌର ଓ କଟକ (ଗ୍ରାମାଂଚଳ) ପାଇଁ ବିନୀତ ଅଗ୍ରୱାଲ ଅବସ୍ଥାପିତ ହୋଇଛନ୍ତି।

### ୧୨...

କମିଶନରେଟ୍ ପୋଲିସ, ଡିସିପି ନିଯୁକ୍ତି ହୋଇଛନ୍ତି। ପୂର୍ବରୁ ସେ କମିଶନରେଟ୍ ପୋଲିସ ଅତିରିକ୍ତ ଡିସିପି ଭାବେ ଭାବେ କାର୍ଯ୍ୟ କରୁଥିଲେ। ଶ୍ରୀକାନ୍ତ କୁମାର ବେହେରା ଇଓବ୍ଲୁ ଭୁବନେଶ୍ୱରର ଏସ୍‌ପି, ସୁରେନ୍ଦ୍ର ନାଥ ରାୟଗୁରୁ କଟକ ରାଜ୍ୟ ପୋଲିସ ମୁଖ୍ୟାଳୟରରେ ଏସ୍‌ପି, କଳାହାଣ୍ଡିର ଅତିରିକ୍ତ ଏସ୍‌ପି ଥିବା ଆନନ୍ଦ ବର୍ଦ୍ଧନ ଗୁରୁ ରାଜ୍ୟ ପୋଲିସ ମୁଖ୍ୟାଳୟ, କଟକର ଏସ୍‌ପି, ରାଜ୍ୟ ପୋଲିସ ମୁଖ୍ୟାଳୟରେ ଅତିରିକ୍ତ ଏସ୍‌ପି ଥିବା ତପନ ନାରାୟଣ ରଥ ଏସ୍‌ପି ମୁଖ୍ୟାଳୟ, କଟକର ପୋଲିସ ଏଆଇଜି, ସତ୍ୟବାନ ମହାନନ୍ଦ ଏସ୍‌ପି ଭିଜିଲାନ୍ସ, ଦେବଶିଷ ଧଳ ସ୍ପେଶିଆଲ୍ ବ୍ରାଞ୍ଚ ଏସ୍‌ପି, ପ୍ରଭାଶଙ୍କର ନାୟକ କଟକ ମୁଖ୍ୟାଳୟର ପୋଲିସ ଏଆଇଜି, ଏସ୍‌ପି, ଓପିଏସ୍ (ଏସ୍) ଦେବଦତ୍ତ କର ରାଜ୍ୟ ପୋଲିସ ମୁଖ୍ୟାଳୟରେ ଏସ୍‌ପି ଓ ରେଳୱେ ଅତିରିକ୍ତ ଏସ୍‌ପି ଥିବା ସତ୍ୟଜିତ ମିଶ୍ର ସାମୁଦ୍ରିକ ଓ ଉପକୂଳ ସୁରକ୍ଷାର ପୋଲିସ ଏଆଇଜି ଭାବେ ଅବସ୍ଥାପିତ ହୋଇଛନ୍ତି।

### ଚନ୍ଦକାରେ..

ଅଧିକ - ସେମାନେ ଆମର ପରିଚୟ, ଇତିହାସ ଏବଂ ଆଧ୍ୟାତ୍ମିକତାର ଅଂଶ ଜାତୀୟ ଐତିହ୍ୟ ପ୍ରାଣୀ ଭାବରେ ହାତୀ ପ୍ରକୃତରେ ଆମ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ରଖେ। କୃଷିର ପ୍ରସାର ଏବଂ ଭିତ୍ତିଭୂମି ବିକାଶ ପାରମ୍ପରିକ ହାତୀ ବାସସ୍ଥାନକୁ ହ୍ରାସ କରୁଛି, ଯାହା ଫଳରେ ମଣିଷ-ହାତୀ ସଂଘର୍ଷ ବୃଦ୍ଧି ପାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ବାସସ୍ଥାନ କ୍ଷତି ଯୋଗୁଁ ବଢ଼ୁଥିବା ସଂଘର୍ଷ ଉପରେ ଚିନ୍ତା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ହାତୀ କରିଡର ମ୍ୟାପିଂ, ଅବକ୍ଷୟିତ ଜଙ୍ଗଲ ପୁନରୁଦ୍ଧାର, ଗଜ ସାଥୀ ଏବଂ ବନ ସୁରକ୍ଷା ସମିତି ମାଧ୍ୟମରେ ସ୍ଥାନୀୟ ସୁରକ୍ଷା ଗୋଷ୍ଠୀକୁ ସଶକ୍ତ କରିବା, ଶିକାର ବିରୋଧୀ ସ୍କ୍ୱାଡ୍ କୁ ସୁଦୃଢ଼ କରିବା ଏବଂ ହାତୀ ଗତିବିଧି ଟ୍ରାକିଂ କରିବା ପାଇଁ କଲାର, ଡ୍ରୋନ୍ ଏବଂ କ୍ୟାମେରା ବ୍ୟବହାର କରିବା ସମେତ ଓଡ଼ିଶାର ପଦକ୍ଷେପଗୁଡ଼ିକୁ ମଧ୍ୟ ଉଲ୍ଲେଖ କରିଛନ୍ତି ସେ ସମ୍ପ୍ରଦାୟକୁ ସୁରକ୍ଷା ଦେବା ସହିତ ହାତୀମାନଙ୍କୁ ସୁରକ୍ଷା ଦେଇ ଏହି ଚ୍ୟାଲେଞ୍ଜକୁ ପରିଚାଳନା କରିବା ପାଇଁ ଓଡ଼ିଶାର ବ୍ୟାପକ ଆଭିମୁଖ୍ୟ ଉପରେ ମଧ୍ୟ ଆଲୋକପାତ କରିଥିଲେ।

ଓଡ଼ିଶାର ପ୍ରତିବଦ୍ଧତାକୁ ପୁନଃ ଦୃଢ଼ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମର ଦୃଷ୍ଟିକୋଣ ହେଉଛି ଓଡ଼ିଶା ପାଇଁ ଏକ ବିକାଶ ମଡେଲ୍ ସୃଷ୍ଟି କରିବା ଯେଉଁଠାରେ ହାତୀମାନେ ମୁକ୍ତ ଭାବରେ ବିଚରଣ କରନ୍ତି, ଆମର ଜଙ୍ଗଲ ସୁସ୍ଥ ରହେ ଏବଂ ସମ୍ପ୍ରଦାୟଗୁଡ଼ିକ ପ୍ରାଣୀମାନଙ୍କ ସହିତ ଶାନ୍ତିରେ ସହାବସ୍ଥାନ କରନ୍ତି ଏହି ମଡେଲ୍ ବିଶ୍ୱର ଅନ୍ୟ ଦେଶକୁ ପ୍ରେରଣା ଦେବ, ସେ ବିଶ୍ୱାସ ପ୍ରକାଶ କରିଛନ୍ତି।

କର୍ମଶାଳା ମାନବ-ହାତୀ ସଂଘର୍ଷ ହ୍ରାସ ଏବଂ ସ୍ଥାୟୀ ସହାବସ୍ଥାନ ସୁନିଶ୍ଚିତ କରିବା ପାଇଁ ରଣନୀତି ଉପରେ ଆଲୋଚନା କରିବା ପାଇଁ ସଂରକ୍ଷଣବାଦୀ, ଗବେଷକ, ନୀତି ନିର୍ଦ୍ଧାରକ ଏବଂ ଅନ୍ତର୍ଜାତୀୟ ପ୍ରତିନିଧିମାନଙ୍କୁ ଏକତ୍ରିତ କରିଥିଲା।

ଏହି କର୍ମଶାଳା କେବଳ ଏକ ଆଲୋଚନା ନଥିଲା, ବରଂ ଏକ ସମନ୍ୱିତ ବିଶ୍ୱ ଆନ୍ଦୋଳନର ଆରମ୍ଭ ଥିଲା ଯେଉଁଠାରେ ଓଡ଼ିଶା ଆଗରୁ ନେତୃ ନେଉଛି ଚ୍ୟାଲେଞ୍ଜର ତୀବ୍ରତା କେବଳ ଆମର ସାମୂହିକ ସଂକଳ୍ପ ଦ୍ୱାରା ମେଳ ଖାଉଛି। ଆମେ କେବଳ ସଂଘର୍ଷ ପରିଚାଳନା କରିବାଠାରୁ ଆଗକୁ ଯାଇ ସହାବସ୍ଥାନ ପାଇଁ ସକ୍ରିୟ ଭାବରେ ପଥ ନିର୍ମାଣ କରିଛୁ ମୁଖ୍ୟ କଥା ସ୍ପଷ୍ଟ: ହାତୀର ଭବିଷ୍ୟତ ସେମାନଙ୍କ ସହିତ ବାସ କରୁଥିବା ସମ୍ପ୍ରଦାୟର କଲ୍ୟାଣ ଏବଂ ସମୃଦ୍ଧି ସହିତ ଅବିଚ୍ଛେଦ୍ୟ ଭାବରେ ଜଡିତ, ସେ ଆହୁରି ମଧ୍ୟ କହିଛନ୍ତି।

ଏହି ଅବସରରେ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ। ଓଡ଼ିଶାର ବିକାଶକୁ ସୁରକ୍ଷା-କେନ୍ଦ୍ରିକ ଦୃଷ୍ଟିକୋଣରୁ ବାସସ୍ଥାନ କ୍ଷତିରୁ ସୃଷ୍ଟି ହେଉଥିବା ନକାରାତ୍ମକ ଅନ୍ତର୍କ୍ରିୟାକୁ ପରିଚାଳନା କରିବା ପାଇଁ ଏକ ସାମଗ୍ରିକ ସହାବସ୍ଥାନ ଦର୍ଶନ ଆଡ଼କୁ ରୂପରେଖା ଦେଇଥିଲେ ପ୍ରମୁଖ ରଣନୀତି ମଧ୍ୟରେ ବାସସ୍ଥାନ ପୁନରୁଦ୍ଧାର, ବିଭିନ୍ନ ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ଅନ୍ତର୍ଭୁକ୍ତ।

ପୂର୍ବରୁ, ଅଧିବେଶନଟି ବିଶିଷ୍ଟ ବକ୍ତାମାନଙ୍କ ଦ୍ୱାରା ଅଭିଭାଷଣ ଦ୍ୱାରା ସ୍ଥିର ହୋଇଥିଲା ପି. କେ. ଝା, ପିସିସିଏଫ୍ (ବନ୍ୟପ୍ରାଣୀ), ଓଡ଼ିଶା ସ୍ୱାଗତ ଭାଷଣ ଦେଇଥିଲେ, ଯେତେବେଳେ ଆଇୟୁସିଏନ ପ୍ରଜାତି ସର୍ବାଇଭାର ଉପାଧ୍ୟକ୍ଷ ଶ୍ରୀମତୀ ହାଇଡି ରିଡଲ, ସହଯୋଗପୂର୍ଣ୍ଣ ବିଶ୍ ପ୍ରୟାସର ଗୁରୁ ଉପରେ ଆଲୋକପାତ କରିଥିଲେ ସୁରେଶ ପନ୍ତ, ପିସିସିଏଫ୍ ଏବଂ ହୋଏଫ୍ଏଫ୍, ଓଡ଼ିଶା, ହାତୀ ସଂରକ୍ଷଣରେ ରାଜ୍ୟସ୍ତରୀୟ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ କଲମ୍ବସ୍ ଚିଡ଼ିଆଖାନାର ପ୍ରାଣୀ ଯତ୍ନର ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଆଡାମ ଫେଲ୍ସ ସର୍ବୋତ୍ତମ ଅଭ୍ୟାସ ଉପରେ ଅନ୍ତର୍ଜାତୀୟ ଦୃଷ୍ଟିକୋଣ ବାଣ୍ଟିଥିଲେ। ଏହି ଅବସରରେ, ମୁଖ୍ୟମନ୍ତ୍ରୀ ହାତୀ ସଂରକ୍ଷଣରେ ଓଡ଼ିଶାର ପ୍ରୟାସକୁ ପ୍ରଦର୍ଶିତ କରୁଥିବା ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ ସହିତ ଏକ କଫି ଟେବୁଲ୍ ପୁସ୍ତକ, ଗ୍ରନ୍ଥସୂଚୀ ଏବଂ ବ୍ରୋଶର ଉନ୍ମୋଚନ କରିଥିଲେ ଡକ୍ଟର ମନୋଜ ଭି ନାୟାର, (ବନ୍ୟପ୍ରାଣୀ) ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ।

ଦୁଇଦିନିଆ। କର୍ମଶାଳାରେ ଶାନ୍ତିପୂର୍ଣ୍ଣ ମାନବ-ହାତୀ ସହ-ସମର୍ଥନ ପାଇଁ ସ୍ଥାୟୀ ରଣନୀତି ବିକଶିତ କରିବା ପାଇଁ ବିଶ୍ୱର ବିଶେଷଜ୍ଞମାନଙ୍କ ମଧ୍ୟରେ ବୈଷୟିକ ଅଧିବେଶନ, ଆଲୋଚନା ଏବଂ ଅଭିଜ୍ଞତା ବାଣ୍ଟିବା ଦେଖାଯିବ।

### ସ୍ୱତନ୍ତ୍ର...

ମିଡିଆରେ ଘୁରି ବୁଲିଥିବା ଅଭିଯୋଗ ହୋଇଥିଲା। ଏହା ପରେ ବୋର୍ଡ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଥିବା କଥା କୁହାଯାଉଥିଲା। ଗତ ୧ ତାରିଖ ଦିନ ବୋର୍ଡ ପକ୍ଷରୁ କୁହାଯାଇଥିଲା ଯେ, ଆସନ୍ତା ୩୧ ତାରିଖ ଦିନ ସ୍ପେଶାଲ ଓଟିଇଟି ପରୀକ୍ଷା ଦୁଇଟି ସିଟିଂରେ କରାଯିବ। ପ୍ରଥମ ସିଟିଂ ସକାଳ ୯ଟାରୁ ସାଢେ ୧୧ଟା ଯାଏ ପେପର୍-୧ ପରୀକ୍ଷା ହେବ। ଏପରିକି ପୂର୍ବାହ୍ନ ୨ଟାରୁ ସାଢେ ୪ଟା ଯାଏ ପେପର୍-୨ ପରୀକ୍ଷା ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଥିଲା। ଅଗଷ୍ଟ ୨୨ରୁ ୱେବସାଇଟ୍‌ରେ ପରୀକ୍ଷାର୍ଥୀ ନିଜ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ।

### କେନ୍ଦୁଝର...

ଡ. ଫକୀର ନାୟକ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ପ୍ରତ୍ୟୁତ୍ତରରେ ଧନ୍ୟବାଦ ଦେଇ କହିଥିଲେ ଯେ, ଖଣିବହୁଳ କେନ୍ଦୁଝର ଜିଲ୍ଲା ସମୃଦ୍ଧ ହେଲେ ଓଡ଼ିଶା ସମୃଦ୍ଧ ହେବ। ଇସ୍ପାତ କାରଖାନା ଦାବୀ ଜିଲ୍ଲାବାସୀଙ୍କର ସବୁଠୁ ପୁରୁଣା ଓ ବଡ଼ ଦାବୀ ଥିଲା। ପୂର୍ବରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦେଶର ଖଣିବହୁଳ ରାଜ୍ୟରେ ଚାରୋଟି ମେଗା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ଘୋଷଣା କରିଥିଲେ। ତିନୋଟି ଇସ୍ପାତ କାରଖାନା ପ୍ରତିଷ୍ଠା ସରିଛି। କିନ୍ତୁ ଇଚ୍ଛାଶକ୍ତିର ଅଭାବରୁ ଓଡ଼ିଶା ଏଥିରୁ ବଞ୍ଚିତ ଥିଲା। ଡବଲ ଇଞ୍ଜିନ ସରକାରଙ୍କ ଯୋଗୁଁ ଆଜି ବିଶ୍ୱର ବୃହତ ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ପକ୍ଷରୁ ଏହା ସ୍ଥାପନ ହେବାକୁ ଯାଉଛି। ଏହି ଇସ୍ପାତ କାରଖାନା କେନ୍ଦୁଝର ଜିଲ୍ଲା ଓ ସମୃଦ୍ଧ ଓଡ଼ିଶାର ଭବିଷ୍ୟତ ନିର୍ମାଣ କରିବ। ଆଗାମୀ ଦିନରେ ପାଟଣା ଅଞ୍ଚଳ ମଧ୍ୟ ରାଉରକେଲା ଭଳି ଏକ ଅତ୍ୟାଧୁନିକ ସହରରେ ପରିଣତ ହେବ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଡବଲ ଇଞ୍ଜିନ ସରକାରରେ କେବଳ କେନ୍ଦୁଝରରେ ନୁହେଁ ସମଗ୍ର ଓଡ଼ିଶାରେ ବ୍ୟାପକ ଶିଳ୍ପାୟନ ହେବ। ଓଡ଼ିଶା ପାଇଁ ଅନେକ ବଡ ବଡ ପ୍ରକଳ୍ପ କେନ୍ଦ୍ର ସରକାର ମଞ୍ଜୁର କରୁଛନ୍ତି।

ଶେଷରେ ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥ, ମା ତାରିଣୀ ଏବଂ ପ୍ରଭୁ ବଳଦେବ ଜୀଉଙ୍କ ଆଶୀର୍ବାଦରୁ ଆଜି ଜିଲ୍ଲାରେ ବୃହତ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଏହା ମାଧ୍ୟମରେ କେନ୍ଦୁଝର ଜିଲ୍ଲା ସହିତ ସମଗ୍ର ରାଜ୍ୟର ବିକାଶ ହେବ। ତେଣୁ ଏଥିପାଇଁ ଜିଲ୍ଲାବାସୀ ବିଶେଷକରି, ପାଟଣା ଅଞ୍ଚଳବାସୀ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ।

# ଦଶହରା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ଜାରି

**କଟକ,୨୧।୮ (ସ୍ୱାଧିକାର ନ୍ୟୁଜ) :** ଆସନ୍ତା ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ଓଡ଼ିଶା ହାଇକୋର୍ଟ ମେଢ଼, ତୋରଣ ଓ ବାଦ୍ୟଯନ୍ତ୍ର ଉପରେ ଏକ ଏସ୍‌ଓପି ଜାରି କରି କଡା ନିର୍ଦ୍ଦେଶଦେଇଛନ୍ତି। ମାନ୍ୟବର ହାଇକୋର୍ଟ ଏହି ପ୍ରସଙ୍ଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଦେଇ କହିଛନ୍ତି ଯେ, ଦୁର୍ଗାପୂଜା ପାଇଁ ସୁଉଚ୍ଚ ତୋରଣ ଉପରେ ହାଇକୋର୍ଟଙ୍କ କଟକଣା ଲଗାଇଛନ୍ତି। ସୁରକ୍ଷାକୁ ଦୃଷ୍ଟିରେ ରଖି କୌଣସି ମେଢ଼ ନିକଟରେ ଇଲେକ୍ଟ୍ରିକ ଗେଟ୍ ନିର୍ମାଣ କରାଯାଇ ପାରିବ ନାହିଁ। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗେଟ୍ ନିର୍ମାଣ କରିବାକୁ ପୂଜା କମିଟିକୁ ଅନୁମତି ଦିଆଯିବ। ଏପରିକି ୬୫ ଡେସିବଲ ସାଉଣ୍ଡ ମଧ୍ୟରେ ଡିଜେ ବଜାଇବା ପାଇଁ ହାଇକୋର୍ଟ ଅନୁମତି ଦେବା ସହିତ ଏହା ଠାରୁ ଅଧିକ ଡେସିବଲର ଡିଜେ ବାଜିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।



ଆଜି ଜଷ୍ଟିସ ସଙ୍ଗମ କୁମାର ସାହୁ ଏବଂ ଜଷ୍ଟିସ ଭି ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ପାର୍ବଣ ସମୟରେ ଉପୁଜୁଥିବା ସମସ୍ୟାକୁ ଆଖି ଆଗରେ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ତୋରଣଗୁଡ଼ିକର ଉଚ୍ଚତା ଓ ସୁରକ୍ଷାକୁ ନେଇ ଜିଲାପାଳ ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ପୂଜାରେ ତୋରଣ ଏବଂ ସୁରକ୍ଷା ସମ୍ପର୍କିତ ଅନୁମତି ପାଇଁ ସିଂଗଲ ୱିଣ୍ଡୋ ବ୍ୟବସ୍ଥା ହେବ। ଲେଜର ଲାଇଟକୁ ମଧ୍ୟ କୋର୍ଟ ବାରଣ କରିଛନ୍ତି। ତୋରଣ ନିର୍ମାଣ ପୂର୍ବରୁ ପୂଜା କମିଟିଙ୍କଠାରୁ ତୋରଣର ଡ୍ରଇଂ ମାଗିବାକୁ କୋର୍ଟ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପୂଜା କମିଟି ପ୍ରସ୍ତୁତି ବୈଠକରେ ଏହି ସବୁ କଥା ଉପସ୍ଥାପିତ କରିବେ ବୋଲି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଏହାବ୍ୟତୀତ ପୂଜାରେ ଶବ୍ଦ ପ୍ରଦୂଷଣ ନେଇ ଚିନ୍ତାପ୍ରକଟ କରିଛନ୍ତି କୋର୍ଟ। ଏହାସହ ପାର୍ବଣ ଆସୁଥିବା ହେତୁ ସହର ରାସ୍ତାଘାଟର ସମସ୍ୟା ନେଇ ବିରକ୍ତି ପ୍ରକାଶ କରିଛନ୍ତି କୋର୍ଟ। ପାର୍ବଣ ସମୟରେ ସ୍ୱଚ୍ଛ ପିଇବା ପାଣି ଯୋଗାଇବା ପାଇଁ ୱାଟକୋକୁ ନିର୍ଦ୍ଦେଶ ଦିଆଯାଇଛି। ପାର୍ବଣ ସମୟରେ ବିଷାକ୍ତ ଖାଦ୍ୟ ବିକ୍ରି ଉପରେ ନଜର ରଖିବାକୁ ସିଏମସିକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଯୋର ଜବରଦସ୍ତ ପୂଜା ଚାନ୍ଦାକୁ ଆଦାୟ ଦିଗରେ ଜିରୋ ଟଲେରାନ୍ସ ନୀତି ଆପଣାଇବା ପାଇଁ ଡିସିପିଙ୍କୁ ନିର୍ଦ୍ଦେଶ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

## ପର୍ଯ୍ୟଟନ ବିକାଶ ନିମନ୍ତେ ୩ ବୁଝାମଣାପତ୍ର ସ୍ୱାକ୍ଷରିତ

# ଓଡ଼ିଶାର ଐତିହ୍ୟ ଓ ପର୍ଯ୍ୟଟନ ବିଶ୍ୱସ୍ତରରେ ପହଞ୍ଚିବ : ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୧।୮ (ସ୍ୱାଧିକାର ନ୍ୟୁଜ):** ଓଡ଼ିଶାର ଐତିହ୍ୟକୁ ପୁନର୍ଜିବିତ କରିବା ଓ ପର୍ଯ୍ୟଟନର ବିବିଧତାରକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଉଦ୍ୟମ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ, ମାଡ୍ରାସ (ଆଇଆଇଟି-ଏମ୍), ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟ୍ସ, ଗୋଆ। ଏବଂ ଲାଇଟ୍ ଅଫ୍ ବୁଦ୍ଧଧର୍ମ ଫାଉଣ୍ଡେସନ୍ ଇଣ୍ଟରନ୍ୟାସନାଲ୍ ମଧ୍ୟରେ ଚୁକ୍ତିନାମା ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

ଆଜି ଲୋକସେବା ଭବନରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱାକ୍ଷରିତ ହୋଇଥିବା ତିନୋଟି ବୁଝାମଣାପତ୍ର ଓଡ଼ିଶାର ପର୍ଯ୍ୟଟନର ବିକାଶରେ ଯୋଡ଼ି ହୋଇଥିବା ଏହି ନୂତନ ଫର୍ଦ୍ଦ ଯୋଡିବ ବୋଲି ସେମାନେ ମତ ଦେଇଥଲେ।

ଉପମୁଖ୍ୟମନ୍ତ୍ରୀ ଶ୍ରମତୀ ପରିଡ଼ା କହିଥିଲେ ଯେ ଏହି ବୁଝାମଣାପତ୍ର ସାରା ବିଶ୍ୱରେ ଏହାର ପ୍ରଭାବ ପକାଇବ। ଏଥିସହ ଯେଉଁ ପ୍ରକଳ୍ପ ଗୁଡିକ ହାତକୁ ନିଆଯିବ ତାହା ମିଶନ ମୋଡରେ କାର୍ଯ୍ୟକାରୀ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।




ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୌଦ୍ଧ ପର୍ଯ୍ୟଟନ ପଦକ୍ଷେପକୁ ଏକ ଐତିହାସିକ ସହଭାଗୀତା ଭାବରେ ବର୍ଣ୍ଣନା କରିଛନ୍ତି, ଯାହା ଓଡ଼ିଶାର ଅତୁଳନୀୟ ସାଂସ୍କୃତିକ ଐତିହ୍ୟକୁ ପୁନର୍ଜୀବିତ ଏବଂ ପ୍ରୋତ୍ସାହିତ କରିବ। ମୁଖ୍ୟ ଶାସନ ସଚିବ ଓଡ଼ିଶା ଭିଜନ ୨୦୩୬ ରେ ପର୍ଯ୍ୟଟନର ଭୂମିକା ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ ପର୍ଯ୍ୟଟନ କେବଳ ଆର୍ଥିକ ବିକାଶରେ ଯୋଗଦାନ ଦେଉନାହିଁ ବରଂ ସଂସ୍କୃତିକୁ ସଂରକ୍ଷଣ ଏବଂ ଜୀବିକା ସୃଷ୍ଟି କରିବାରେ ମଧ୍ୟ ସାହାଯ୍ୟ କରୁଛି।

କାର୍ଯ୍ୟକ୍ରମରେ ବିଭିନ୍ନ ସଂଗଠନର ୨୦ ରୁ ଅଧିକ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ଆଇଆଇଟି ମାଡ୍ରାସ ସହିତ ହୋଇଥିବା ବୁଝାମଣାପତ୍ର ଅନୁଯାୟୀ, ଓଡ଼ିଶା ଐତିହ୍ୟ ସ୍ମାରକୀଗୁଡ଼ିକର ସାଇଣ୍ଟିଫିକ୍ ଷ୍ଟ୍ରକ୍‌ଚରାଲ୍ ଅଡ଼ିଟ୍ ଓ ସଂରକ୍ଷଣ ନିମନ୍ତେ ଉନ୍ନତ ବୈଜ୍ଞାନିକ କୌଶଳ ବ୍ୟବହାର କରାଯିବ। ଏହି ସହଯୋଗରେ ବିସ୍ତୃତ ଡକ୍ୟୁମେଣ୍ଟେସନ୍, ସାମଗ୍ରୀ ପରୀକ୍ଷଣ, ଭୂ-ବୈଷୟିକ ତଦନ୍ତ ଓ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ଅନ୍ତର୍ଭୁକ୍ତ ହେବ। ଏଥିରେ ସ୍ଥାୟୀ ପୁନଃବ୍ୟବହାର ଯୋଜନା ଓ ପ୍ରକଳ୍ପ ପରିଚାଳନା ପରାମର୍ଶ ସହାୟତା ମଧ୍ୟ ଅନ୍ତର୍ଭୁକ୍ତ, ଯାହାର ଲକ୍ଷ୍ୟ ଓଡ଼ିଶାର ଐତିହାସିକ ସ୍ଥାନଗୁଡ଼ିକର ଦୀର୍ଘକାଳୀନ ସଂରକ୍ଷଣ ସୁନିଶ୍ଚିତ କରିବା। ଏହି ବୁଝାମଣାପତ୍ର ଓଡ଼ିଶାର ଅମୂଲ୍ୟ ଐତିହ୍ୟ ସମ୍ପତ୍ତିଗୁଡ଼ିକୁ ସଂରକ୍ଷଣ ଏବଂ ପୁନରୁଦ୍ଧାର କରିବା ଉପରେ ଧ୍ୟାନ ଦେବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ଦ୍ୱିତୀୟରେ ଓଡ଼ିଶାରେ ଜଳଭିତ୍ତିକ ଦୁଃସାହସିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟ୍ସ, ଗୋଆ। ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି ପର୍ଯ୍ୟଟନ ବିଭାଗ ।ଏହି ବୁଝାମଣାପତ୍ର ଅଧୀନରେ ଘଓଡଝ ଅନ୍ତର୍ଜାତୀୟ ମାନଦଣ୍ଡ ସହିତ ବୈଷୟିକ ବିଶେଷଜ୍ଞତା ପ୍ରଦାନ କରିବ, ସୁରକ୍ଷା ଅଡିଟ୍ କରିବ। ଏଥିସହ ଅପରେଟର, ଲାଇଫଗାର୍ଡ ଓ ଦୁଃସାହସିକ ଖେଳାଳୀମାନଙ୍କୁ ପ୍ରଶିକ୍ଷଣ ଦେବ। ଓଡ଼ିଶାରେ ଜଳଭିତ୍ତିକ ଦୁଃସାହସିକ ପର୍ଯ୍ୟଟନରେ ଏହା ଏକ ନୂତନ ଫର୍ଦ୍ଦ ଯୋଡିଥିବା କହିଛନ୍ତି ଉପମୁଖ୍ୟମନ୍ତ୍ରୀ।

ତୃତୀୟତଃ, ପର୍ଯ୍ୟଟନ ବିଭାଗ, ଓଡ଼ିଆ। ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଏବଂ ଲାଇଟ୍ ଅଫ୍ ବୁଦ୍ଧଧର୍ମ ଫାଉଣ୍ଡେସନ୍ ଇଣ୍ଟରନ୍ୟାସନାଲ୍ (ଖଈଊରଓ) ମିଳିତ ଭାବେ ବୌଦ୍ଧ ତୀର୍ଥ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବେ। ଏହି ସହଭାଗିତ ଦ୍ୱାରା ବାର୍ଷିକ ବୌଦ୍ଧ ପ୍ରାର୍ଥନା ସମାରୋହ ଆୟୋଜନ, ପରିଦର୍ଶକଙ୍କ ସୁବିଧାର ବିକାଶ, ପବିତ୍ର ସ୍ଥାନଗୁଡ଼ିକର ସୌନ୍ଦର୍ଯ୍ୟକରଣ, ଗୁରୁ ପଦ୍ମସମ୍ଭବଙ୍କ ଜୀବନୀ ଓ ଆଦର୍ଶର ସଂରକ୍ଷଣ ଉପରେ ଧ୍ୟାନ ଦିଆଯିବ ଃ ଏହି ବୁଝାମଣାପତ୍ର ଦ୍ୱାରା ଓଡ଼ିଶାର ବୌଦ୍ଧ ଐତିହ୍ୟକୁ ଗ୍ଲୋବାଲ ପିଲିଗ୍ରିମେଜ ସର୍କିଟ୍ ସହିତ ସଂଯୋଗ କରିବା ଏବଂ ଆଧାର୍ମିକ, ସାଂସ୍କୃତିକ ପର୍ଯ୍ୟଟନର କେନ୍ଦ୍ର ଭାବରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବାକୁ ଆଶା ରଖିଛୁ ବୋଲି ମତବ୍ୟକ୍ତ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ।

# ପୋଖରୀରେ ବୁଡ଼ି ମା’- ଝିଅ ମୃତ

**ଲମତାପୁଟ,୨୧।୮ (ସ୍ୱାଧିକାର ନ୍ୟୁଜ) :** ଗାଧୋଇବା ବେଳେ ପୋଖରୀରେ ବୁଡି ମା’ ଝିଅ ମୃତ । ଏଭଳି ଦୁଃଖଦ ଘଟଣା ଘଟିଛି ଲମତାପୁଟ ବ୍ଲକ କୁମାରଗନ୍ଧନା ପଞ୍ଚାୟତ ବାଲିଅ। ଗାଁରେ। ମୃତକମାନେ ହେଲେ ନନ୍ଦପୁର ବ୍ଲକ ଅରଗଣ୍ଡା ଗାଁର ନମିତା ମାଝୀ ଓ ଝିଅ ସୁମିତ୍ରା ମାଝୀ।

ନମିତା ନିଜ ଝିଅ ସୁମିତ୍ରାଙ୍କ ସହ ବାପା ଘର ବାଲିଅ। ଗାଁକୁ ବୁଲିବା ପାଇଁ ଆସିଥିଲେୟ ଘରେ କାମ ସାରି ଗାଁ ପୋଖରୀକୁ ଗାଧୋଇବା ପାଇଁ ଉଭୟ ମା’ ଓ ଝିଅ ଯାଇଥିଲେ। ଏହି ସମୟରେ ଝିଅ ପୋଖରୀରେ ବୁଡି ଯାଉ ଥିବା ଦେଖି ମା’ ଝିଅକୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ନିଜେ ମଧ୍ୟ ପୋଖରୀରେ ବୁଡି ଆଉ ବାହାରି ପାରି ନଥିଲେ। ଗାଁ ଲୋକେ ସଙ୍ଗେ ସଙ୍ଗେ ଘଟଣା ସମ୍ପର୍କରେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉଭୟ ମା’ ଝିଅଙ୍କ ମୃତଦେହ ଉଦ୍ଧାର କରିଥିଲେ। ନନ୍ଦପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି। ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

# ‘ବିକଶିତ ଭାରତ ଓ ବିକଶିତ ଓଡ଼ିଶା’ ଲକ୍ଷ୍ୟ ନେଇ କାର୍ଯ୍ୟ କର : ମୁଖ୍ୟ ସଚିବ



**ଭୁବନେଶ୍ୱର, ୨୧।୮ (ସ୍ୱାଧିକାର ନ୍ୟୁଜ):** ବିକଶିତ ଓଡିଶା ବିକଶିତ ଭାରତ ଭିଜନ ୨୦୩୬ ଓ ୨୦୪୭ ସଫଳ କରିବା ପାଇଁ ମାନସିକତା ନେଇ ସମୟ ଭିତ୍ତିକ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ବିଭାଗୀୟ ଅଫିସର ମାନଙ୍କୁ ପରାମର୍ଶ ଦେଇଛନ୍ତି।

ଏହି ଉପଲକ୍ଷେ ଆଜି ଲୋକସେବା ଭବନ ଠାରେ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଓଡ଼ିଶାଙ୍କ ଷ୍ଟ୍ରାଟେଜିକ୍ ସପୋର୍ଟ ୟୁନିଟ୍ ର ମିଳିତ ସହଯୋଗରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସଚିବ, ଅତିରିକ୍ତ ସଚିବ ପ୍ରମୁଖ ଉଚ୍ଚସ୍ତରୀୟ ଅଫିସର ମାନେ ଯୋଗ ଦେଇଥିଲେ। ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ବିକଶିତ ଓଡିଶା-ଭିଜନ ୨୦୩୬ ଓ ୨୦୪୭ ର କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରେ କେପିଆଇ ଫ୍ରେମୱାର୍କତିଆରି କରିବା ଆବଶ୍ୟକ।

ଶ୍ରୀ ଆହୁଜା ଏହି କର୍ମଶାଳାକୁ ଉଦ୍‌ଘାଟନ କରି କହିଥିଲେ ଯେ, ‘ଓଡ଼ିଶା ଭିଜନ’ ରାଜ୍ୟ ପାଇଁ ଏକ ମହତ୍ୱାକାଂକ୍ଷୀ ଏବଂ ରୂପାନ୍ତରଣାତ୍ମକ ରୋଡମ୍ୟାପ୍ ପ୍ରଦାନ କରିଛି। ଏହି ଭିଜନଡକ୍ୟୁମେଣ୍ଟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଉନ୍ମୋଚନ ହୋଇ ଯାଇଛି।

ଏହି ଲକ୍ଷ୍ୟ ସାକାର କରିବାକୁ ହେଲେ ପ୍ରତି ବିଭାଗମାନେ ଚିରାଚରିତ କାର୍ଯ୍ୟ ଧାରାରୁ ଆଗକୁ ଯାଇ ଅଭିବୃଦ୍ଧି ମନୋଭାବ ଓ ପାରସ୍ପରିକ ବୁଝାମଣା ସହିତ ଦୃଢ ମନୋବଳର ସହିତ କାର୍ଯ୍ୟ କରିବା ନିହାତି ଜରୁରୀ। ମୁଖ୍ୟମନ୍ତ୍ରୀଙ୍କ ଡ୍ୟାସବୋର୍ଡ’ ପ୍ରସ୍ତୁତ ହେବାକୁ ଯାଉଛି । ଯାହାବିକଶିତ ଓଡିଶା, ବିକଶିତ ଭାରତ ଭିଜନ ଡକ୍ୟୁମେଣ୍ଟରେ ଥିବା ପ୍ରମୁଖ ଲକ୍ଷ୍ୟଗୁଡ଼ିକୁ ଟ୍ରାକକରିବାରେ ମୂଳଆଧାର ହେବ। ସେ ପ୍ରକାଶ କରିଛନ୍ତି ଯେ , ଭିଜନର ସଫଳତା କେପିଆଇ ଗୁଡ଼ିକର ଗୁଣାତ୍ମକତା ଏବଂ ପ୍ରାସଙ୍ଗିକତା ଉପରେ ନିର୍ଭର କରିବ। ତେଣୁ, ଏକ ତ୍ରି-ସ୍ତରୀୟଶକ୍ତିଶାଳୀକେପିଆଇ ଫ୍ରେମୱାର୍କ ବିକାଶ ପାଇଁ ନେତୃତ୍ୱ, ବିଷୟ ଭିତ୍ତିକ ଦକ୍ଷତା, ଗଭୀର ଡୋମେନ୍ ଅନୁଭବର ଅତ୍ୟାବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଥିଲେ।

ତ୍ୱରିତ ନିଷ୍ପତ୍ତି ନେବାର ନେତୃତ୍ୱ ଏବଂ ପ୍ରାୟୋଗିକ ଇନପୁଟ୍ ସହଯୋଗ ସୁନିଶ୍ଚିତ କରିବା ପାଇଁ ଭିଜନ ଡକ୍ୟମେଣ୍ଟ ଲକ୍ଷ୍ୟ ଅନୁସାରେ ଉଲ୍ଲିଖିତ ପ୍ରତ୍ୟେକ ର୍ନିଦ୍ଦିଷ୍ଟ ବିଭାଗରୁ ତିନି-ସଦସ୍ୟ ବିଶିଷ୍ଟ ଦଳ ଗଠନ କରାଯାଇଛି। ଏହି ଦଳରେ ବିଭାଗୀୟ ସଚିବ, ବିକଶିତ ଓଡ଼ିଶା - ଭିଜନ ୨୦୩୬ ଓ ୨୦୪୭ପାଇଁ ନୋଡାଲ ଅଫିସର ଓ ପ୍ରାୟୋଗିକ- ବୈଷୟିକ ଦକ୍ଷତା ଯୋଗାଉଥିବା ଅନ୍ୟ ଜଣେ ଅଧିକାରୀ ଅନ୍ତର୍ଭୁକ୍ତ ରହିଛନ୍ତି। ଆଜିର କର୍ମଶାଳାରେ ସଂପୃକ୍ତ ଭିଜନ ଟିମ ମାନେ ପାରସ୍ପରିକ ଆଲୋଚନା ମାଧ୍ୟମରେ କେପିଆଇ ଫ୍ରେମ୍ ୱାର୍କ ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି କରିଛନ୍ତି, ଯାହାକି ଚୂଡ଼ାନ୍ତ ପରେ ଭିଜନ ଡକ୍ୟୁମେଣ୍ଟ ଡ୍ୟାସବୋର୍ଡରେ ପ୍ରଦର୍ଶିତ ହେବା ସଙ୍ଗେ ସଙ୍ଗେ କାର୍ଯ୍ୟ ଅଗ୍ରଗତି ସଂପର୍କରେ ନିୟମିତ ତଦାରଖ କରାଯାଇପାରିବ।

କର୍ମଶାଳାରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପ୍ରମଖ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢୀ, ପ୍ରମୁଖ ଶାସନ ସଚିବ ଉଷା ପାଢୀ, ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ଅନ୍ୟ ସଚିବମାନେ ଯୋଗଦେଇ ଭିଜନ ଡକ୍ୟୁମେଣ୍ଟ ଲକ୍ଷ୍ୟ ହାସଲ ପରିପ୍ରେକ୍ଷୀରେ ସଂପୃକ୍ତ ବିଭାଗୀୟ କାର୍ଯ୍ୟ ସଫଳତା ପ୍ରଦର୍ଶନ କରିବାରେ ମତ ଉପସ୍ଥାପନ କରିବା ସହିତ ବିଭିନ୍ନ ବିଭାଗୀୟ ସମନ୍ୱୟର ଗୁରୁତ୍ୱ ତଥା ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

## କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଭେଟିଲେ ରାଜସ୍ୱମନ୍ତ୍ରୀ

# ବାତ୍ୟା ମୁକାବିଲା ପାଇଁ ୧୦,୫୬୩ କୋଟିର ସ୍ମାରକପତ୍ର

**ଭୁବନେଶ୍ୱର,୨୧।୮ (ସ୍ୱାଧିକାର ନ୍ୟୁଜ) :** ରାଜ୍ୟରେ ପ୍ରାୟ ୮ଶହ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ ପାଇଁ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ମଧ୍ୟ ଏ ସମ୍ପର୍କରେ ସହମତି ପ୍ରକାଶ କରିଛନ୍ତି।



ଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ରାଜ୍ୟରେ ବାତ୍ୟା ବିପର୍ଯ୍ୟୟ ବିରୋଧି ଭିତ୍ତିଭୂମି ସୃଷ୍ଟି କରିବା ପାଇଁ ମୋଟ ୧୦,୫୬୩ କୋଟି ଟଙ୍କାର ଏକ ଦାବିପତ୍ର ଦେଇଛନ୍ତି। ଏଥିରେ ୫୦୦ଟି ବାତ୍ୟା ଆଶ୍ରୟସ୍ଥଳୀ ପାଇଁ ୨ ହଜାର କୋଟି ସହାୟତା ରାଶି ଦେବା, ବିପର୍ଯ୍ୟୟ ନିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ପାଇଁ ୮,୩୬୩ କୋଟି ଟଙ୍କାର ଦାବି ସହ ବିପର୍ଯ୍ୟୟ ମୁକାବିଲା ପାଇଁ ଆଗୁଆ। ସତର୍କ ସୂଚନା ବ୍ୟବସ୍ଥାର ଆଧୁନିକୀକରଣ ପାଇଁ ୨୦୦ କୋଟି ସହାୟତା ସେବା ପାଇଁ ସ୍ମାରକପତ୍ର ଦେଇଛନ୍ତି। ଏହା ବ୍ୟତିତ ସମୁଦ୍ର କୂଳ ଖାଉଥିବା ଅଞ୍ଚଳର ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ଯୋଜନାରେ ଅନୁଦାନ ଏବଂ ଜାତୀୟ, ଆନ୍ତର୍ଜାତୀୟ ସହଯୋଗ ଲୋଡି ସହାୟତା ମଧ୍ୟ ମାଗିଛନ୍ତି।

ମନ୍ତ୍ରୀ ପୂଜାରୀ କହିଛନ୍ତି ଯେ, ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳରେ ସ୍କୁଲଗୁଡ଼ିକ ନିକଟରେ ଏହି ଆଶ୍ରୟସ୍ଥଳୀଗୁଡ଼ିକ ନିର୍ମାଣ ହେବ। ଏଗୁଡ଼ିକ ବହୁମୁଖୀ ହେବ, ଯାହା ବିପର୍ଯ୍ୟୟ ସମୟରେ ଆଶ୍ରୟ ପ୍ରଦାନ କରିବ ଏବଂ ଅନ୍ୟ ସମୟରେ ସାମାଜିକ କାର୍ଯ୍ୟ ପାଇଁ ବ୍ୟବହୃତ ହେବ। ଏହାଦ୍ୱାରା ଆଶ୍ରୟସ୍ଥଳୀଗୁଡ଼ିକ ଅବହେଳିତ ଅବସ୍ଥାରେ ରହିବ ନାହିଁ। ଏହି ଯୋଜନା ରାଜ୍ୟର ବିପର୍ଯ୍ୟୟ ପରିଚାଳନା କ୍ଷମତାକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

# ସୋଆରେ ର୍‍ୟାଗିଂ ବିରୋଧୀ ସପ୍ତାହ ପାଳିତ

**ଭୁବନେଶ୍ୱର,୨୧।୮ (ସ୍ୱାଧିକାର ନ୍ୟୁଜ) :** ନିକଟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟରେ ର୍‍ୟାଗିଂ ବିରୋଧୀ ସପ୍ତାହ ପାଳନ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିଚାଳିତ ସମସ୍ତ ଶିକ୍ଷାନୁଷ୍ଠାନ ତଥା ବିଶ୍ୱବିଦ୍ୟାଳୟ ସ୍ତରରେ ଅଗଷ୍ଟ ୧୨ ରୁ ୧୮ ପର୍ଯ୍ୟନ୍ତ ଏହି ସପ୍ତାହ ପାଳନ କରାଯାଇଛି। ୧୨ରେ ବିଶ୍ୱବିଦ୍ୟାଳୟରେ ର୍‍ୟାଗିଂ ବିରୋଧୀ ଦିବସ ପାଳନ ସହିତ ଶପଥ ଗ୍ରହଣ ଉତ୍ସବ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସମ୍ବେଦନଶୀଳତା ବୃଦ୍ଧି ଓ ସଚେତନତା ସୃଷ୍ଟି ନିମନ୍ତେ କାର୍ଯ୍ୟକ୍ରମ କରାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନର ର୍‍ୟାଗିଂ ବିରୋଧୀ କମିଟି ଓ ହଷ୍ଟେଲ ଅଧୀକ୍ଷକମାନେ ଏହା ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ପୋଷ୍ଟର ତିଆରି, ସ୍ଲୋଗାନ୍ ଲେଖିବା, ନୁକଡ଼ ନାଟକ, ବିତର୍କ, କୁଇଜ, ପ୍ରବନ୍ଧ ଏବଂ ରଙ୍ଗୋଲି ଭଳି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହା ମଧ୍ୟ ଦେଇ ପରସ୍ପର ପ୍ରତି ସମ୍ମାନ ପ୍ରକାଶ ତଥା ମର୍ଯ୍ୟାଦାର ଗୁରୁତ୍ୱ ଏବଂ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଅନ୍ତର୍ଭୁକ୍ତତାକୁ ପ୍ରାଧାନ୍ୟ ଦିଆଯାଇଥିଲା। ଏହି ସପ୍ତାହର ପୁରସ୍କାର ବିତରଣୀ ଓ ସମ୍ବର୍ଦ୍ଧନା ଉତ୍ସବ ଅଗଷ୍ଟ ୧୮ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି, ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଡିନ୍ (ଛାତ୍ର ମଙ୍ଗଳ) ପ୍ରଫେସର ଜ୍ୟୋତି ରନ ଦାସ, ଅନ୍ୟାନ୍ୟ ଡିନ୍, ନିର୍ଦ୍ଦେଶକ, ଫ୍ୟାକଲ୍ଟି ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ର୍‍ୟାଗିଂ ବିରୁଦ୍ଧରେ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରି ପ୍ରଫେସର ନନ୍ଦ କହିଥିଲେ ଯେ ବିଶ୍ୱବିଦ୍ୟାଳୟ ର୍‍ୟାଗିଂକୁ ସଂପୂର୍ଣ୍ଣ ବିରୋଧ କରେ।

# ଆତ୍ମାହୁତି ଉଦ୍ୟମ ବେଳେ ମା’ ସହ ୩ ଝିଅ ଉଦ୍ଧାର

**ନିଶ୍ଚିନ୍ତକୋଇଲି ୨୧।୮ (ସ୍ୱାଧିକାର ନ୍ୟୁଜ) :** ସ୍ୱାମୀଙ୍କର ଅନ୍ୟ ଜଣେ ମହିଳାଙ୍କ ସହ ସଂପର୍କ ଥିବା ସନ୍ଦେହ କରି ସ୍ତ୍ରୀ କରିଛନ୍ତି ଆତ୍ମାହୁତି ଉଦ୍ୟମ। ନିଜ ସହିତ ନିଜର ୩ ନାବାଳିକା ଝିଅଙ୍କ ଦେହରେ କିରାସିନି ଢାଳି ସେ କରିଛନ୍ତି ଆତ୍ମାହୁତି ଉଦ୍ୟମ। ତେବେ ଠିକ୍ ସମୟରେ ଗ୍ରାମବାସୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ଘଟଣାଟି ଘଟିଛି କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ବାଲିଆପାଦ ଗାଁରେ।

ଆତ୍ମାହୁତି ଉଦ୍ୟମ କରିଥିବା ମହିଳା ଜଣଙ୍କ ଆଜି ସକାଳେ ତାଙ୍କର ତିନି ନାବାଳିକା ଝିଅଙ୍କୁ ସ୍କୁଟିରେ ବସାଇ ଅନ୍ୟ ଜଣେ ମହିଳାଙ୍କ ଘରକୁ ଯାଇଥିଲେ। ସେହି ମହିଳାଙ୍କ ସହିତ ତାଙ୍କ ସ୍ୱାମୀଙ୍କର ସଂପର୍କ ଥିବା ସେ ସନ୍ଦେହ କରୁଛନ୍ତି। ସେ ସେହି ମହିଳାଙ୍କ ସହିତ କଳିଝଗଡ଼ା କରିଥିଲେୟ ଏମିତିକି ସେମାନଙ୍କ ମଧ୍ୟରେ ମାରପିଟ ହୋଇଥିଲା ବୋଲି ବି କୁହାଯାଉଛି। ତା’ ପରେ ମହିଳା ଜଣଙ୍କ ନିଜ ଦେହରେ ଓ ୩ ଝିଅଙ୍କ ଦେହରେ କିରାସିନି ଢାଳିଥିଲେ ଆତ୍ମାହୁତି ଉଦ୍ଦେଶ୍ୟରେ। ତେବେ ଗାଁ ଲୋକେ ସେମାନଙ୍କୁ ବଞ୍ଚାଇ ଦେଇଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ପରକୀୟା ପ୍ରୀତି କଥାକୁ ନେଇ ଗତକାଲି ରାତିରେ ଏହି ମହିଳା ଓ ତାଙ୍କ ସ୍ୱାମୀଙ୍କ ମଧ୍ୟ ଝଗଡ଼ା ହୋଇଥିଲା। ସେହି ସମୟରେ ତାଙ୍କ ସ୍ୱାମୀ ତାଙ୍କୁ କିଛି କଡ଼ା କଥା କହିଥିଲେ। ଆଉ ତା’ପରେ ଆଜି ସକାଳେ ମହିଳା ଜଣଙ୍କ ଘଟାଇଥିଲେ ଏମିତି ଏକ କାଣ୍ଡ।

ସାଲେପୁର ଏସଡ଼ିପିଓ କହିଛନ୍ତି ଯେ ଯଦି କିଛି ପାରିବାରିକ ସମସ୍ୟା ଥିଲା, ତା’ହେଲେ ମହିଳା ଜଣଙ୍କ ଥାନା ଆସିପାରିଥା’ନ୍ତେ। ତାଙ୍କ ଅଭିଯୋଗ ଶୁଣିବା ପରେ ତାଙ୍କ ସ୍ୱାମୀଙ୍କୁ ଡାକି କାଉନସେଲିଂ କରାଯାଇଥାନ୍ତା। ସେଭଳି ନ କରି ଛୋଟ ଛୁଆଗୁଡ଼ିକୁ ଧରି ଆତ୍ମାହୁତି ଉଦ୍ୟମ କରିବା ଠିକ୍ ହୋଇନାହିଁ। ପୁଲିସ୍ ଉକ୍ତ ମହିଳା, ତାଙ୍କ ପରିବାର ଲୋକ ଓ ଯେଉଁ ମହିଳାଙ୍କ ସହିତ ତାଙ୍କ ସ୍ୱାମୀଙ୍କର ଆଫେୟାର ଚାଲିଛି ବୋଲି ଅଭିଯୋଗ ହୋଇଛି, ତାଙ୍କୁ ଡାକି ପୁଲିସ ବୁଝାସୁଝା କରିଥିବା ଜଣାପଡ଼ିଛି।

# ୮ ବର୍ଷର ବାଳକକୁ ଅପହରଣ

**ଭୁବନେଶ୍ୱର, ୨୧।୮ (ସ୍ୱାଧିକାର ନ୍ୟୁଜ) :** ଭୁବନେଶ୍ୱରର ଶୈଳଶ୍ରୀ ବିହାର ଅଞ୍ଚଳରେ ଆଜି ସନ୍ଧ୍ୟାରେ ଜଣେ ଆଠ ବର୍ଷର ବାଳକ ଟ୍ୟୁସନରୁ ଘରକୁ ଫେରୁଥିବା ବେଳେ ତାକୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପରିବାର ପକ୍ଷରୁ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ ପିଲାଟି ଟ୍ୟୁସନକୁ ଯାଇଥିଲା କିନ୍ତୁ ଠିକ୍ ସମୟରେ ଘରକୁ ଫେରିନଥିଲା। ଫଳରେ ପରିବାର ସଦସ୍ୟମାନେ ପିଲାଟିକୁ ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି କରିଥିଲେ। ଦୀର୍ଘ ସମୟ ଧରି ନ ପାଇବାରୁ ସେମାନେ ପୋଲିସ ସହିତ ଯୋଗାଯୋଗ କରିଥିଲେ ଏବଂ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରାଯାଇଥିଲା। ନିଖୋଜ ପିଲାଟିକୁ ଖୋଜିବା ପାଇଁ ଚନ୍ଦ୍ରଶେଖରପୁର ପୋଲିସର ଦୁଇଟି ସ୍ୱତନ୍ତ୍ର ଦଳ ଗଠନ କରାଯାଇଛି। ଏହି ଘଟଣା ଆବାସିକ ଅଞ୍ଚଳରେ ଘଟିଥିବାରୁ ପିଲାମାନଙ୍କ ସୁରକ୍ଷା ପ୍ରତି ଗମ୍ଭୀର ଚିନ୍ତା ସୃଷ୍ଟି କରିଛି। ସ୍ଥାନୀୟ ଲୋକମାନେ ସନ୍ଧ୍ୟା ସମୟରେ ପାଟ୍ରୋଲିଂ ବୃଦ୍ଧି କରିବାକୁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି।

# ଦୁର୍ଘଟଣାରେ ଦୁଇ ଛାତ୍ର ମୃତ

**ଭୁବନେଶ୍ୱର, ୨୧।୮ (ସ୍ୱାଧିକାର ନ୍ୟୁଜ) :** ରାଜଧାନୀରେ ବିଳମ୍ବିତ ରାତିରେ ଦୁର୍ଘଟଣାରେ ଦୁଇ ବୁଲେଟ ଆରୋହୀ ମୃତ ଘଟିଛି। ଭୁବନେଶ୍ୱର ରେଣ୍ଟାଲ କଲୋନୀ ଫାୟାର ଷ୍ଟେସନ ରୋଡରେ ମର୍ମନ୍ତୁଦ ଦୁର୍ଘଟଣା ହୋଇଛି। ଦୁଇ ଜଣ ବାଇକ ଆରୋହୀ ଭାରସାମ୍ୟ ହରାଇ ପ୍ରଥମେ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଯାଇଥିଲା । ପରେ ଗଛ ଓ କାରକୁ ଧକ୍କା ଦେଇଥିଲା। ଷ୍ଟୁଡିଓ ଛକରୁ ଫାୟର ଷ୍ଟେସନ୍ ଯିବା ବେଳେ କେ.ଭି. ୨ ପାଖରେ ଘଟିଛି ଦୁର୍ଘଟଣା। ଘଟଣା ସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଦେବୀ ପ୍ରସାଦ ପରିଡା ଏବଂ ଅନ୍ୱେସ ସତ୍ୟଦର୍ଶନ ଦାସ। ଉଭୟ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଛାତ୍ର ହୋଇଥିବା ସୂଚନା ମିଳିଛି ।

ସୂଚନା ଥାଉକି, ବିଳମ୍ବିତ ରାତିରେ ଦୁଇ ଜଣ ଯୁବକ ହାଇ ସ୍ପିଡରେ ବାଇକ ଚଳାଇ ଯାଉଥିଲେ। ଷ୍ଟୁଡିଓ ଛକରୁ ଫାୟର ଷ୍ଟେସନ୍ ଯିବା ବେଳେ କେ.ଭି. ୨ ଭାରସାମ୍ୟ ହରାଇଥିଲା ଗାଡି। ସେହି ସମୟରେ ଗାଡିର ବେଗ ଅଧିକ ଥିବାରୁ ଇଲେକ୍ଟ୍ରିକ୍ ପୋଲ, ଗଛ ଓ ପାର୍କିଂରେ ଥିବା କାର୍ ସହ ପିଟି ହୋଇଥିଲେ ୟ ଫଳରେ ଘଟଣା ସ୍ଥଳରେ ହିଁ ଦୁଇଜଣଙ୍କ ମୃତ୍ୟୁ ହୋଇଛି।

# ବଞ୍ଚିତ ଓ ପଛୁଆ ବର୍ଗଙ୍କ କଲ୍ୟାଣ ଆମର ପ୍ରାଥମିକତା : ଧର୍ମେନ୍ଦ୍ର

**ଆଲିଗଡ଼/ ଭୁବନେଶ୍ୱର, ୨୧।୮ (ସ୍ୱାଧିକାର ନ୍ୟୁଜ):** ସମାଜର ବଞ୍ଚିତ ଏବଂ ପଛୁଆ। ବର୍ଗଙ୍କ କଲ୍ୟାଣ ମୋଦୀ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତାରେ ରହିଛି। ସେମାନଙ୍କ ସର୍ବାଙ୍ଗୀନ ବିକାଶ ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଆମ ସରକାର ବିଶେଷ ପ୍ରାଧାନ୍ୟ ଦେଉଛନ୍ତି। ଉତ୍ତରପ୍ରଦେଶ ଆଲିଗଡ଼ ଠାରେ ଆଜି ଆୟୋଜିତ ତୃତୀୟ ’ହିନ୍ଦୁ ଗୌରବ ଦିବସ ସମାରୋହରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ରାଜସ୍ଥାନ ଏବଂ ହିମାଚଳ ପ୍ରଦେଶର ପୂର୍ବତନ ରାଜ୍ୟପାଳ, ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ପଦ୍ମ ବିଭୂଷଣ କଲ୍ୟାଣ ସିଂହ ‘ବାବୁଜୀ’ଙ୍କ ଚତୁର୍ଥ ପୁଣ୍ୟତିଥି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଶ୍ରଦ୍ଧାଞ୍ଜଳି ଦେବା ସହ କହିଛନ୍ତି ବାବୁଜୀଙ୍କ ଜୀବନ ଥିଲା ରାମମୟ। ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ରାମ ମନ୍ଦିର ର୍ନିମାଣ ପାଇଁ ସେ କ୍ଷଣିକରେ ନିଜର କ୍ଷମତାକୁ ତ୍ୟାଗ କରିଥିଲେ। ସେ କେବଳ ଜଣେ



ରାଜନେତା ନଥିଲେ, ବରଂ ସେ ଜଣେ ଯୋଗଜନ୍ମା ଏବଂ ଜୀବନ୍ତ ଅନୁଷ୍ଠାନ ମଧ୍ୟ ଥିଲେ। ରାମ ମନ୍ଦିର ଆନ୍ଦୋଳନରେ ତାଙ୍କର ଭୂମିକା କେବେ ବି ଭୁଲିହେବ ନାହିଁ। ବିଶେଷ ଭାବରେ ସେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଥିବା ସମୟରେ ୟୁପିକୁ ସୁଶାସନ ପଥରେ ଆଣିବା ତଥା ସବୁବେଳେ ଗରିବ, ବଞ୍ଚିତ, ଚାଷୀ, ଯୁବକ ଏବଂ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକଙ୍କ ପାଖରେ ଯୋଜନାର ଲାଭ ପହଞ୍ଚାଇବା ପାଇଁ ଅଭୂତପୂର୍ବ ପ୍ରୟାସ କରିଥିଲେ।

ବାବୁଜୀ ଭାରତୀୟ ଜନତା ପାର୍ଟିକୁ ଉତ୍ତର ପ୍ରଦେଶ ଜନଜାଗରଣ ସହ ଯୋଡ଼ି ସଂଗଠନକୁ ସୁଦୃଢ଼ କରିବା ଦିଗରେ ଏକ ଦୃଢ଼ ମୁଳଦୁଆ ପକାଇଥିଲେ, ଯେଉଁ ପରମ୍ପରାକୁ ଯୋଗୀ ଆଦିତ୍ୟନାଥ ଆଗେଇ ନେଉଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭବ୍ୟ ରାମ ମନ୍ଦିର ନିର୍ମାଣ କରି ପୂଜ୍ୟ ବାବୁଜୀଙ୍କ ସ୍ୱପ୍ନକୁ ସାକାର କରିଛନ୍ତି। ଗତ ୧୧ ବର୍ଷ ମଧ୍ୟରେ ମୋଦିଜୀଙ୍କ ନେତୃତ୍ୱରେ ସମାଜର ବଞ୍ଚିତ ଏବଂ ପଛୁଆ। ବର୍ଗର କଲ୍ୟାଣ ସହିତ ସେମାନଙ୍କ ପାଇଁ ପ୍ରତିନିଧିତ୍ୱ ନେବାର ବ୍ୟବସ୍ଥା ସୃଷ୍ଟି ହୋଇଛି। ଏହା ହିଁ ବାବୁଜୀଙ୍କ ସାମାଜିକ ସମନ୍ୱୟର ପ୍ରତିଫଳନ, ଯାହାକୁ ମୋଦିଜୀ ପୂରଣ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ପୂର୍ବତନ ରାଜ୍ୟପାଳ କଳରାଜ ମିଶ୍ର, କେନ୍ଦ୍ରମନ୍ତ୍ରୀ ଜିତିନ ପ୍ରସାଦ, ଉତ୍ତରପ୍ରଦେଶର ଦୁଇ ଉପ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ବିଜେପିର ବରିଷ୍ଠ ନେତ୍ରୀ ଉମା ଭାରତୀ ଉପସ୍ଥିତ ଥିଲେ।

# ହୋମଗାର୍ଡ ସଂଘ ସଭାପତିଙ୍କ ଆତ୍ମାହୁତି ଧମକ

**ଭୁବନେଶ୍ୱର, ୨୧।୮ (ସ୍ୱାଧିକାର ନ୍ୟୁଜ) :** ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତାଙ୍କ ସମସ୍ୟାର ସମାଧାନ ନ କଲେ ଓଡ଼ିଶା ହୋମଗାର୍ଡ ସଂଘର ସଭାପତି ରଞ୍ଜନ କୁମାର ମଲ୍ଲିକ ଅଗଷ୍ଟ ୨୫ ତାରିଖରେ ବିଧାନସଭା ସମ୍ମୁଖରେ ଆତ୍ମଦାହ କରିବାକୁ ଧମକ ଦେଇଛନ୍ତି।



ଏକ ଭିଡିଓ ବାର୍ତ୍ତାରେ, ସେ ପୁରୁଣା ଓଡ଼ିଶା ହୋମଗାର୍ଡ ଆଇନ, ୧୯୬୧କୁ ମୌଳିକ ଅଧିକାରରୁ ବଂଚିତ କରିବା ପାଇଁ ସମାଲୋଚନା କରିଛନ୍ତି। ସେ ପେନସନର ଅନୁପସ୍ଥିତି, କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଏବଂ ପର୍ଯ୍ୟାପ୍ତ ଛୁଟି ଭଳି ପ୍ରସଙ୍ଗ ଉପରେ ଆଲୋକପାତ କରିଛନ୍ତି।

ଏପରିକି ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ଏବଂ ତାଙ୍କୁ ମୃତ୍ୟୁ ଧମକ ମଧ୍ୟ ମିଳିଥିବା ଅଭିଯୋଗ କରିଛନ୍ତି। ଆଗାମୀ ପାଞ୍ଚ ଦିନ ମଧ୍ୟରେ ମୋ ଜୀବନ ପ୍ରତି ବିପଦ ଥିବା ମୁଁ ସନ୍ଦେହ କରୁଛି, ତେଣୁ ଆପଣଙ୍କ ସହିତ ସାକ୍ଷାତ କରିବା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ନିଜ ଭିଡିଓ ବାର୍ତ୍ତାରେ।

ଆହୁରି କହିଛନ୍ତି ଯେ ସେ ପଲିଗ୍ରାଫ୍ ପରୀକ୍ଷା ଦେବାକୁ ପ୍ରସ୍ତୁତ ଅଛନ୍ତି, ଯଦି ଭୁଲ ପ୍ରମାଣିତ ହୁଏ ତେବେ ସେ ଯେକୌଣସି ଦଣ୍ଡ ଗ୍ରହଣ କରିବେ ବୋଲି ଦୃଢ଼ୋକ୍ତି କରିଛନ୍ତି। ଗୃହରକ୍ଷୀଙ୍କ ଅବସ୍ଥା ବିଷୟରେ ରାଷ୍ଟ୍ରପତିଙ୍କୁ ଭୁଲ ତଥ୍ୟ ପ୍ରଦାନ କରୁଥିବା କର୍ତ୍ତୃପକ୍ଷଙ୍କ ଉପରେ ମଧ୍ୟ ଅଭିଯୋଗ କରିଛନ୍ତି। ସେ ଏହି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଚିଠି ଲେଖିଛନ୍ତି।

Printed, Published & Owned by Sandhyarani Pati, Printed at Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin : 751001, Published at : Ekanakhandi, Kendrapara, Dist- Kendrapara, Odisha, Pin : 754211, Ph. No : 09937054455, Corporate Office : VA-23/1, Unit-2, Bhubaneswar - 751009, Dist - Khordha (Odisha) Ph. No.: (0674) 2533445, Fax - 2533446
Editor : Akshaya Kumar Pati
● ସଂପାଦକ : ଅକ୍ଷୟ କୁମାର ପତି